## ବିଶେଷ ସୂଚନା

ଯଦି ଆପଣ ଖବରକାଗଜରେ କୌଣସି ଖବର କିମ୍ବା ବିଜ୍ଞାପନ ଦେବା ପାଇଁ ଚାହୁଁଛନ୍ତି ତେବେ ଦିଆଯାଇଥିବା whatsapp ନମ୍ବରରେ ପଠାଇପାରିବେ କିମ୍ବା ମେଲ୍ କରିପାରିବେ।

7735333804
odishanishabda@gmail.com



# ଓଡ଼ିଶା ନିଶବ୍ଦ

ନିର୍ଭିକ ଓ ନିରପେକ୍ଷ ଖବର

ODISHA NISHABDA

epaper.odishanishabda.com

ORORI/26/A4490

ODISHA NISHABDA LIVE ଓଡ଼ିଶା ନିଶବ୍ଦ

Follow Us: odishanishabda odishanishabda

www.odishanishabda.com
epaper.odishanishabda.com

Vol–1 ■ Issue–14 ■ 1st-7th October. 2026 ■ Weekly ■ Bhubaneswar ■ Page–8 ■ Price–5.00 ■ ବର୍ଷ-୧ ■ ସଂଖ୍ୟା-୧୪ ■ ୧-୭ ଅକ୍ଟୋବର ୨୦୨୬ ■ ସାପ୍ତାହିକ ■ ଭୁବନେଶ୍ୱର ■ ପୃଷ୍ଠା-୮ ■ ମୂଲ୍ୟ-୫.୦୦


### ରାଜ୍ୟସ୍ତରୀୟ 'ଆଙ୍ଗନ୍ କା ଉତ୍ସବ'

# ନିଜେ ଖାଦ୍ୟ ପରଷିଲେ ମୁଖ୍ୟମନ୍ତ୍ରୀ

### ପିଲାମାନଙ୍କ ସହିତ କଥା ହେଲେ, ସ୍କୁଲ କିଟ୍ ପିନ୍ଧାଇଦେଲେ

### ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସର ଶ୍ରେୟ ଅଙ୍ଗନବାଡ଼ି ଓ ଆଶା କର୍ମୀମାନଙ୍କର

### ଏକ ସୁ-ପୋଷିତ ଓଡିଶା ପାଇଁ ସରକାର ପ୍ରତିବଦ୍ଧ: ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର:ଏକ ସୁ-ପୋଷିତ ଓଡିଶା ଗଠନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ମହିଳା ଓ ଶିଶୁମାନଙ୍କ ପୋଷଣରେ ଉନ୍ନତି ଆଣିବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଅଙ୍ଗନବାଡି ଓ ସ୍କୁଲ ଜରିଆରେ ଅନେକ ପୋଷଣ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ପୁରା ପରିବାରକୁ ସାମିଲ କରାଯାଉଛି। ପରିବାରର ମହିଳାମାନଙ୍କ ସହିତ ପୁରୁଷମାନଙ୍କୁ ମଧ୍ୟ ଶିଶୁର ପୌଷ୍ଟିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସଂଶ୍ଳିଷ୍ଟ କରାଯାଉଛି। ସଚେତନତା ଓ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଜରିଆରେ ଆମ ଓଡିଶାକୁ ନିଶ୍ଚିତ ଭାବରେ ଏକ ସୁ-ପୋଷିତ ଓଡିଶା ଭାବେ ପ୍ରତିଷ୍ଠିତ କରାଯିବ।

ସେ ପୁଣି କହିଥିଲେ ଯେ, ପୋଷଣ ମାସ ପାଳନ ଅବସରରେ ରାଜ୍ୟବ୍ୟାପୀ ୪୬ ଲକ୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଛି ଏବଂ ଆଧାର ଯାଞ୍ଚ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି। ଶିଶୁର ପ୍ରଥମ ୧୦୦୦ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ, ଶିଶୁଙ୍କ ସୂଚାରୁ ଲାଳନପାଳନରେ ମା'ମାନଙ୍କ ସହ ପିତା ଓ ପରିବାରର ଅନ୍ୟ ସଦସ୍ୟମାନଙ୍କ ସହଭାଗିତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏକ ସୁସ୍ଥ, ସୁନ୍ଦର ଓ ବିକଶିତ ଓଡ଼ିଶା ଗଠନ ପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ସେ ଆହ୍ୱାନ ଦେଇ କହିଥିଲେ ଯେ, ଏକ ସୁପୋଷିତ ଓଡିଶା ପାଇଁ ସରକାର ପ୍ରତିବଦ୍ଧ।

ସେ ଆହୁରି କହିଛନ୍ତି ଯେ, ତୃଣମୂଳ ସ୍ତରରେ ନିଃସ୍ୱାର୍ଥପର ସେବା ପ୍ରଦାନ କରି ରାଜ୍ୟରେ ଶିଶୁ ଟୀକାକରଣ, ଅନୁଷ୍ଠାନଗତ ପ୍ରସବ ବୃଦ୍ଧି ଏବଂ ଶିଶୁ ଓ ମାତୃ ମୃତ୍ୟୁହାର ଯଥେଷ୍ଟ ହ୍ରାସ କରିବାର ପ୍ରକୃତ ଶ୍ରେୟ ଆମର ଅଙ୍ଗନବାଡ଼ି କର୍ମୀ, ସହାୟିକା, ଇଘଗ ଓ ଆଶା କର୍ମୀମାନଙ୍କର। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୂର୍ବରୁ ଓଡ଼ିଶା ଦେଶରେ ଦ୍ୱିତୀୟ ସବୁଠାରୁ ଅଧିକ ଶିଶୁ ଓ ମାତୃ ମୃତ୍ୟୁହାର ଥିବା ରାଜ୍ୟ ଥିଲା, ମାତ୍ର ଆଜି ଏହି ଦୁଇଟି ମାପକାଠିରେ ରାଜ୍ୟ ଏକ ସନ୍ତୋଷଜନକ ସ୍ଥିତିରେ ପହଞ୍ଚିପାରିଛି। ସମାଜର ଅଧା ଜନସଂଖ୍ୟାଙ୍କ ମଙ୍ଗଳ ବିନା ବିକାଶ ଅସମ୍ଭବ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତିକରଣ ପାଇଁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା 'ସୁଭଦ୍ରା ଯୋଜନା', 'ଲକ୍ଷପତି ଦିଦି', 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଓ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ମୋଟ ବଜେଟର ଅତିକମରେ ୪୦ ପ୍ରତିଶତ କେବଳ ମହିଳାମାନଙ୍କ ପାଇଁ ଖର୍ଚ୍ଚ ହେଉଛି ବୋଲି ସେ ପ୍ରକାଶ କରିଥିଲେ।

ରାଜ୍ୟରେ ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ନିଃଶୁଳ୍କ କରାଯାଇଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇ କହିଥିଲେ ଯେ, ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ନାତକୋତ୍ତର (ଗ.ଇ.) ପର୍ଯ୍ୟନ୍ତ ଶିକ୍ଷା ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯାଇଛି। ସେହିପରି ଜନ୍ମିତ ଶିଶୁ କନ୍ୟାମାନେ ସ୍ନାତକ ଶିକ୍ଷା ସମାପ୍ତ କଲେ ସେମାନଙ୍କୁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମିଳିବ। ସ୍ୱାସ୍ଥ୍ୟ କ୍ଷେତ୍ରରେ 'ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ମାଧ୍ୟମରେ ଦେଶର ବଛା ବଛା ବେସରକାରୀ ହସ୍ପିଟାଲରେ କ୍ୟାସଲେସ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅଙ୍ଗନବାଡି ପିଲାମାନଙ୍କୁ ସ୍କୁଲ କିଟ୍ ବଣ୍ଟନ କରିବା ସହ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରଦର୍ଶନ ପାଇଁ ବାପାମାନଙ୍କୁ ପୁରସ୍କୃତ କରିଥିଲେ। ଏହା ସହ ଅଙ୍ଗନବାଡି କର୍ମୀ, ସହାୟିକା ଓ ଆଶା କର୍ମୀମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟମନ୍ତ୍ରୀ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି 'ତ୍ରିରଙ୍ଗା ଥାଳି' ଓ ଗରମ ରନ୍ଧା ଖାଦ୍ୟର ଗୁଣବତ୍ତା ଅନୁଧ୍ୟାନ କରିଥିଲେ ଏବଂ ପିଲାମାନଙ୍କୁ ଖାଦ୍ୟ ମଧ୍ୟ ପରଷି ଥିଲେ ।

# ୬ବର୍ଷ ପରେ ଖୋଲିଲା ଶ୍ରୀଗୁଣ୍ଡିଚା ମନ୍ଦିର ! ଦର୍ଶନ କଲେ ଭକ୍ତ



**ପୁରୀ :** ଖୋଲିଲା ଗୁଣ୍ଡିଚା ମନ୍ଦିର, ଭକ୍ତ ଦର୍ଶନ କଲେ ଜନ୍ମ ବେଦୀ । ସରିଛି ଛଅ ବର୍ଷର ପ୍ରତୀକ୍ଷା। ଗୁଣ୍ଡିଚା ମନ୍ଦିରକୁ ପ୍ରବେଶର ସୁଯୋଗ ପାଇଲେ ଭକ୍ତ। ଶ୍ରୀମନ୍ଦିର ପ୍ରଶାସନର ଘୋଷଣା ମୁତାବକ, ଆଜିଠାରୁ ସର୍ବସାଧାରଣ ପ୍ରବେଶ ପାଇଁ ଉନ୍ମୁକ୍ତ ହୋଇଛି ଗୁଣ୍ଡିଚା ମନ୍ଦିର । ସକାଳ ୬ଟାରୁ ସନ୍ଧ୍ୟା ୫ଟା ଯାଏ ପ୍ରବେଶ ସୁବିଧା ମିଳିବ। ୩ ତିନି ଦିନ ପର୍ଯ୍ୟନ୍ତ ଭକ୍ତମାନେ ମାଗଣାରେ ପ୍ରବେଶ ସୁଯୋଗ ପାଇବେ। ଏହାପରେ ଭକ୍ତଙ୍କୁ ଗୁଣ୍ଡିଚା ମନ୍ଦିର ପ୍ରବେଶ ପାଇଁ ୧୦ ଟଙ୍କାର ଟିକେଟ୍ କିଣିବାକୁ ପଡ଼ିବ । ଭକ୍ତମାନେ ସିଂହଦ୍ୱାର ଦେଇ ପ୍ରବେଶ କରିବେ । ମୋବାଇଲ୍ ଓ ଜୋତା ଷ୍ଟାଣ୍ଡର ସୁବିଧା ଉପଲବ୍ଧ ହୋଇଛି। ମାଗଣାରେ ଜୋତା ଓ ମୋବାଇଲ୍ ରଖି ଧାଡ଼ିରେ ସିଂହଦ୍ୱାର ଦେଇ ପ୍ରବେଶ କରୁଛନ୍ତି ଭକ୍ତ ।

୮୦ବର୍ଷରୁ ଊର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷ, ୫ ବର୍ଷରୁ କମ୍ ଶିଶୁ ଓ ଦିବ୍ୟାଙ୍ଗଙ୍କ ପାଇଁ ଟିକେଟ୍ ଲାଗୁ ହେବ ନାହିଁ। ଦିବ୍ୟାଙ୍ଗ, ମହିଳା ଓ ବୟୋଜ୍ୟେଷ୍ଠମାନଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା ରହିବ। ଭକ୍ତମାନେ ସିଂହଦ୍ୱାର ଦେଇ ଗୁଣ୍ଡିଚା ମନ୍ଦିର ଭିତର କାଠ ପର୍ଯ୍ୟନ୍ତ ଯାଇପାରିବେ । ସେହିଠାରୁ ହିଁ ମହାପ୍ରଭୁଙ୍କ ଜନ୍ମବେଦୀ ଦର୍ଶନ କରିବେ। ଉଭୟ ପ୍ରବେଶ ଓ ପ୍ରସ୍ଥାନ ସମାନ ଦ୍ୱାରରେ ବ୍ୟବସ୍ଥିତ କରାଯାଇଛି।୨୦୨୦ରେ କୋଭିଡ୍ ଯୋଗୁଁ ଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କ ପ୍ରବେଶରେ ରୋକ୍ ଲଗାଯାଇଥିଲା। ଅଥଚ କୋଭିଡ୍ ପ୍ରଶମିତ ହେବା ପରେ, ଆଉ ଭକ୍ତଙ୍କୁ ଗୁଣ୍ଡିଚା ମନ୍ଦିର ପ୍ରବେଶର ସୁବିଧା ମିଳିନଥିଲା । ଭକ୍ତମାନେ ଦର୍ଶନ ପାଇଁ ଆସୁଥିଲେ ମଧ୍ୟ ଦ୍ୱାର ନିକଟରୁ ଲେଉଟି ଯାଉଥିଲେ ।

# ଦରମାରୁ ୫ ଲକ୍ଷ ଦେଲେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ



**ଧର୍ମଶାଳା :** ବିରଳ ସ୍ନାୟୁଜନିତ ରୋଗରେ ପୀଡ଼ିତ ୧୬ ମାସର ଶିଶୁକନ୍ୟାର ଜୀବନ ରକ୍ଷା ପାଇଁ ମାନବିକତାର ହାତ ବଢ଼ାଇଛନ୍ତି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ। ଶିଶୁଟିର ଚିକିତ୍ସା ପାଇଁ ସେ ନିଜ ଦରମାରୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅରେଇକଣା ପଞ୍ଚାୟତର ରମାପୁର ଗ୍ରାମର ମୁକେଶ ଚନ୍ଦ୍ର ରାୟଙ୍କ ୧୬ ମାସର କନ୍ୟା ତ୍ରିଶିକା ଏକ ବିରଳ ଓ ଗୁରୁତର ରୋଗ 'ସ୍ପାଇନାଲ୍ ମସ୍କୁଲାର ଆଟ୍ରୋଫି (SMA) ଟାଇପ୍-୨'ରେ ପୀଡ଼ିତ ଅଛନ୍ତି। ଶିଶୁଟିର ଉପଯୁକ୍ତ ଚିକିତ୍ସା ଓ ଜୀବନରକ୍ଷାକାରୀ ଔଷଧ ପାଇଁ ପ୍ରାୟ ୧୬ କୋଟି ଟଙ୍କା ଆବଶ୍ୟକ ବୋଲି ପରିବାର ପକ୍ଷରୁ କୁହାଯାଇଛି।

ଆର୍ଥିକ ଅନଟନ ଯୋଗୁଁ ଏତେ ବିପୁଳ ଚିକିତ୍ସା ଖର୍ଚ୍ଚ ବହନ କରିବା ପରିବାର ପକ୍ଷେ ସମ୍ଭବ ହୋଇନଥିବାରୁ ସେମାନେ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିକଟରେ ସହାୟତା ପାଇଁ ନିବେଦନ କରିଥିଲେ। ପରିବାରର ଦୁର୍ଦ୍ଦଶା ସମ୍ପର୍କରେ ଜାଣିବା ପରେ ବିଧାୟକ ନିଜ ଦରମାରୁ ୫ ଲକ୍ଷ ଟଙ୍କା ଶିଶୁଟିର ଚିକିତ୍ସା ପାଇଁ ପ୍ରଦାନ କରିଛନ୍ତି। ଏଥିସହ ତ୍ରିଶିକାର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଶିଶୁଟିର ଜୀବନ ରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସହାୟତା ଯୋଗାଇଦେବାକୁ ସେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବେ ବୋଲି ଜଣାଇଛନ୍ତି।

ଏଥିସହ ତ୍ରିଶିକାକୁ ନୂଆ ଜୀବନ ଦେବା ପାଇଁ ଆବଶ୍ୟକ ଅର୍ଥ ସଂଗ୍ରହରେ ସହଯୋଗ କରିବାକୁ ସାମାଜିକ ଗଣମାଧ୍ୟମ ଜରିଆରେ ସମସ୍ତ ସହୃଦୟ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଂଗଠନ ଓ ସାଧାରଣ ଜନତାଙ୍କୁ ବିଧାୟକ ଶ୍ରୀ ସାହୁ ଆହ୍ୱାନ ଦେଇଛନ୍ତି।

# ଓଡ଼ିଶାରେ ୩,୨୮୦ କୋଟିର ନିବେଶ

### ସୃଷ୍ଟି ହେବ ୧୦,୬୬୧ ନୂଆ ନିଯୁକ୍ତି




**ଭୁବନେଶ୍ୱର :** ରାଜ୍ୟର ବିଭିନ୍ନ କ୍ଷେତ୍ରରେ ୩ ହଜାର ୨୮୦ କୋଟି ଟଙ୍କାର ନିବେଶ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଅନୁମୋଦନ । ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୫୦ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ୧୯ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏହାଦ୍ୱାରା ରାଜ୍ୟରେ ୧୦ ହଜାର ୬୬୧ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ରାଜ୍ୟର ଶିଳ୍ପ ପରିବେଶକୁ ସୁଦୃଢ଼ କରିବା ସହ ମୂଲ୍ୟଯୁକ୍ତ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ସହ ବିଭିନ୍ନ ଅଞ୍ଚଳର ନୂଆ ନିଯୁକ୍ତି ସୃଷ୍ଟି କରିବାରେ ସହାୟକ ହେବ । ଅନୁମୋଦିତ ପ୍ରକଳ୍ପ ଗୁଡ଼ିକ ବୟନ ଓ ପୋଷାକ, ଖାଦ୍ୟ ପ୍ରକ୍ରିୟାକରଣ, ଇସ୍ପାତ ଡାଉନଷ୍ଟ୍ରିମ, ଗ୍ଲୋବାଲ କ୍ୟାପାବିଲିଟି ସେଣ୍ଟର, ଜୈବ ଇନ୍ଧନ, ରାସାୟନିକ ଓ ରାସାୟନିକ ଉତ୍ପାଦ, ପ୍ଲାଷ୍ଟିକ ଓ ପର୍ଯ୍ୟଟନ କ୍ଷେତ୍ର ଆଦିକୁ ଅନ୍ତର୍ଭୁକ୍ତ କରିବ । ଏହି ଶିଳ୍ପ ପ୍ରକଳ୍ପ ଗୁଡ଼ିକ ଅନୁଗୁଳ, ଦେବଗଡ଼, ଗଞ୍ଜାମ, ଜଗତସିଂହପୁର, ଝାରସୁଗୁଡ଼ା, କଟକ, ଖୋର୍ଦ୍ଧା, କୋରାପୁଟ, ପୁରୀ ଓ ସୁନ୍ଦରଗଡ଼ ଜିଲ୍ଲା ଆଦି ଜିଲ୍ଲାରେ କାର୍ଯ୍ୟକାରୀ ହେବ।

### ■ ପକ୍ସୋ କୋର୍ଟଙ୍କ ଆଖିଦୃଶିଆ ରାୟ !

# ଦୁଷ୍କର୍ମ ମାମଲାରେ ୨୦ ବର୍ଷ ଜେଲ, ୨୦ହଜାର ଜରିମାନା



**ବାରିପଦା :** ବାରିପଦା ପୋକ୍ସୋ କୋର୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ପ୍ରକାଶ ପାଇଛି। ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ଅଶୋକ ରାଉଳକୁ ୨୦ ବର୍ଷର ଜେଲଦଣ୍ଡ ସହିତ ୨୦ ହଜାର ଟଙ୍କା ଜରିମାନା କରାଯାଇଛି । ଜରିମାନା ଅନାଦେୟ ହେଲେ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ସେହିପରି ଅପହରଣ ମାମଲାରେ ଅତିରିକ୍ତ ୩ ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନା । ଅନାଦେୟ ହେଲେ ଆଉ ୬ ମାସ ଜେଲ୍ ଦଣ୍ଡ ନିର୍ଦ୍ଦେଶ ଦିଆଯାଇଛି।

୨୦୨୫ ଅକ୍ଟୋବର ୧୯ ତାରିଖରେ ନାବାଳିକା ଅପହରଣ ଓ ଦୁଷ୍କର୍ମ ନେଇ କରଞ୍ଜିଆ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ଅଶୋକ ରାଉଳ ନାବାଳିକାଙ୍କୁ ଅପହରଣ କରି ନିଜ ମାମୁଁ ଘରେ ରଖିବା ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖି ଅତ୍ୟାଚାର ଚଳାଇଥିଲେ । ଏହି ମାମଲାରେ ସମୁଦାୟ ୬ ଜଣ ସାକ୍ଷୀଙ୍କ ବୟାନ୍ ଓ ପ୍ରମାଣକୁ ଭିତ୍ତିକରି କୋର୍ଟ ଏହି ରାୟ ପ୍ରକାଶ କରିଛନ୍ତି ।

# ଅତିଥି ଅଧ୍ୟାପକ ନିଯୁକ୍ତିକୁ ହାଇକୋର୍ଟଙ୍କ ଝଟ୍କା: ଅବସରପ୍ରାପ୍ତଙ୍କ ନିଯୁକ୍ତି ଉପରେ ଅନ୍ତରୀଣ ରହିତାଦେଶ



କଟକ: ଅତିଥି ଅଧ୍ୟାପକ ନିଯୁକ୍ତି ପ୍ରସଙ୍ଗରେ ହାଇକୋର୍ଟଙ୍କ ହସ୍ତକ୍ଷେପ । ଯୋଗ୍ୟ ବେକାର ଯୁବକଯୁବତୀଙ୍କୁ ସୁଯୋଗ ନଦେଇ ଅବସରପ୍ରାପ୍ତ ଶିକ୍ଷକ ଓ ଅଧ୍ୟାପକଙ୍କୁ ଅତିଥି ଶିକ୍ଷକ, ଅଧ୍ୟାପକ ଭାବେ ନିଯୁକ୍ତି ଦେବା ନିଷ୍ପତ୍ତି ବିରୋଧରେ ଦାୟର ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ହାଇକୋର୍ଟ । ରାଜ୍ୟ ସରକାରଙ୍କ ୨୦୨୫ ଅକ୍ଟୋବର ୨୩ର ବିଜ୍ଞପ୍ତି ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି ଅଦାଲତ ।

ଆବେଦନକାରୀଙ୍କ ଯୁକ୍ତି ଅନୁସାରେ, ନିୟମିତ ପ୍ରକ୍ରିୟାରେ ନିଯୁକ୍ତି ନଦେଇ ଅବସରପ୍ରାପ୍ତ ଶିକ୍ଷକ ଓ ଅଧ୍ୟାପକଙ୍କୁ ଅତିଥି ଭାବେ ନିଯୁକ୍ତି ଦେବା ବେଆଇନ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ, ଏନ୍‌ସିଟିଇ ନିୟମାବଳୀ ଏବଂ ୟୁଜିସି ଗାଇଡ୍ ?ଲାଇନ୍ ?ର ଉଲ୍ଲଂଘନ କରି ଏପରି ନିଷ୍ପତ୍ତି ନିଆଯାଇଥିବା ମାମଲାରେ ଦର୍ଶାଯାଇଛି ।

ବେକାର ଉଚ୍ଚଶିକ୍ଷିତ ଯୁବବର୍ଗଙ୍କୁ ନିଯୁକ୍ତିରୁ ବଞ୍ଚିତ କରି ଅବସରପ୍ରାପ୍ତଙ୍କୁ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦେବା ଦ୍ୱାରା ସମସ୍ୟା ସୃଷ୍ଟି ହେଉଥିବା ଦର୍ଶାଇ ୨୦୨୫ରେ ମାମଲା ଦାୟର ହୋଇଥିଲା । ଏହା ପରେ ଉଚ୍ଚଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ ୪୮୮ ଓ ୬୬୨ ଅନୁଦାନପ୍ରାପ୍ତ କଲେଜ ଏବଂ ସଂସ୍କୃତ ମହାବିଦ୍ୟାଳୟରେ ଅବସରପ୍ରାପ୍ତଙ୍କୁ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହାକୁ ବିରୋଧ କରି ଷ୍ଟେଟ୍ ସିଲେକ୍ସନ ବୋର୍ଡ ଜରିଆରେ ଯୋଗ୍ୟ ପ୍ରାର୍ଥୀଙ୍କ ନିଯୁକ୍ତି ଦାବିରେ ୨୦୨୬ରେ ସାନି ଆବେଦନ ଦାୟର ହୋଇଥିଲା । ଏହି ସମସ୍ତ ମାମଲାର ଏକାଠି ଶୁଣାଣି କରିଛନ୍ତି ହାଇକୋର୍ଟ ।

# ସିଏଜି ରିପୋର୍ଟ: ଡିଏମଏଫ୍ ପାଣ୍ଠି ଖର୍ଚ୍ଚରେ ବ୍ୟାପକ ହେରଫେର



**ଭୁବନେଶ୍ୱର :** ସିଏଜି ରିପୋର୍ଟରୁ ପର୍ଦ୍ଦାଫାଶ ହୋଇଛି ବଡ଼ ଧରଣର ସାଂଘାତିକ ସତ। ରାଜ୍ୟରେ ବିକାଶ ନାଁରେ କିଭଳି ଚାଲିଥିଲା ବ୍ୟାପକ ଅନିୟମିତତା, ତାର କଳା ଚିଠା ଏବେ ସାମ୍ନାକୁ ଆସିଛି । ଡିଏମ୍ଏଫ୍ ପାଣ୍ଠି ହେଉ ବା ଚର୍ଚ୍ଚିତ ଫାଇଭ-ଟି ସ୍କୁଲ ରୂପାନ୍ତରଣ, ଇ-ଓ୍ୱେ ବିଲ୍‌ରୁ ନେଇ ପାନୀୟ ଜଳ ଯୋଗାଣ ଯୋଜନା, ପ୍ରତିଟି କ୍ଷେତ୍ରରେ ନିୟମକୁ ଜଳାଞ୍ଜଳି ଦେଇ ହୋଇଛି ହେରଫେର୍ । ବିଧାନସଭାରେ ଉପସ୍ଥାପିତ ୬ଟି ଅଡିଟ୍ ରିପୋର୍ଟ ଏବେ ରାଜ୍ୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି।

ଖଣି ପ୍ରଭାବିତ ଅଞ୍ଚଳର ଲୋକଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ଡିଏମ୍ଏଫ୍ ପାଣ୍ଠିରୁ କୋଟି କୋଟି ଟଙ୍କାର ଅନିୟମିତତା। ସ୍କୁଲ ରୂପାନ୍ତରଣ ନାଁରେ କୋଟି କୋଟିର ଫାଇଭ-ଟି ଖର୍ଚ୍ଚ, ଇ-ଓ୍ୱେ ବିଲ୍ ଯାଞ୍ଚରେ ତ୍ରୁଟି ଏବଂ ପାନୀୟ ଜଳ ଯୋଗାଣରେ ବ୍ୟାପକ ଗୋଳମାଳ। ସିଏଜି ଅର୍ଥାତ୍ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲଙ୍କ ୬ଟି ଅଡିଟ୍ ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ହେବା ପରେ ଏଭଳି ତଥ୍ୟ ସାମନାକୁ ଆସିଛି।

ରିପୋର୍ଟର ସବୁଠାରୁ ଚାଞ୍ଚଲ୍ୟକର ଦିଗ ହେଉଛି, ୨୦୧୫ରୁ ୨୦୨୪, ଏହି ଦୀର୍ଘ ୧୦ ବର୍ଷ ଭିତରେ ଖଣିଜ ପାଣ୍ଠିର ବିନିଯୋଗ। ଖଣି ପ୍ରଭାବିତ ଗରିବ ଜନସାଧାରଣ, ଆଦିବାସୀଙ୍କ ମୌଳିକ ସୁବିଧା ପାଇଁ ଉଦ୍ଦିଷ୍ଟ ଟଙ୍କା କୁଆଡ଼େ ଗଲା ? ନିର୍ଦ୍ଦିଷ୍ଟ ନିୟମାବଳୀକୁ ଉଲ୍ଲଂଘନ କରି କେଉଁ କ୍ଷେତ୍ରରେ ଏହି ପାଣ୍ଠି ଖର୍ଚ୍ଚ ହେଲା, ସେ ନେଇ ସିଏଜି ପ୍ରଶ୍ନବାଣ ମାରିଛନ୍ତି । ଯେଉଁ ପାଣ୍ଠି ସ୍ୱାସ୍ଥ୍ୟ, ଶିକ୍ଷା ଓ ବିଶୁଦ୍ଧ ପାନୀୟ ଜଳ ପାଇଁ ଲାଗିବା କଥା, ସେଠାରେ ହୋଇଛି ବେହିସାବି ଖର୍ଚ୍ଚ ଓ ସାଂଘାତିକ ହେରଫେର୍ । କେବଳ ଡିଏମ୍ଏଫ୍ ନୁହେଁ, ପୂର୍ବ ସରକାରଙ୍କ ସମୟର ସବୁଠାରୁ ଚର୍ଚ୍ଚିତ 'ଫାଇଭ-ଟି ହାଇସ୍କୁଲ ରୂପାନ୍ତରଣ ଯୋଜନାକୁ ନେଇ ମଧ୍ୟ ସିଏଜି ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ଡିଏମ୍ଏଫ୍ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଛି । ଆଇନ ବାହାରକୁ ଯାଇ ମନଇଚ୍ଛା ପାଣ୍ଠି ଖର୍ଚ୍ଚ କରାଯାଇଛି। ଅଯୋଗ୍ୟ ପ୍ରକଳ୍ପକୁ ଟଙ୍କା ଦିଆଯାଇଛି। ଶେଷ ହୋଇନଥିବା ପ୍ରକଳ୍ପରୁ ଟଙ୍କା ଫେରସ୍ତ ଅଣାଯାଇନାହିଁ । ଆବଶ୍ୟକତାଠାରୁ ଅଧିକ ଅର୍ଥ ଦିଆଯାଇଛି।





## କେଦାରନାଥ ଭୂସ୍ଖଳନ

# ୪ହଜାର ପର୍ଯ୍ୟଟକ ଫସିଲେ



**ରୁଦ୍ରପ୍ରୟାଗ:** ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲା ଅଧୀନରେ ଥିବା କେଦାରନାଥ ପୀଠ ପର୍ଯ୍ୟଟନ ମାର୍ଗରେ ଏକ ବଡ଼ ଧରଣର ଭୂସ୍ଖଳନ ଘଟିବା ଯୋଗୁଁ ପ୍ରାୟ ୪,୦୦୦ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ବିଭିନ୍ନ ସ୍ଥାନରେ ଫସି ରହିଛନ୍ତି। ପାହାଡ଼ ପାର୍ଶ୍ୱରୁ କ୍ରମାଗତ ଭାବେ ବଡ଼ ବଡ଼ ମାଟି ଓ ପଥର ଅତଡ଼ା ଧସିବା ଜାରି ରହିଥିବାରୁ ଯାତାୟାତ ମାର୍ଗକୁ ସଫା କରିବା ପାଇଁ ପ୍ରଶାସନିକ ସ୍ତରରେ ବହୁ ସମସ୍ୟା ସୃଷ୍ଟି ହୋଇଛି। ପ୍ରତିକୂଳ ପାଣିପାଗ ଏବଂ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ରବିବାର ସରକାରୀ ସ୍ତରରେ କେଦାରନାଥ ଯାତ୍ରାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି ଏବଂ ସମସ୍ତ ହେଲିକପ୍ଟର ସେବାକୁ ମଧ୍ୟ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦିଆଯାଇଛି।

ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ରାଜ୍ୟର ଅନେକ ଜିଲ୍ଲା ପାଇଁ ଜରୁରୀକାଳୀନ ସତର୍କ ସୂଚନା ଜାରି କରାଯାଇଛି। ରାଜ୍ୟର ଡେରାଡୁନ, ଟିହରୀ, ହରିଦ୍ୱାର ଏବଂ ପୌଡ଼ି ଜିଲ୍ଲା ପାଇଁ ଅତି ପ୍ରବଳ ବର୍ଷାର 'ରେଡ୍ ଆଲର୍ଟ' ଜାରି ହୋଇଛି। ଅନୁରୂପ ଭାବେ ଉତ୍ତରକାଶୀ, ଚମୋଲି, ନୈନିତାଲ ଏବଂ ରୁଦ୍ରପ୍ରୟାଗ ଜିଲ୍ଲା ପାଇଁ 'ଅରେଞ୍ଜ ଆଲର୍ଟ' ଲାଗୁ କରାଯାଇଛି। ଏହାବାଦ୍ ବାଗେଶ୍ୱର, ଅଲମୋଡ଼ା, ଚମ୍ପାୱତ, ଉଧମ ସିଂହ ନଗର ଏବଂ ପିଥୋରାଗଡ଼ ଜିଲ୍ଲା ପାଇଁ 'ୟେଲୋ ଆଲର୍ଟ' ଜାରି କରାଯାଇଛି। ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ସୁରକ୍ଷିତ ସ୍ଥାନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ପାକିସ୍ତାନ ପଟୁ ୨୮ ଆତଙ୍କବାଦୀଙ୍କୁ ନିପାତ କଲା ଆଫଗାନିସ୍ତାନ, ୩୨ ଆହତ



**କାବୁଲ:** ପାକିସ୍ତାନ ପଟରୁ ଆଫଗାନିସ୍ତାନ ପୂର୍ବ ପ୍ରଦେଶ ନୁରିସ୍ତାନରେ ଏକ ସଶସ୍ତ୍ର ଗୋଷ୍ଠୀ ପ୍ରବେଶ କରିବା ପରେ ଏହାର ସେନା ୨୮ ଜଣ ଆତଙ୍କବାଦୀଙ୍କୁ ନିପାତ କରିଛି ଓ ଅନ୍ୟ ୩୨ ଜଣ ଆହତ ହୋଇଥିବା ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟରବିବାର କହିଛି। ଏହି ଘଟଣା ଦୁଇ ପଡ଼ୋଶୀଙ୍କ ମଧ୍ୟରେ ପୂର୍ବରୁ ଖରାପ ହେଉଥିବା ସମ୍ପର୍କରେ ନୂତନ ବିବାଦ ଯୋଡ଼ିଛି। ଆଫଗାନିସ୍ତାନ କହିଛି ଯେ, ଆକ୍ରମଣ ଉଦ୍ଦେଶ୍ୟ ରଖି ଶନିବାର ଆତଙ୍କବାଦୀ ପାକିସ୍ତାନ ସୀମା ନିକଟବର୍ତ୍ତୀ କାମଦେଶ ଜିଲ୍ଲା ଦେଇ ପ୍ରବେଶ କରିଥିଲେ। ଆଫଗାନ୍ ସେନା ସେମାନଙ୍କ ବିରୋଧରେ ଏକ ଅପରେସନ ଆରମ୍ଭ କରି ୨୮ ଜଣଙ୍କୁ ନିପାତ କରିଥିଲେ। ମୃତ ଆତଙ୍କବାଦୀଙ୍କ ମଧ୍ୟରୁ ଅଧିକାଂଶ ୨୦୨୧ରେ ତାଲିବାନ୍ ଦ୍ୱାରା ଗାଦିଚ୍ୟୁତ ହୋଇଥିବା ପୂର୍ବ ସରକାର ଅଧୀନରେ କାମ କରିଥିଲେ। ଆଫଗାନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ଆହୁରି ମଧ୍ୟ ଅଭିଯୋଗ କରିଛି ଯେ, ଆତଙ୍କୀମାନଙ୍କୁ ପାକିସ୍ତାନୀ ମିଲିସିଆମାନେ ସମର୍ଥନ କରିଥିଲେ ଓ ଯୁଦ୍ଧ ଆରମ୍ଭ ହେବା ପରେ ପାକିସ୍ତାନୀ ସଶସ୍ତ୍ର କର୍ମଚାରୀମାନେ ସେଠାରୁ ଖସି ଯାଇଥିଲେ। ଆଫଗାନ୍ ଆକ୍ରମଣରୁ ବର୍ତ୍ତିଯାଇଥିବା ଆତଙ୍କବାଦୀମାନେ ଶେଷରେ ପାକିସ୍ତାନୀ ମିଲିସିଆ ସ୍ଥାନ ଆଡ଼କୁ ପଳାଇ ଯାଇଥିଲେ।

# ପାକିସ୍ତାନରେ ୭୩ ବେଲୁଚିସ୍ତାନ ଆତଙ୍କବାଦୀଙ୍କୁ ହତ୍ୟା




**କରାଚୀ:** ପାକିସ୍ତାନ ସୁରକ୍ଷା ବାହିନୀ ଗତ କିଛି ଦିନ ମଧ୍ୟରେ ୭୩ ଜଣ ବେଲୁଚିସ୍ତାନ ଆତଙ୍କବାଦୀଙ୍କୁ ହତ୍ୟା କରିଛି। ପାକିସ୍ତାନ ସେନାର ମିଡିଆ ଶାଖା ଇଣ୍ଟର-ସର୍ଭିସ ପବ୍ଲିକ ରିଲେସନ୍ସ (ଆଇଏସ୍‌ପିଆର) କହିଛି ଯେ, ଗତ ୯୬ ଘଣ୍ଟା ମଧ୍ୟରେ କ୍ୱେଏଟା, ଜିଆରତ୍, ନୋସ୍କି ଓ ତୁମ୍ପ ଜିଲ୍ଲାର ମନ୍ଦ ଅଞ୍ଚଳରେ ନିଷିଦ୍ଧ ଆତଙ୍କବାଦୀ ସଙ୍ଗଠନର ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ଆଇଏସ୍‌ପିଆର କହିଛି ଯେ, କ୍ୱେଏଟାର ଶାହବାନ୍ ଅଞ୍ଚଳରେ ଲୁଚି ରହିଥିବା ଆତଙ୍କବାଦୀଙ୍କ ଆଡ୍ଡା ଉପରେ ଆକ୍ରମଣ ପରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୩୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ବିସ୍ଫୋରକ ଜବତ ହୋଇଛି। ୨୧ ସେପ୍ଟେମ୍ବରରେ ଆତଙ୍କବାଦୀଙ୍କ ବିରୋଧରେ ଆରମ୍ଭ ହୋଇଥିବା ଅପରେସନ ଗତ ୭୨ଘଣ୍ଟା ଭିତରେ ଅଧିକ ବ୍ୟାପକ କରାଯାଇଥିବାବେଳେ ୨୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଶୁକ୍ରବାର ନୋସ୍କିରେ ଅନ୍ୟ ଏକ ଅପରେସନରେ ୧୧ ଆତଙ୍କବାଦୀ ନିହତ ହୋଇଛନ୍ତି। ମନ୍ଦରେ ୬ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କଠାରୁ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

# ବିଦ୍ୟୁତ୍ ବିଲ୍‌ରେ ଆସିବ ଟ୍ରାଫିକ୍ ଚାଲାଣ !



**ନୂଆଦିଲ୍ଲୀ :** ବକେୟା ଟ୍ରାଫିକ୍ ଚାଲାଣ ଆଦାୟ ପାଇଁ କର୍ତ୍ତୃପକ୍ଷମାନେ ଦୃଢ଼ ଓ ପ୍ରଭାବୀ ପଦକ୍ଷେପ ନେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। କେବଳ ଇ-ଚାଲାଣ ଜାରି କରିଦେଲେ ହେବ ନାହିଁ, ଏହାର ପ୍ରକୃତ ଆଦାୟ କିପରି ହେବ ସେଥିପାଇଁ ବ୍ୟବସ୍ଥା କରିବାକୁ କୋର୍ଟ ଗୁରୁତ୍ୱ ଦେଇଛନ୍ତି। ଶୁଣାଣି ସମୟରେ ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା କହିଥିଲେ ଯେ, ଯଦି ଲୋକେ ଟ୍ରାଫିକ୍ ଚାଲାଣ ଦେଉନାହାନ୍ତି, ତେବେ ଅନ୍ୟ ସରକାରୀ ବକେୟା ସହ ଏହାକୁ ଯୋଡ଼ି ଆଦାୟ କରିବାର ଉପାୟ ବିଚାର କରାଯାଇପାରେ। ଏହି ପରିପ୍ରେକ୍ଷୀରେ ବିଦ୍ୟୁତ୍ ବିଲ୍‌ରେ ବକେୟା ଚାଲାଣ ଅର୍ଥ ଯୋଡ଼ିବାର ପ୍ରସ୍ତାବ ମଧ୍ୟ ସେ ଦେଇଥିଲେ।

କୋର୍ଟ କହିଥିଲେ, ଯଦି ଲୋକେ ଟ୍ରାଫିକ୍ ଚାଲାଣ ଦେଉନାହାନ୍ତି, ତେବେ ଏହାକୁ ବିଦ୍ୟୁତ୍ ବକେୟା ବିଲ୍‌ରେ ଯୋଡ଼ାଯାଇପାରେ। ବିଦ୍ୟୁତ୍ ବିଲ୍ ନଦେଲେ ବିଦ୍ୟୁତ୍ ସଂଯୋଗ କଟିଯିବାର ଆଶଙ୍କା ଥିବାରୁ ଲୋକେ ବିଲ୍ ପୈଠ କରିବେ। ଦେଶର ବାସ୍ତବ ପରିସ୍ଥିତିକୁ ଦେଖି ଏଭଳି ସମାଧାନ ଖୋଜିବାକୁ ପଡ଼ିବ ବୋଲି କୋର୍ଟ ମତ ଦେଇଥିଲେ। କୋର୍ଟଙ୍କୁ ଅବଗତ କରାଯାଇଥିଲା ଯେ, ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରାୟ ୪୫,୦୦୦ କୋଟି ଟଙ୍କାର ଇ-ଚାଲାଣ ବକେୟା ରହିଛି। ଏଥିରୁ ପ୍ରାୟ ୨୫,୦୦୦ କୋଟି ଟଙ୍କା ଆଦାୟ ହୋଇସାରିଛି। ଜଷ୍ଟିସ୍ ପର୍ଦ୍ଦିୱାଲା କହିଥିଲେ ଯେ, ହଜାର ହଜାର କିମ୍ବା ଲକ୍ଷ ଲକ୍ଷ ଇ-ଚାଲାଣ ଜାରି କରିବା ସହଜ, କିନ୍ତୁ ଏହି ଜରିମାନା ଅର୍ଥ ପ୍ରକୃତରେ ଆଦାୟ କରିବା ହିଁ ମୁଖ୍ୟ ସମସ୍ୟା। ତେଣୁ ବାସ୍ତବ ପରିସ୍ଥିତିକୁ ଦୃଷ୍ଟିରେ ରଖି ଉପାୟ ବାହାର କରିବାକୁ ସେ କହିଥିଲେ। ବକେୟା ଚାଲାଣ ଥିବା ଗାଡ଼ିର ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ (ଜଉ) ନବୀକରଣ ରୋକିବା ଭଳି ପଦକ୍ଷେପ ନିଆଯାଇପାରେ ବୋଲି କୋର୍ଟ କହିଥିଲେ। ଏଭଳି ଗାଡ଼ି ପାଇଁ ଡୁପ୍ଲିକେଟ୍ RC ଜାରି ବନ୍ଦ କରିବା ଏବଂ ଗାଡ଼ିର ମାଲିକାନା ହସ୍ତାନ୍ତର ମଧ୍ୟ ରୋକିବା ବିଷୟରେ ବିଚାର କରାଯାଇପାରେ।

ସେହିପରି ବକେୟା ଚାଲାଣ ପୈଠ ନହେବା ପର୍ଯ୍ୟନ୍ତ ଗାଡ଼ିର ଫିଟନେସ୍ ସାର୍ଟିଫିକେଟ୍ ଜାରି ନକରିବା ଏବଂ ଚବକ୍ସସଙ୍ଗବଷବଭ ପୋର୍ଟାଲରେ ଏଭଳି ଗାଡ଼ିକୁ ବ୍ଲାକ୍‌ଲିଷ୍ଟ କରିବା ଭଳି ପଦକ୍ଷେପ ମଧ୍ୟ ଆଲୋଚନା ହୋଇଥିଲା। ବକେୟା ଚାଲାଣ ସହ ଜଡ଼ିତ ଡ୍ରାଇଭିଂ ଲାଇସେନ୍ସର ନବୀକରଣ ରୋକିବା ବିଷୟରେ ମଧ୍ୟ କୋର୍ଟ ଉଲ୍ଲେଖ କରିଥିଲେ। ଏହା ବ୍ୟତୀତ ପୂର୍ବରୁ ଜାରି ହୋଇଥିବା ଡ୍ରାଇଭିଂ ଲାଇସେନ୍ସକୁ ସସ୍ପେଣ୍ଡ କରିବା, ବକେୟା ଚାଲାଣ ଥିବା ଗାଡ଼ିକୁ ଚଟଉ ସାର୍ଟିଫିକେଟ୍ ନଦେବା, ଗାଡ଼ିଗୁଡ଼ିକର ରାଣ୍ଡମ୍ ଯାଞ୍ଚ କରିବା ଭଳି ପଦକ୍ଷେପ ମଧ୍ୟ ଆଲୋଚନାକୁ ଆସିଥିଲା। ଆବଶ୍ୟକ ହେଲେ ବକେୟା ଇ-ଚାଲାଣ ଥିବା ଗାଡ଼ିକୁ ଜବତ କରିବା ଦିଗରେ ମଧ୍ୟ ପଦକ୍ଷେପ ନିଆଯାଇପାରେ ବୋଲି କୋର୍ଟ କହିଥିଲେ। ତେବେ ବିଦ୍ୟୁତ୍ ବିଲ୍‌ରେ ବକେୟା ଟ୍ରାଫିକ୍ ଚାଲାଣ ଯୋଡ଼ିବା କେବଳ ଶୁଣାଣି ସମୟରେ ଦିଆଯାଇଥିବା ଏକ ପ୍ରସ୍ତାବ ଥିଲା; ଏହାକୁ ଲାଗୁ କରିବା ପାଇଁ ସୁପ୍ରିମକୋର୍ଟ କୌଣସି ନିର୍ଦ୍ଦେଶ ଦେଇନାହାନ୍ତି।

# ୨ ହଜାରରୁ ଅଧିକ ୟୁପିଆଇ ପେମେଣ୍ଟରେ କାହିଁକି ଲାଗିବ ଚାର୍ଜ: ସୁପ୍ରିମକୋର୍ଟ




**ନୂଆଦିଲ୍ଲୀ:** କେନ୍ଦ୍ର ସରକାରଙ୍କ ୨,୦୦୦ ଟଙ୍କାରୁ ଅଧିକ ବାଣିଜ୍ୟିକ ୟୁପିଆଇ ପେମେଣ୍ଟ ଉପରେ ଚାର୍ଜ ଲାଗୁ କରିବା ନିଷ୍ପତ୍ତି ବିରୋଧରେ ଦାୟର ହୋଇଥିବା ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ଏକ ନୋଟିସ୍ ଜାରି କରିଛନ୍ତି। ସୁପ୍ରିମକୋର୍ଟ ଚାରି ସପ୍ତାହ ମଧ୍ୟରେ କେନ୍ଦ୍ର ସରକାରଙ୍କଠାରୁ ଏ ବିଷୟରେ ଜବାବ ମାଗିଛନ୍ତି। ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ଭାରତୀୟ ରିଜର୍ଭ ବ୍ୟାଙ୍କ, ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ) ଏବଂ ୟୁପିଆଇ କମିଟିକୁ ନୋଟିସ୍ ଜାରି କରିଛନ୍ତି।

ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ସ୍ପଷ୍ଟ କରିବାକୁ କହିଛନ୍ତି ଯେ, ଏହା ଏକ ଫି, ଟିକସ କିମ୍ବା ଅନ୍ୟ କିଛି।ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ଭି ମୋହନାଙ୍କ ଗଠିତ ଖଣ୍ଡପୀଠ ଏହି ନୋଟିସ୍ ଜାରି କରିଛନ୍ତି। ଆଇନଜୀବୀ ଅଞ୍ଜନ ଦତ୍ତଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନରେ ସେପ୍ଟେମ୍ବର ୧୫ ତାରିଖରେ ଜାରି ହୋଇଥିବା ଏମଡିଆର ଫ୍ରେମୱାର୍କକୁ ରଦ୍ଦ କରିବାକୁ ଦାବି କରାଯାଇଛି। ଆବେଦନରେ ଅଭିଯୋଗ କରାଯାଇଛି ଯେ ସରକାର ପର୍ଯ୍ୟାପ୍ତ ଆଇନଗତ ଆଧାର ବିନା ଏହି ନିଷ୍ପତ୍ତି ନେଇଛନ୍ତି। ଏମଡିଆର ଲାଗୁ କରିବା ପାଇଁ କେନ୍ଦ୍ରର ନିଷ୍ପତ୍ତି ଉପରେ କୌଣସି ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଦେବାକୁ ଖଣ୍ଡପୀଠ ମନା କରିଦେଇଛନ୍ତି। ପ୍ରାୟ ଛଅ ବର୍ଷର ସମ୍ପୂର୍ଣ୍ଣ ମାଗଣା ୟୁପିଆଇ ପେମେଣ୍ଟ ବଦଳରେ ସରକାର ଅକ୍ଟୋବର ୧୫ ତାରିଖରୁ ୟୁପିଆଇ ପ୍ଲାଟଫର୍ମ ମାଧ୍ୟମରେ ବ୍ୟବସାୟୀମାନଙ୍କୁ ୨,୦୦୦ଟଙ୍କାରୁ ଅଧିକ ମୂଲ୍ୟର ଟ୍ରାନ୍ସଫର ଉପରେ ୦.୪% ଶୁଳ୍କ ଲାଗୁ କରିଛନ୍ତି। ତେବେ ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ କାରବାର ଏବଂ ଛୋଟ ପେମେଣ୍ଟକୁ ଶୁଳ୍କରୁ ବାଦ୍ ଦିଆଯାଇଛି। ୭୫,୦୦୦ ଟଙ୍କା ଏବଂ ତା'ଠାରୁ ଅଧିକ ଦେୟ ପାଇଁ ଏମଡିଆର ୩୦୦ ଟଙ୍କା ପର୍ଯ୍ୟନ୍ତ ସୀମିତ ରହିବ। ଅତ୍ୟାବଶ୍ୟକ ଏବଂ କ୍ଷୀଣ-ମାର୍ଜିନ୍ କ୍ଷେତ୍ର - ରେଳବାଇ, ଟେଲିକମ୍, ବୀମା, ଇନ୍ଧନ ଏବଂ କୃଷି ଇନପୁଟ୍ ୨,୦୦୦ ଟଙ୍କାରୁ ଅଧିକ କାରବାର ପାଇଁ ୫ ଟଙ୍କାର ଏକ ଫ୍ଲାଟ ଏମଡିଆର ପ୍ରଦାନ କରାଯିବ। ମ୍ୟୁଚୁଆଲ୍ ଫଣ୍ଡ, ସିକ୍ୟୁରିଟିଜ୍ ଏବଂ ଷ୍ଟକ୍ ବ୍ରୋକର ଏବଂ ଡିଲରମାନଙ୍କ ମାଧ୍ୟମରେ ଦେୟ ପାଇଁ ଏମଡିଆର ୦.୦୨ ପ୍ରତିଶତ ହେବା ସହିତ ୩୦୦ ଟଙ୍କା ପର୍ଯ୍ୟନ୍ତ ସୀମିତ ରହିବ।

# ଟ୍ରେନ୍ ଧକ୍କାରେ ୬ମହିଳାଙ୍କ ମୃତ୍ୟୁ

**ମିର୍ଜାପୁର:** ବୁଧବାର ଉତ୍ତରପ୍ରଦେଶର ମିର୍ଜାପୁରରେ ଏକ ରେଳ ଧାରଣା ପାର ହେଉଥିବା ବେଳେ ଟ୍ରେନ୍ ଧକ୍କାରେ ୪ ଜଣ ମହିଳା ଏବଂ ୧୬ ଓ ୧୨ ବର୍ଷ ବୟସର ଦୁଇ ଝିଅଙ୍କର ମୃତ୍ୟୁ ଘଟିଛି। ପୀଡିତାମାନେ ଏକ ପୃଥକ୍ ଟ୍ରେନ୍‌ରୁ ଭୁଲ୍ ପାର୍ଶ୍ୱରେ ଓହ୍ଲାଇବା ପରେ ଏହି ଘଟଣା ଘଟିଥିଲା। ସକାଳ ପ୍ରାୟ ୯ଟା ୩୦ ସମୟରେ ପ୍ରୟାଗରାଜ ଏକ୍ସପ୍ରେସ ଚୁନାର ଜଙ୍କସନର ପ୍ଲାଟଫର୍ମ ନମ୍ବର ୩ରେ ପହଞ୍ଚିଥିଲା। ଅତ୍ୟଧିକ ଭିଡ଼ ହେତୁ କିଛି ଯାତ୍ରୀ ପ୍ଲାଟଫର୍ମରେ ଓହ୍ଲାଇବା ପରିବର୍ତ୍ତେ ବିପରୀତ ପାର୍ଶ୍ୱରେ ଥିବା ଟ୍ରାକ୍‌ରେ ଓହ୍ଲାଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ହାଓଡ଼ା-କାଲକା ନେତାଜୀ ଏକ୍ସପ୍ରେସ୍ ହଠାତ୍ ସଂଲଗ୍ନ ଟ୍ରାକ୍‌ରେ ଆସିବାରୁ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ପୁରୁଷମାନେ ଶୀଘ୍ର ପ୍ଲାଟଫର୍ମ ଉପରକୁ ଚଢିଗଲେ, କିନ୍ତୁ ମହିଳାମାନେ ତାହା କରିବାରେ ଅସମର୍ଥ ହୋଇଥିଲେ ଏବଂ ତାଙ୍କ ଉପରେ ଟ୍ରେନ୍ ଚଢ଼ିଯାଇଥିଲା। ଏହାର ପ୍ରଭାବ ଏତେ ଭୟଙ୍କର ଥିଲା ଯେ, ସେମାନଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଥିଲା, ପ୍ରାୟ ୫୦ ମିଟର ପର୍ଯ୍ୟନ୍ତ ଟ୍ରାକ୍ ?ରେ ମୃତ ଶରୀରର ଅଂଶ ବିକ୍ଷିପ୍ତ ଭାବରେ ପଡ଼ିଥିଲା। ଦୁର୍ଘଟଣାସ୍ଥଳରେ ସହାୟତା ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆରଏଫ୍) ଓ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏସ୍‌ଡିଆରଏଫ୍)ର ଟିମ୍‌କୁ ପଠାଯାଇଥିଲା। ମୃତକମାନେ ବୁଧବାର ସକାଳେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପବିତ୍ର ବୁଡ଼ ପକାଇବା ପାଇଁ ଗଙ୍ଗା ଘାଟକୁ ଯାଉଥିଲେ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପୀଡିତଙ୍କ ପରିବାରକୁ ସମବେଦନା ଜଣାଇବା ସହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଆମକୁ ପାକିସ୍ତାନଠାରୁ ରକ୍ଷା କର



**ଇସଲାମାବାଦ:** ବଲୁଚିସ୍ତାନର ସ୍ୱାଧୀନତା ପାଇଁ ଲଢୁଥିବା କର୍ମୀ ଫାରାହ ବଲୁଚ ଭାରତକୁ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି। ଫାରାହ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରିଛନ୍ତି, ଯେଉଁଥିରେ ସେ ତାଙ୍କ ମାଆଙ୍କ ସହ ତ୍ରିରଙ୍ଗା ଧରିଥିବାର ଦେଖାଯାଉଛି। ଭିଡିଓରେ ଫାରାହ 'ଭାରତ ମାତା କି ଜୟ, ନମସ୍ତେ ହିନ୍ଦୁସ୍ତାନ' କହି ନିଜର ମତ ପ୍ରକାଶ କରୁଛନ୍ତି। ଭିଡିଓରେ ଫାରାହ କହିଛନ୍ତି ଯେ, ଶାହବାଜ ସରିଫଙ୍କ ସରକାର ଏବଂ ଅସୀମ ମୁନିରଙ୍କ ନେତୃତ୍ୱାଧୀନ ସେନା ବଲୁଚିସ୍ତାନରେ ଅତ୍ୟାଚାର କରୁଛନ୍ତି। ଏନେଇ ଭାରତ ଏବଂ ବିଶ୍ୱର ଧ୍ୟାନ ଆକର୍ଷଣ କରିବା ଜରୁରୀ। ଭିଡିଓରେ ୧୪ ବର୍ଷୀୟା ଫାରାହ ସମସ୍ତଙ୍କୁ ଆମର ସ୍ୱର ହେବାକୁ ଏବଂ ବଲୁଚିସ୍ତାନର ଲୋକଙ୍କୁ ସମର୍ଥନ କରିବାକୁ ନିବେଦନ କରିଛନ୍ତି। ଭାରତର ସ୍ୱର ଏବଂ ସମର୍ଥନ ବେଲୁଚିସ୍ତାନର ଲୋକଙ୍କ ପାଇଁ ବହୁତ ଅର୍ଥ ରଖେ। ଭାରତ ମାତା କି ଜୟ, ବେଲୁଚିସ୍ତାନ ସଂଘର୍ଷ ଜିନ୍ଦାବାଦ। ଇଣ୍ଡୋନେସିଆରୁ ପରିଚାଳିତ ଏହି ଆକାଉଣ୍ଟରୁ ପୂର୍ବରୁ ମଧ୍ୟ ଭାରତଠାରୁ ସାହାଯ୍ୟ ପାଇଁ ନିବେଦନ କରୁଥିବା ଭିଡିଓ ଜାରି କରାଯାଇଛି।

ସୋସିଆଲ ମିଡିଆ ଏକ୍ସ ଆକାଉଣ୍ଟ, ଫରାହ ବଲୁଚ ଚଳିତ ବର୍ଷ ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ଦିବସରେ ଭାରତୀୟ ନାଗରିକଙ୍କୁ ଅଭିନନ୍ଦନ ଜଣାଇ ଏକ ଭିଡିଓ ଜାରି କରିବା ପରେ ଚର୍ଚ୍ଚାକୁ ଆସିଥିଲା। ଏଥିରେ ଫରାହ ନିଜକୁ ଅଧିକୃତ ବଲୁଚିସ୍ତାନର ଝିଅ ବୋଲି କହି ଭାରତର ମଙ୍ଗଳ କାମନା କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବଲୁଚିସ୍ତାନର ଲୋକଙ୍କ ସ୍ୱର ହେବାକୁ ଅନୁରୋଧ କରିଥିଲେ। ପାକିସ୍ତାନ ବିରୋଧରେ ଭାରତକୁ ସାହାଯ୍ୟ ମାଗିବା ବଲୁଚିସ୍ତାନର ଲୋକଙ୍କ ପାଇଁ ନୂଆ କଥା ନୁହେଁ। ବଲୁଚିସ୍ତାନର ଅନେକ ସୋସିଆଲ ମିଡିଆ ବ୍ୟବହାରକାରୀ ଭାରତଠାରୁ ସାହାଯ୍ୟ ମାଗି ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ହେଉଛନ୍ତି ମୀର ୟାର। ମୀର ୟାର ବଲୁଚିସ୍ତାନକୁ ପାକିସ୍ତାନଠାରୁ ପୃଥକ ଏକ ସ୍ୱାଧୀନ ଦେଶ ଭାବରେ ମାନ୍ୟତା ଦେବା ଏବଂ ଭାରତ ସହିତ କୂଟନୈତିକ ସମ୍ପର୍କ ସ୍ଥାପନ କରିବା ପାଇଁ ମଧ୍ୟ ସମର୍ଥନ କରିଛନ୍ତି।

# ଶାହ ତୁଟାଇବେ ମହାନଦୀ ବିବାଦ କଳି !



**ନୂଆଦିଲ୍ଲୀ :** ଶାହ ତୁଟାଇବେ ମହାନଦୀ କଳି ! କାଢ଼ିବେ ବିବାଦ ସମାଧାନର ବାଟ ! ଓଡ଼ିଶାର ଜୀବନ ରେଖା ମହାନଦୀ ଜଳ ଆବଣ୍ଟନକୁ ନେଇ ଦୀର୍ଘ ବର୍ଷ ହେଲା ଲାଗି ରହିଛି ବିବାଦ। ଛତିଶଗଡ଼ ବିରୋଧରେ ଦିଲ୍ଲୀରୁ ଓଡ଼ିଶା ପର୍ଯ୍ୟନ୍ତ ଆନ୍ଦୋଳନ ବି ହୋଇଛି। ସମାଧାନ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ ବି ଏକାଧିକ ଥର ବେ ?ଠକ କରିଛନ୍ତି। ସରକାର ବଦଳିବା ପରେ ଏହି ପ୍ରସଙ୍ଗରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି।

ତଥାପି ବିବାଦର ସମାଧାନ ହେଉନଥିବାରୁ, ଖୁବଶୀଘ୍ର କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ହସ୍ତକ୍ଷେପ କରିବାକୁ ଯାଉଛନ୍ତି। ଓଡ଼ିଶା ଆଡଭୋକେଟ ଜେନେରାଲଙ୍କ ସୂଚନା ଅନୁସାରେ, ଆସନ୍ତା ଅକ୍ଟୋବର ୧ ତାରିଖରେ ହେବ ବୈଠକ। କେନ୍ଦ୍ର ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବ। ଏହି ବୈଠକରେ ସାମିଲ ହେବେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ। ଆଶା କରାଯାଉଛି ଶାହାଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ବୈଠକରେ ବାହାରିପାରେ ମହାନଦୀ ବିବାଦ ସମାଧାନର ବାଟ ।

ଅକ୍ଟୋବର ୧୫ରେ ହେବାକୁ ଥିବା ପରବର୍ତ୍ତୀ ଟ୍ରିବ୍ୟୁନାଲ ଶୁଣାଣି ବେଳକୁ କେମିତି ସମାଧାନ ମହାନଦୀ ଜଳ ଆବଣ୍ଟନକୁ ନେଇ ବର୍ଷ ବର୍ଷ ହେଲା ଦୁଇ ରାଜ୍ୟ ମଧ୍ୟରେ ବିବାଦ ଲାଗି ରହିଛି। ବିଶେଷ କରି ଅଣମୌସୁମୀ ଋତୁରେ ଯେତିକି ପାଣି ଛାଡ଼ିବା କଥା ଛତିଶଗଡ଼ ସେତିକି ଛାଡୁନଥିବାରୁ ଓଡ଼ିଶା ପଟର ମହାନଦୀ ଅବବାହିକା ଶୁଖିଲା ପଡୁଛି। ତେଣୁ ଜଳ ଆବଣ୍ଟନ ନିୟମ ଅନୁସାରେ ପାଣି ଛାଡିବା ପାଇଁ ଦାବି କରି ଆସୁଛି ଓଡ଼ିଶା।

# ୨୧ବର୍ଷ ଧରି ଟିଭିରେ ପଢୁଥିଲେ ଖବର, ଏବେ ଦେଶର ରାଜା



**ନୂଆଦିଲ୍ଲୀ :** ଗୋଟିଏ ଦେଶରେ ଜଣେ ସାମ୍ବାଦିକ ଏବେ ରାଜା ହେବାକୁ ଯାଉଛନ୍ତି। ଯିଏ ଗତକାଲି ପର୍ଯ୍ୟନ୍ତ ନ୍ୟୁଜ୍ ଚ୍ୟାନେଲରେ ବସି ଆଙ୍କରିଂ କରୁଥିଲେ, ଏବେ ସେହି ବ୍ୟକ୍ତି ଦେଶର ରାଜକୀୟ ଗାଦିରେ ବସିବେ। ଆମେ କହୁଛୁ ଆଫ୍ରିକୀୟ ଦେଶ ୟୁଗାଣ୍ଡାର କଥା। ଟୁରୋ ନାମକ ୟୁଗାଣ୍ଡାର ଏକ ରାଜ୍ୟରେ ଉତ୍ତରାଧିକାରକୁ ନେଇ ବିବାଦ ପରେ ମଙ୍ଗଳବାର ସାମ୍ବାଦିକ ପ୍ରିନ୍ସ ଏଡୱାର୍ଡ ରୁକିଡି କିଜାନାଙ୍ଗୋମା ନ୍ୟାବୋଙ୍ଗୋ ଦ୍ୱିତୀୟ ରାଜା ହୋଇଛନ୍ତି।

ତେବେ ଏହି ରାଜଗାଦିର ଇତିହାସ ମଧ୍ୟ ଚର୍ଚ୍ଚାରେ ରହିଛି। ଯେଉଁ ରାଜାଙ୍କ ଗାଦି ଏବେ ପ୍ରିନ୍ସ ଏଡୱାର୍ଡ ସମ୍ଭାଳିବାକୁ ଯାଉଛନ୍ତି, ସେ କେବେକି ବିଶ୍ୱର ସବୁଠାରୁ କମ୍ ବୟସର ଶାସକ ଥିଲେ। ମାତ୍ର ୩ ବର୍ଷ ବୟସରେ ସେ ରାଜଗାଦିରେ ବସିଥିଲେ। ୩୪ ବର୍ଷ ବୟସରେ ତାଙ୍କ ମୃତ୍ୟୁ ପରେ ଏହି ରାଜ୍ୟ ନୂଆ ରାଜା ପାଇଛି।

ୟୁଗାଣ୍ଡା ଏକ ଗଣତାନ୍ତ୍ରିକ ଦେଶ, ଯେଉଁଠାରେ ରାଷ୍ଟ୍ରପତି ନିର୍ବାଚନ ହୁଅନ୍ତି। କିନ୍ତୁ ଦେଶରେ ଅନେକ ପାରମ୍ପରିକ ରାଜତନ୍ତ୍ରକୁ ମଧ୍ୟ ସ୍ୱୀକୃତି ମିଳିଛି। ଏହି ରାଜାମାନେ ମୁଖ୍ୟତଃ ସାଂସ୍କୃତିକ ନେତା ଭାବେ କାର୍ଯ୍ୟ କରନ୍ତି। ପ୍ରିନ୍ସ ଏଡୱାର୍ଡ ରୁକିଡି କିଜାନାଙ୍ଗୋମା ନ୍ୟାବୋଙ୍ଗୋ ଦ୍ୱିତୀୟ ଟୁରୋର ରାଜଗାଦି ହାସଲ କରିଛନ୍ତି। ମଙ୍ଗଳବାର ତାଙ୍କ ରାଜ୍ୟାଭିଷେକ ପୂର୍ବରୁ ସେ ଏକ ବିଶାଳ ଜୁଲୁସର ନେତୃତ୍ୱ ନେଇଥିଲେ। ଟୁରୋ ୟୁଗାଣ୍ଡାର ଚାରିଟି ଐତିହାସିକ ରାଜ୍ୟ ମଧ୍ୟରୁ ଅନ୍ୟତମ। ଏହି ରାଜ୍ୟଗୁଡ଼ିକ ମୁଖ୍ୟତଃ ସାଂସ୍କୃତିକ ସଂସ୍ଥା ଭାବେ କାର୍ଯ୍ୟ କରୁଥିବାବେଳେ ସେମାନଙ୍କର ରାଜନୈତିକ କ୍ଷମତା ସୀମିତ।

# ସିଆଇଏସଏଫ୍ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ, ଚାଲିଗଲା ୪ ଯବାନଙ୍କ ଜୀବନ




**ନୂଆଦିଲ୍ଲୀ :** ଜମ୍ମୁ-କଶ୍ମୀରର କଠୁଆ ଜିଲ୍ଲାର ଏକ ଉଓଝର କ୍ୟାମ୍ପରେ ଗୁଳିକାଣ୍ଡ ଘଟଣା ସାମ୍ନାକୁ ଆସିଛି। ପ୍ରାଥମିକ ସୂଚନା ଅନୁସାରେ, CISF ର ଜଣେ ଯବାନ ନିଜ ସହକର୍ମୀଙ୍କ ଉପରେ ଅନ୍ଧାଧୁନ୍ ଗୁଳି ଚଳାଇଥିବା ଅଭିଯୋଗ ହୋଇଛି। ଏହି ଗୁଳିକାଣ୍ଡରେ ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କ ସମେତ ୪ ଜଣ ଯବାନଙ୍କ ମୃତ୍ୟୁ ଘଟିଛି।

ଏହି ଘଟଣା କଠୁଆ ଜିଲ୍ଲାର ବାସୋଲି ଅଞ୍ଚଳର ମଶକା ଅଞ୍ଚଳରେ ଥିବା ସେବା ପାୱାର ପ୍ରୋଜେକ୍ଟର CISF କ୍ୟାମ୍ପରେ ଘଟିଛି। ଯବାନମାନଙ୍କ ମଧ୍ୟରେ ଗୁଳିକାଣ୍ଡ ପରେ କ୍ୟାମ୍ପରେ ଆତଙ୍କ ଖେଳିଯାଇଥିଲା। କୌଣସି ବିବାଦ କିମ୍ବା ବଚସା ପରେ CISFର ଜଣେ ଯବାନ ନିଜ ସରକାରୀ ରାଇଫଲରୁ ଗୁଳି ଚଳାଇଥିବା କୁହାଯାଉଛି। ସୂଚନା ଅନୁସାରେ, ଏହି ଘଟଣାରେ ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ଜଣେ ସବ୍-ଇନ୍ସପେକ୍ଟର ଏବଂ ଦୁଇ ଜଣ CISF ଯବାନଙ୍କ ମୃତ୍ୟୁ ଘଟିଛି। ଘଟଣା ପରେ ସମ୍ପୂର୍ଣ୍ଣ କ୍ୟାମ୍ପକୁ ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି।

ସୂତ୍ର ଅନୁସାରେ, ସନ୍ଧ୍ୟା ପ୍ରାୟ ୬ଟା ୪୦ ମିନିଟ୍ ସମୟରେ ଏହି ଘଟଣା ଘଟିଥିଲା। ସେତେବେଳେ CISF ହେଡ୍ କନଷ୍ଟେବଲ୍ (GD) ଅବଧେଶ କୁମାର ସିଂହ କ୍ୱିକ୍ ରିଆକ୍ସନ୍ ଟିମ୍ (QRT) ଡ୍ୟୁଟିରେ ନିୟୋଜିତ ଥିଲେ। ଅଭିଯୋଗ ଅନୁସାରେ, ସେ କ୍ୟାମ୍ପସରେ ପହଞ୍ଚିବା ପରେ ନିଜ INSAS/AK-47 ରାଇଫଲରୁ ଅନ୍ଧାଧୁନ୍ ଗୁଳି ଚଳାଇଥିଲେ। ତାଙ୍କ ପାଖରେ ପ୍ରାୟ ୧୫୦ ରାଉଣ୍ଡ ଗୁଳି ଥିବା କୁହାଯାଉଛି। ଗୁଳିକାଣ୍ଡରେ ଆହତ ୪ ଜଣ CISF କର୍ମଚାରୀଙ୍କୁ ଚିକିତ୍ସା ପାଇଁ ହିମାଚଳ ପ୍ରଦେଶର NHPC ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ସମସ୍ତ ୪ ଜଣଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଙ୍କିତ କୁମାର ପାଣ୍ଡେ, ସବ୍-ଇନ୍ସପେକ୍ଟର ଲକ୍ଷ୍ମଣ ସିଂହ, କନଷ୍ଟେବଲ୍ ରଫିକ୍ ଅହମ୍ମଦ ଏବଂ କନଷ୍ଟେବଲ୍ ସନ୍ଦୀପ କୁମାର ଅଛନ୍ତି।

## ପୁଲିସ ଅଭିଯୁକ୍ତ ଯବାନଙ୍କୁ ଗିରଫ କଲା

ପୁଲିସ ଅଭିଯୁକ୍ତ CISF ଯବାନ ଅବଧେଶ କୁମାର ସିଂହଙ୍କୁ ଗିରଫ କରିଛି। ଘଟଣା ପରେ ପୁଲିସ ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପୂରା ଅଞ୍ଚଳକୁ ସୁରକ୍ଷିତ କରିଥିଲେ। ଘଟଣାସ୍ଥଳରେ ଯାଞ୍ଚ କରାଯାଇ ମାମଲାର ତଦନ୍ତ ଆରମ୍ଭ ହୋଇଛି। ତେବେ ଏପର୍ଯ୍ୟନ୍ତ ଗୁଳିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ତଦନ୍ତକାରୀ ଏଜେନ୍ସିଗୁଡ଼ିକ ଘଟଣା ପଛରେ କ'ଣ କାରଣ ଥିଲା ଏବଂ କେଉଁ ପରିସ୍ଥିତିରେ ଗୁଳିକାଣ୍ଡ ଘଟିଲା, ସେନେଇ ତଦନ୍ତ କରୁଛନ୍ତି।

# ରାଜ୍ୟରେ ୫ହଜାର ଶିଶୁ ଓ ୧୫ହଜାର ମହିଳା ନିଖୋଜ

**ଭୁବନେଶ୍ୱର :** ରାଜ୍ୟର ମହିଳା ଓ ଶିଶୁ ନିଖୋଜ ଘଟଣାରେ ସାମ୍ନାକୁ ଆସିଥିବା ତଥ୍ୟ ବେଶ ଚିନ୍ତାଜନକ ଓ ବିଧାନସଭାରେ ଦିଆଯାଇଥିବା ଉତ୍ତର ଅନୁସାରେ, ୨୦୨୪ ମସିହାରୁ ୨୦୨୬ ଜୁଲାଇ ୩୧ ଯାଏଁ ରାଜ୍ୟରେ ୪୫ ହଜାର ୭୯୬ ଜଣ ମହିଳା ନିଖୋଜ ହୋଇଥିବା ରିପୋର୍ଟ ହୋଇଛି। ଏହାସହ ୨୦ ହଜାର ୫୨୮ ଜଣ ଶିଶୁ ନିଖୋଜ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩୦ହଜାର ମହିଳା ଓ ପ୍ରାୟ ୧୬ ହଜାର ଶିଶୁଙ୍କ ପତ୍ତା ମିଳୁନି। ଏତେ ସଂଖ୍ୟାରେ ମହିଳା ଓ ଶିଶୁଙ୍କ ପତ୍ତା ନମିଳିବା ସମସ୍ତଙ୍କୁ ଚିନ୍ତାରେ ପକାଇଛି।

ସରକାର ବଦଳିବା ପରେ ଆଶା କରାଯାଉଥିଲା ରାଜ୍ୟରେ ମହିଳା ଓ ଶିଶୁଙ୍କୁ ସୁରକ୍ଷା ମିଳିବ। ପୁରୁଷ ପ୍ରାଧାନ୍ୟ ସମାଜରେ ମହିଳା ଓ ଶିଶୁ ସୁରକ୍ଷିତ ରହିବେ। କିନ୍ତୁ ବିଧାନସଭାରେ ବିରୋଧୀଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଂଘାତିକ ତଥ୍ୟ ରଖିଚନ୍ତି। ଓ ୨୦୨୪ରୁ ୩୧ ଜୁଲାଇ ୨୦୨୬ ମଧ୍ୟରେ ୪୫,୭୯୬ ଜଣ ମହିଳା ନିଖୋଜ ହୋଇଥିବାବେଳେ, ସେମାନଙ୍କ ମଧ୍ୟରୁ ୩୦,୧୭୧ ଜଣଙ୍କୁ ଟ୍ରେସ୍ କରାଯାଇଛି। ଅର୍ଥାତ୍ ମହିଳାଙ୍କ ଟ୍ରେସିଂ



ରେଟ୍ ୬୫.୮୮ ପ୍ରତିଶତ। ଅନ୍ୟପଟେ, ଏହି ସମୟ ମଧ୍ୟରେ ୨୦,୫୨୮ ଜଣ ଶିଶୁ ନିଖୋଜ ହୋଇଥିବାବେଳେ ୧୫,୯୭୬ ଜଣଙ୍କୁ ଖୋଜି ବାହାର କରାଯାଇଛି। ଶିଶୁଙ୍କ ଟ୍ରେସିଂ ରେଟ୍ ରହିଛି ୭୭.୮୨ ପ୍ରତିଶତ। କିନ୍ତୁ ବିଡ଼ମ୍ବନାର ବିଷୟ, ଦୁଇ ବର୍ଷରେ ରାଜ୍ୟରେ ୧୫ ହଜାର ମହିଳା ଓ ୪ ହଜାର ନିଖୋଜ ଶିଶୁଙ୍କ ପତ୍ତା ମିଳୁନି। ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଅଭିଭାବକ ଓ ବୁଦ୍ଧିଜୀକବୀ।

ମହିଳାଙ୍କ ଅପହରଣ ମାମଲାରେ ୨୦୨୪ରେ ୮୫୦, ୨୦୨୫ରେ ୭୩୯ ଏବଂ ୨୦୨୬ ଜୁଲାଇ ପର୍ଯ୍ୟନ୍ତ ୨୭୯ ଜଣଙ୍କୁ ଗିରଫ କରାଯାଇଛି। ସରକାରଙ୍କ ଉତ୍ତର ଅନୁସାରେ, ସମସ୍ତ ନିଖୋଜ ଘଟଣା ଅପରାଧ ସହ ଜଡ଼ିତ ନୁହେଁ। ତଦନ୍ତ ସମୟରେ ପୁଲିସ ଅଧିକାରୀ ଅପରାଧର ପ୍ରମାଣ ଓ ତଥ୍ୟ ପଇଲେ ଆଇନର ଉପଯୁକ୍ତ ଧାରାରେ ମାମଲା ରୁଜୁ କରାଯାଏ। ଝିଅ ଓ ମହିଳା ନିଖୋଜ ହେବାର ଏକ ପ୍ରମୁଖ କାରଣ ଭାବେ ପରିବାରର ଅସମ୍ମତି ଥିବା ପ୍ରେମ ସମ୍ପର୍କଜନିତ ବି ହୋଇଥାଇପାରେ ଓ ଏହାବ୍ୟତୀତ ପାରିବାରିକ ବିବାଦ, ସମ୍ପର୍କଜନିତ ସମସ୍ୟା ଓ ମାନବ ଚାଲାଣ ଭଳି କାରଣ ମଧ୍ୟ ଏଥିରେ ଉଲ୍ଲେଖ ରହିଛି।

ନିଖୋଜଙ୍କୁ ଖୋଜିବା ପାଇଁ ଚାଲିଛି 'ଅପରେସନ୍ ଅନ୍ୱେଷଣ'। ୨୮ ଅଗଷ୍ଟରୁ ୮ ସେପ୍ଟେମ୍ବର ୨୦୨୬ ଯାଏଁ ଚାଲିଥିବା ଅଭିଯାନରେ ଅନ୍ୟ ରାଜ୍ୟରେ ଥିବା ଟ୍ରେସ୍ ଓ ଉଦ୍ଧାର ହୋଇଥିବା ଓଡ଼ିଆ ଶିଶୁଙ୍କୁ ନିଜ ଘରକୁ ଫେରାଇ ଆଣିବା ଏବଂ ପରିବାର ସହ ପୁନଃ ମିଶାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଶତାଧିକ ଶିଶୁଙ୍କୁ ଉଦ୍ଧାର କରିଥିଲା ସିଏଡବ୍ଲ୍ୟୁ ଟିମ ଓ ହେଲେ ୪୫ ହଜାରରୁ ଅଧିକ ମହିଳା ଓ ୨୦ ହଜାରରୁ ଅଧିକ ଶିଶୁଙ୍କୁ ଖୋଜି, ସୁରକ୍ଷିତ ଭାବେ ଘରକୁ ଫେରାଇବା ଏବେ ସରକାରଙ୍କ ପାଇଁ ବଡ଼ ବଡ଼ ଚ୍ୟାଲେଞ୍ଜ ତିଆରି କରିଛି

# କିଚକେଶ୍ୱରୀ ମନ୍ଦିର ପାଇଁ କେନ୍ଦ୍ରର ୪୪ କୋଟି ୯୧ଲକ୍ଷ ଅନୁଦାନ

ମୟୂରଭଞ୍ଜ : ମା' କିଚକେଶ୍ୱରୀ ମନ୍ଦିର ବିକାଶ ପାଇଁ ୪୪.୯୧ କୋଟି ଟଙ୍କା ମଞ୍ଜୁର । ଓଡ଼ିଶାରେ ତୀର୍ଥ ପର୍ଯ୍ୟଟନକୁ ଆହୁରି ସୁଦୃଢ଼ କରିବା ଦିଗରେ କେନ୍ଦ୍ର ସରକାରଙ୍କ ବଡ଼ ପଦକ୍ଷେପ । କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟର ପ୍ରସାଦ ଯୋଜନା ଅଧୀନରେ ମୟୂରଭଞ୍ଜ ଜିଲ୍ଲା ଖିଚିଂସ୍ଥିତ ପ୍ରସିଦ୍ଧ ମା' କିଚକେଶ୍ୱରୀ ମନ୍ଦିର ପରିସରର ବିକାଶ ପାଇଁ ୪୪.୯୧ କୋଟି ଟଙ୍କା ମଞ୍ଜୁର କରାଯାଇଛି ।

ଏହି ପ୍ରକଳ୍ପ ମାଧ୍ୟମରେ ମନ୍ଦିର ପରିସରରେ ଆଧୁନିକ ଓ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସୁବିଧାର ବିକାଶ ସହ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ଉନ୍ନତ ସୁବିଧା ସୃଷ୍ଟି ଲକ୍ଷ୍ୟ ରହିଛି । ଖିଚିଂର ମା' କିଚକେଶ୍ୱରୀ ମନ୍ଦିରର ବିକାଶ ଦ୍ୱାରା ମୟୂରଭଞ୍ଜର ଧାର୍ମିକ ପର୍ଯ୍ୟଟନ ସହ ଅଞ୍ଚଳର ପର୍ଯ୍ୟଟନ ଓ ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ନୂଆ ଗତି ମିଳିବ ବୋଲି ଆଶା କରାଯାଉଛି ।



## ଏମ୍ଏମ୍ଡିଆର୍ ଆଇନ ବିରୋଧରେ ବିଜେଡିର ବିଶାଳ ବିକ୍ଷୋଭ

# ଓଡ଼ିଶାର ଅଧିକାର ପାଇଁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଲଢ଼ିବୁ





ଭୁବନେଶ୍ୱର: ଖଣି ଓ ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାର ଏବଂ ଓଡ଼ିଶାର ଆର୍ଥିକ ସ୍ୱାର୍ଥକୁ ନେଇ ମାଇନ୍ସ ଆଣ୍ଡ ମିନେରାଲ୍ସ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ୍) ସଂଶୋଧନ ଆଇନ, ୨୦୨୬କୁ ବିରୋଧ କରି ବିଜୁ ଜନତା ଦଳ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମଜିରେ ବିଶାଳ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ସେପ୍ଟେମ୍ବର ୨୮ରେ ଆୟୋଜିତ ଏହି ବିକ୍ଷୋଭରେ ବିଜେଡି ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଯୋଗଦେଇ ଓଡ଼ିଶାର ସ୍ୱାର୍ଥ ଓ ରାଜ୍ୟର ଅଧିକାର ପାଇଁ ଆନ୍ଦୋଳନ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ।

ବିଜେଡି ନେତୃତ୍ୱର ଯୁକ୍ତି ଅନୁସାରେ, ଏହି ଆଇନ କେବଳ ଏକ ସାଧାରଣ ସଂଶୋଧନ ନୁହେଁ; ଏହା ରାଜ୍ୟର ଖଣିଜ ସମ୍ପଦ, ଖଣିଜଭରା ଜମି ଓ ରାଜ୍ୟର ଆର୍ଥିକ ଅଧିକାର ସହ ଜଡିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବିଜେଡି ଅଭିଯୋଗ କରିଛି ଯେ ସଂଶୋଧିତ ଆଇନ ଦ୍ୱାରା ରାଜ୍ୟ ସରକାରଙ୍କ ଖଣିଜ ଅଧିକାର ଉପରେ ନୂଆ କର, ସେସ୍ ଓ ଅନ୍ୟାନ୍ୟ ଲେଭି ଲାଗୁ କରିବାର କ୍ଷମତା ଉପରେ ସୀମାବଦ୍ଧତା ଆସିଛି। ଚଳଝ ମଧ୍ୟ ଆଇନର ଏକ ପ୍ରମୁଖ ବ୍ୟବସ୍ଥା ଭାବେ ଖଣିଜଭରା ଜମିର ନିୟନ୍ତ୍ରଣ ଏବଂ ରାଜ୍ୟଗୁଡ଼ିକର କିଛି ଲେଭି ଉପରେ କେନ୍ଦ୍ରୀୟ ସୀମାବଦ୍ଧତାର କଥା ଉଲ୍ଲେଖ କରିଛି। ବିକ୍ଷୋଭରେ ବିଜେଡି ପକ୍ଷରୁ କୁହାଯାଇଛି ଯେ ଓଡ଼ିଶା ଏକ ଖଣିଜ ସମୃଦ୍ଧ ରାଜ୍ୟ ହୋଇଥିବାରୁ ଖଣିଜ ସମ୍ପଦରୁ ମିଳୁଥିବା ରାଜସ୍ୱ ରାଜ୍ୟର ବିକାଶ, ଭିତ୍ତିଭୂମି ଓ ଲୋକକଲ୍ୟାଣରେ ଗୁରୁତ୍ୱପୂର୍ଣ୍ଣ। ଦଳର ଦାବି ହେଉଛି, ନୂଆ ଆଇନର ପ୍ରଭାବରେ ଭବିଷ୍ୟତରେ ଓଡ଼ିଶା ଆର୍ଥିକ କ୍ଷତି ସହିପାରେ। ଏହି ପ୍ରସଙ୍ଗରେ ନବୀନ ପଟ୍ଟନାୟକ ରାଜ୍ୟ ସରକାର ଓ ଓଡ଼ିଶାର ସାଂସଦମାନଙ୍କ ଭୂମିକା ନେଇ ମଧ୍ୟ ପ୍ରଶ୍ନ ଉଠାଇଥିଲେ।

ବିଜେଡି ପକ୍ଷରୁ ଆହୁରି ଅଭିଯୋଗ କରାଯାଇଛି ଯେ ଆଇନ ପାସ୍ ହେବା ପୂର୍ବରୁ ଏହା ଉପରେ ପର୍ଯ୍ୟାପ୍ତ ଆଲୋଚନା ହୋଇନଥିଲା। ରାଜ୍ୟର ସ୍ୱାର୍ଥ ସୁରକ୍ଷା ପାଇଁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ଏବଂ ଆଇନ ବିରୋଧରେ ଏକ ପ୍ରସ୍ତାବ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଥିବା ନବୀନ ପଟ୍ଟନାୟକ କହିଛନ୍ତି। ଏହି ଦାବିକୁ ନେଇ ଉତ୍ତର ମିଳିନଥିବାର ଅଭିଯୋଗ ମଧ୍ୟ ସେ କରିଛନ୍ତି। ଏହି ବିଷୟକୁ ନେଇ ଓଡ଼ିଶା ବିଧାନସଭାରେ ମଧ୍ୟ ବିଜେଡି ଓ କଂଗ୍ରେସ ପକ୍ଷରୁ ପ୍ରତିବାଦ ହୋଇଥିବାରୁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବିଜେଡି ନେତୃତ୍ୱର ଆହ୍ୱାନ ହେଉଛି, ଏହି ପ୍ରସଙ୍ଗକୁ ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ ରଖି ଓଡ଼ିଶାର ସ୍ୱାର୍ଥ ପାଇଁ ସମସ୍ତ ରାଜନୈତିକ ଦଳ ଓ ବିଭିନ୍ନ ବର୍ଗର ଲୋକ ଏକାଠି ହେବା ଆବଶ୍ୟକ। ନବୀନ ପଟ୍ଟନାୟକ କହିଛନ୍ତି ଯେ ଏହି ଲଢ଼େଇ କେବଳ ବିଜେଡିର ନୁହେଁ, ସାଢ଼େ ଚାରି କୋଟି ଓଡ଼ିଆଙ୍କ ସ୍ୱାର୍ଥ ସହ ଜଡିତ ଏବଂ ଆଗାମୀ ପିଢ଼ିର ଭବିଷ୍ୟତ ପାଇଁ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ। କେନ୍ଦ୍ର ସରକାର ଏହି ଅଭିଯୋଗ ସହ ଏକମତ ନୁହେଁ। କେନ୍ଦ୍ରୀୟ ଖଣି ମନ୍ତ୍ରଣାଳୟର ମତ ଅନୁସାରେ, ସଂଶୋଧନ ରାଜ୍ୟମାନଙ୍କ ଜମି ଓ ଖଣିଜ ଅଧିକାର କାଢ଼ିନେବ ନାହିଁ ଏବଂ ଖଣିଜ କ୍ଷେତ୍ରରୁ ଆସୁଥିବା ମୋଟ କର ଓ ବୈଧାନିକ ଦେୟର ପ୍ରାୟ ୯୦ ପ୍ରତିଶତ ରାଜ୍ୟମାନଙ୍କ ପାଖକୁ ଯାଉଥିବା ବ୍ୟବସ୍ଥା ଜାରି ରହିବ ବୋଲି କହିଛି। ସରକାରଙ୍କ ମତରେ ଏହି ସଂଶୋଧନ ଖଣିଜ କ୍ଷେତ୍ରରେ ଦୀର୍ଘମିଆଦୀ ସ୍ଥିରତା ଓ ନିବେଶକୁ ବଢ଼ାଇବା ଉଦ୍ଦେଶ୍ୟରେ କରାଯାଇଛି।

MMDR Amendment Actକୁ ନେଇ ବିଜେଡିର ଆନ୍ଦୋଳନ ଆଗକୁ କେଉଁ ରୂପ ନେବ ଏବଂ ରାଜ୍ୟର ଆର୍ଥିକ ସ୍ୱାର୍ଥ ଉପରେ ଏହାର ବାସ୍ତବ ପ୍ରଭାବ କେତେ ହେବ, ତାହା ଆଗାମୀ ଦିନରେ ଆହୁରି ସ୍ପଷ୍ଟ ହେବ। ଏହି ପ୍ରସଙ୍ଗରେ ବିଜେଡି ଆନ୍ଦୋଳନ ଜାରି ରଖିବାକୁ ଘୋଷଣା କରିଥିବାବେଳେ, ସରକାର ପକ୍ଷରୁ ଆଇନର ଆର୍ଥିକ ଓ ପ୍ରଶାସନିକ ପ୍ରଭାବ ନେଇ ଭିନ୍ନ ମତ ପ୍ରକାଶ ପାଇଛି।

## ଜନବିରୋଧୀ ଖଣି ଆଇନକୁ ବିରୋଧ କରି ଲୋୟର ପିଏମଜିରେ ବିଜେଡିର ବିଶାଳ ବିକ୍ଷୋଭ

ଭୁବନେଶ୍ୱର: ଖଣି ଓ ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାର ଏବଂ ଓଡ଼ିଶାର ଆର୍ଥିକ ସ୍ୱାର୍ଥକୁ ନେଇ ମାଇନ୍ସ ଆଣ୍ଡ ମିନେରାଲ୍ସ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ୍) ସଂଶୋଧନ ଆଇନ, ୨୦୨୬କୁ ବିରୋଧ କରି ବିଜୁ ଜନତା ଦଳ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମଜିରେ ବିଶାଳ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ସେପ୍ଟେମ୍ବର ୨୮ରେ ଆୟୋଜିତ ଏହି ବିକ୍ଷୋଭରେ ବିଜେଡି ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଯୋଗଦେଇ ଓଡ଼ିଶାର ସ୍ୱାର୍ଥ ଓ ରାଜ୍ୟର ଅଧିକାର ପାଇଁ ଆନ୍ଦୋଳନ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ବିଜେଡି ନେତୃତ୍ୱର ଯୁକ୍ତି ଅନୁସାରେ, ଏହି ଆଇନ କେବଳ ଏକ ସାଧାରଣ ସଂଶୋଧନ ନୁହେଁ; ଏହା ରାଜ୍ୟର ଖଣିଜ ସମ୍ପଦ, ଖଣିଜଭରା ଜମି ଓ ରାଜ୍ୟର ଆର୍ଥିକ ଅଧିକାର ସହ ଜଡିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବିଜେଡି ଅଭିଯୋଗ କରିଛି ଯେ ସଂଶୋଧିତ ଆଇନ ଦ୍ୱାରା ରାଜ୍ୟ ସରକାରଙ୍କ ଖଣିଜ ଅଧିକାର ଉପରେ ନୂଆ କର, ସେସ୍ ଓ ଅନ୍ୟାନ୍ୟ ଲେଭି ଲାଗୁ କରିବାର କ୍ଷମତା ଉପରେ ସୀମାବଦ୍ଧତା ଆସିଛି। ଚଳଝ ମଧ୍ୟ ଆଇନର ଏକ ପ୍ରମୁଖ ବ୍ୟବସ୍ଥା ଭାବେ ଖଣିଜଭରା ଜମିର ନିୟନ୍ତ୍ରଣ ଏବଂ ରାଜ୍ୟଗୁଡ଼ିକର କିଛି ଲେଭି ଉପରେ କେନ୍ଦ୍ରୀୟ ସୀମାବଦ୍ଧତାର କଥା ଉଲ୍ଲେଖ କରିଛି।

ବିକ୍ଷୋଭରେ ବିଜେଡି ପକ୍ଷରୁ କୁହାଯାଇଛି ଯେ ଓଡ଼ିଶା ଏକ ଖଣିଜ ସମୃଦ୍ଧ ରାଜ୍ୟ ହୋଇଥିବାରୁ ଖଣିଜ ସମ୍ପଦରୁ ମିଳୁଥିବା ରାଜସ୍ୱ ରାଜ୍ୟର ବିକାଶ, ଭିତ୍ତିଭୂମି ଓ ଲୋକକଲ୍ୟାଣରେ ଗୁରୁତ୍ୱପୂର୍ଣ୍ଣ। ଦଳର ଦାବି ହେଉଛି, ନୂଆ ଆଇନର ପ୍ରଭାବରେ ଭବିଷ୍ୟତରେ ଓଡ଼ିଶା ଆର୍ଥିକ କ୍ଷତି ସହିପାରେ। ଏହି ପ୍ରସଙ୍ଗରେ ନବୀନ ପଟ୍ଟନାୟକ ରାଜ୍ୟ ସରକାର ଓ ଓଡ଼ିଶାର ସାଂସଦମାନଙ୍କ ଭୂମିକା ନେଇ ମଧ୍ୟ ପ୍ରଶ୍ନ




ଉଠାଇଥିଲେ। ବିଜେଡି ପକ୍ଷରୁ ଆନ୍ଦୋଳନକୁ ଆହୁରି ତୀବ୍ର କରିବା ସହ ଓଡ଼ିଶାର ସ୍ୱାର୍ଥ ଓ ଅଧିକାର ପାଇଁ ଏକଜୁଟ ହେବାକୁ ଆହ୍ୱାନ ଦିଆଯାଇଛି। ଏହି ଅବସରରେ ବିଜେଡି ମୁଖ୍ୟ ନାରୀ ନେତ୍ରୀ ସୁଜାତା ରାଉତ କାର୍ତ୍ତିକେୟନ କହିଛନ୍ତି, "ଓଡ଼ିଶାର ଅଧିକାର ପାଇଁ ବିଜୁ ଜନତା ଦଳ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଲଢ଼ିବ" ତାଙ୍କ ମତରେ, ଓଡ଼ିଶାର ଖଣିଜ ସମ୍ପଦ ଓ ରାଜ୍ୟର ଅଧିକାରକୁ ସୁରକ୍ଷା କରିବା ପାଇଁ ଦଳ ଆଗାମୀ ଦିନରେ ମଧ୍ୟ ଆନ୍ଦୋଳନ ଜାରି ରଖିବ। ବିଜେଡି ପକ୍ଷରୁ ଆହୁରି ଅଭିଯୋଗ କରାଯାଇଛି ଯେ ଆଇନ ପାସ୍ ହେବା ପୂର୍ବରୁ ଏହା ଉପରେ ପର୍ଯ୍ୟାପ୍ତ ଆଲୋଚନା ହୋଇନଥିଲା। ରାଜ୍ୟର ସ୍ୱାର୍ଥ ସୁରକ୍ଷା ପାଇଁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ଏବଂ ଆଇନ ବିରୋଧରେ ଏକ ପ୍ରସ୍ତାବ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଥିବା ନବୀନ ପଟ୍ଟନାୟକ କହିଛନ୍ତି। ଏହି ଦାବିକୁ ନେଇ ଉତ୍ତର ମିଳିନଥିବାର ଅଭିଯୋଗ ମଧ୍ୟ ସେ କରିଛନ୍ତି। ଏହି ବିଷୟକୁ ନେଇ ଓଡ଼ିଶା ବିଧାନସଭାରେ ମଧ୍ୟ ବିଜେଡି ଓ କଂଗ୍ରେସ ପକ୍ଷରୁ ପ୍ରତିବାଦ ହୋଇଥିବାରୁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବିଜେଡି ନେତୃତ୍ୱର ଆହ୍ୱାନ ହେଉଛି, ଏହି ପ୍ରସଙ୍ଗକୁ ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ ରଖି ଓଡ଼ିଶାର ସ୍ୱାର୍ଥ ପାଇଁ ସମସ୍ତ ରାଜନୈତିକ ଦଳ ଓ ବିଭିନ୍ନ ବର୍ଗର ଲୋକ ଏକାଠି ହେବା ଆବଶ୍ୟକ। ନବୀନ ପଟ୍ଟନାୟକ କହିଛନ୍ତି ଯେ ଏହି ଲଢ଼େଇ କେବଳ ବିଜେଡିର ନୁହେଁ, ସାଢ଼େ ଚାରି କୋଟି ଓଡ଼ିଆଙ୍କ ସ୍ୱାର୍ଥ ସହ ଜଡିତ ଏବଂ ଆଗାମୀ ପିଢ଼ିର ଭବିଷ୍ୟତ ପାଇଁ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ। କେନ୍ଦ୍ର ସରକାର ଏହି ଅଭିଯୋଗ ସହ ଏକମତ ନୁହେଁ। କେନ୍ଦ୍ରୀୟ ଖଣି ମନ୍ତ୍ରଣାଳୟର ମତ ଅନୁସାରେ, ସଂଶୋଧନ ରାଜ୍ୟମାନଙ୍କ ଜମି ଓ ଖଣିଜ ଅଧିକାର କାଢ଼ିନେବ ନାହିଁ ଏବଂ ଖଣିଜ କ୍ଷେତ୍ରରୁ ଆସୁଥିବା ମୋଟ କର ଓ ବୈଧାନିକ ଦେୟର ପ୍ରାୟ ୯୦ ପ୍ରତିଶତ ରାଜ୍ୟମାନଙ୍କ ପାଖକୁ ଯାଉଥିବା ବ୍ୟବସ୍ଥା ଜାରି ରହିବ ବୋଲି କହିଛି। ସରକାରଙ୍କ ମତରେ ଏହି ସଂଶୋଧନ ଖଣିଜ କ୍ଷେତ୍ରରେ ଦୀର୍ଘମିଆଦୀ ସ୍ଥିରତା ଓ ନିବେଶକୁ ବଢ଼ାଇବା ଉଦ୍ଦେଶ୍ୟରେ କରାଯାଇଛି।

## ଏମ୍ଏମଡିଆର୍ ସଂଶୋଧନ ଆଇନ ରଦ୍ଦ, ଜ୍ଞାନେଶ କୁମାରଙ୍କ ବରଖାସ୍ତ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି

# ପରିବର୍ତ୍ତନ ରାଲି ଓ ବିଶାଳ ବିକ୍ଷୋଭ ପରେ ୮ ଅକ୍ଟୋବର ଓଡ଼ିଶା ବନ୍ଦ ପାଇଁ ଇଣ୍ଡିଆ ବ୍ଲକର ଆହ୍ୱାନ

**ଭୁବନେଶ୍ୱର :** କେନ୍ଦ୍ର ସରକାରଙ୍କ ଖଣି ଆଇନ ଓ ଏମ୍ଏମ୍ଡିଆର୍ (ସଂଶୋଧନ) ଆଇନ–୨୦୨୬ ରଦ୍ଦ ଦାବିରେ ଆଜି ଭୁବନେଶ୍ୱରରେ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଆୟୋଜିତ ବିଶାଳ ବିକ୍ଷୋଭ, ପ୍ରତିବାଦ ସଭା ଓ ବିଧାନସଭା ଘେରାଉ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଶକ୍ତିଶାଳୀ ଜନମତ ପ୍ରକାଶ ପାଇଛି। ଇଣ୍ଡିଆ ବ୍ଲକ୍ର ରାଜ୍ୟସ୍ତରୀୟ ନେତୃବୃନ୍ଦ ବିଜେପି ସରକାର ଉପରେ ତୀବ୍ର ସମାଲୋଚନା କରିଛନ୍ତି। ମାଷ୍ଟର କ୍ୟାଣ୍ଟିନ୍ସରୁ ବାହାରିଥିବା ବିଶାଳ ପଟୁଆରରେ ବହୁ ସଂଖ୍ୟାରେ ଶ୍ରମିକ, କୃଷକ, ଯୁବ, ଛାତ୍ର, ମହିଳା, ଆଦିବାସୀ, ଦଳିତ ଓ ସାଧାରଣ ଲୋକ ଯୋଗଦେଇ ମହାତ୍ମା ଗାନ୍ଧୀ ମାର୍ଗରେ ଅନୁଷ୍ଠିତ ବିଶାଳ ଜନଗର୍ଜନ ସମାବେଶରେ ସାମିଲ ହୋଇଥିଲେ। ଏହି ଆନ୍ଦୋଳନରେ ଇଣ୍ଡିଆ ବ୍ଲକ୍ ପକ୍ଷରୁ ମୁଖ୍ୟତଃ ଚାରିଟି ଦାବି ଉପସ୍ଥାପିତ ହୋଇଛି। ପ୍ରଥମତଃ, ଓଡ଼ିଶାର ଖଣିଜ ସମ୍ପଦ ଓ ରାଜ୍ୟର ଆର୍ଥିକ ଅଧିକାର ଉପରେ କେନ୍ଦ୍ରୀୟ ହସ୍ତକ୍ଷେପକୁ ବନ୍ଦ କରି ଏମ୍ଏମ୍ଡିଆର୍ (ସଂଶୋଧନ) ଆଇନ–୨୦୨୬କୁ ସମ୍ପୂର୍ଣ୍ଣ ରଦ୍ଦ କରିବାକୁ ଦାବି କରାଯାଇଛି। ଓଡ଼ିଶାର ଖଣିଜ ସମ୍ପଦ ଓ ସେଥିରୁ ମିଳୁଥିବା ରାଜସ୍ୱ ଉପରେ ରାଜ୍ୟର ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରୁଥିବା ନୀତି ବିରୋଧରେ ଇଣ୍ଡିଆ ବ୍ଲକ୍ ଆନ୍ଦୋଳନ ଜାରି ରଖିବାକୁ ଘୋଷଣା କରିଛି।

ଦ୍ୱିତୀୟତଃ, ନିର୍ବାଚନ ପ୍ରକ୍ରିୟା ଓ ଭୋଟର ତାଲିକା ସମ୍ପର୍କିତ ଗୁରୁତର ଅନିୟମିତତା ନେଇ ଉଠିଥିବା ଗମ୍ଭୀର ଅଭିଯୋଗର ପୂର୍ଣ୍ଣ ତଦନ୍ତ ସହିତ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ପଦରୁ ବରଖାସ୍ତ କରିବାକୁ ଦାବି କରାଯାଇଛି। ନିର୍ବାଚନ ବ୍ୟବସ୍ଥାର ନିରପେକ୍ଷତା, ପାରଦର୍ଶିତା ଓ ଜନବିଶ୍ୱାସ





ସୁରକ୍ଷିତ ରଖିବା ପାଇଁ ଏହି ପ୍ରସଙ୍ଗରେ ଉତ୍ତରଦାୟିତ୍ୱ ନିଶ୍ଚିତ କରିବାକୁ ଦାବି ହୋଇଛି। ଜ୍ଞାନେଶ କୁମାରଙ୍କ ବିରୋଧରେ ନିର୍ବାଚନୀ ତାଲିକା ସମ୍ପର୍କିତ ଅଭିଯୋଗକୁ ନେଇ ଜାତୀୟ ସ୍ତରରେ ମଧ୍ୟ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ପ୍ରଶ୍ନ ଉଠାଯାଇଛି।

ତୃତୀୟତଃ, ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ସୃଷ୍ଟି ହୋଇଥିବା ଅରାଜକତା ଓ ଅବ୍ୟବସ୍ଥା ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରାଯାଇଛି। ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିବା, ଶିକ୍ଷକ ଓ ଆବଶ୍ୟକ ଭିତ୍ତିଭୂମିର ଅଭାବ ଏବଂ ଛାତ୍ରଛାତ୍ରୀଙ୍କ ଶିକ୍ଷା ଅଧିକାର ପ୍ରତି ସରକାରଙ୍କ ଅବହେଳା ବିରୋଧରେ ଇଣ୍ଡିଆ ବ୍ଲକ୍ ତୀବ୍ର ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଛି।

ଚତୁର୍ଥତଃ, ବନ୍ୟାରେ କ୍ଷତିଗ୍ରସ୍ତ ଅଞ୍ଚଳର ଲୋକଙ୍କୁ ତୁରନ୍ତ ଓ ପର୍ଯ୍ୟାପ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଛି। ବନ୍ୟାରେ ଘରବାଡ଼ି, ଚାଷବାସ, ଜୀବିକା ଓ ସମ୍ପତ୍ତି ହରାଇଥିବା ପରିବାରମାନଙ୍କୁ ଯଥୋଚିତ କ୍ଷତିପୂରଣ, ଖାଦ୍ୟ, ଆବଶ୍ୟକ ସାମଗ୍ରୀ ଓ ଅନ୍ୟାନ୍ୟ ରିଲିଫ୍ ତୁରନ୍ତ ପହଞ୍ଚାଇବା ସହିତ ପୁନର୍ବାସନର ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଆଜିର ବିଶାଳ ଆନ୍ଦୋଳନକୁ ଆଗକୁ ନେଇ ଇଣ୍ଡିଆ ବ୍ଲକ୍ ୮ ଅକ୍ଟୋବର ୨୦୨୬ରେ ସମଗ୍ର ଓଡ଼ିଶା ବନ୍ଦ ପାଳନ ପାଇଁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଆହ୍ୱାନ ଦେଇଛନ୍ତି। ଏହି ବନ୍ଦକୁ ଏକ ବ୍ୟାପକ ଜନଆନ୍ଦୋଳନର ରୂପ ଦେବା ପାଇଁ ଶ୍ରମିକ, କୃଷକ, କୃଷି ଶ୍ରମିକ, ଯୁବ, ଛାତ୍ର, ମହିଳା, ଆଦିବାସୀ, ଦଳିତ, ବ୍ୟବସାୟୀ, ବୁଦ୍ଧିଜୀବୀ ଓ ସମସ୍ତ ଗଣତାନ୍ତ୍ରିକ ମହଲକୁ ସାମିଲ କରିବାକୁ ଆହ୍ୱାନ ଦିଆଯାଇଛି।



ଇଣ୍ଡିଆ ବ୍ଲକ୍ର ଓଡ଼ିଶା ଆନ୍ଦୋଳନରେ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍ଏଲ୍) ଲିବରେସନ୍, ଫରୱାର୍ଡ ବ୍ଲକ୍, ଏନ୍ସିପି–ଶରଦ ପାୱାର, ସମାଜବାଦୀ ପାର୍ଟି, ଆର୍ଜେଡି ଏବଂ ଜେଏମ୍ଏମ୍ ସାମିଲ ହୋଇଛନ୍ତି। ଆଜିର ପରିବର୍ତ୍ତନ ରାଲିରେ କଂଗ୍ରେସ ରାଜ୍ୟ ସଭାପତି ଶ୍ରୀ ଭକ୍ତ ଚରଣ ଦାସ, ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ଶ୍ରୀ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍ଏଲ୍) ଲିବରେସନ୍ ରାଜ୍ୟ ସମ୍ପାଦକ ଶ୍ରୀ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍ସିପି–ଶରଦ ପାୱାର ରାଜ୍ୟ ସଭାପତି ଶ୍ରୀ ବିକ୍ରମ ସ୍ୱାଇଁ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ଶ୍ରୀ ଶିବ ହାତୀ ଯାଦବ ଏବଂ ଆର୍ଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ହେମନ୍ତ କୁମାରଙ୍କ ସମେତ ବିଭିନ୍ନ ଦଳର ରାଜ୍ୟସ୍ତରୀୟ ନେତୃବୃନ୍ଦ ଉଦ୍ବୋଧନ ଦେଇ ନେତୃତ୍ୱ ପ୍ରଦାନ କରିଥିଲେ। ଇଣ୍ଡିଆ ବ୍ଲକର ନେତୃବୃନ୍ଦ କହିଛନ୍ତି ଯେ, ଓଡ଼ିଶାର ଖଣିଜ ସମ୍ପଦ, ରାଜ୍ୟର ଅଧିକାର, ଗଣତାନ୍ତ୍ରିକ ଅଧିକାର, ଶିକ୍ଷା ଓ ଜନଜୀବନର ସୁରକ୍ଷା ପାଇଁ ଆନ୍ଦୋଳନ ଏବେ ଆହୁରି ବ୍ୟାପକ ହେବ। କେବଳ ବିଧାନସଭା ଭିତରେ ଆଲୋଚନାରେ ସୀମିତ ନରହି ଜନସାଧାରଣଙ୍କୁ ନେଇ ରାସ୍ତାରେ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ଉପରେ ଚାପ ସୃଷ୍ଟି କରାଯିବ ବୋଲି ନେତୃବୃନ୍ଦ ପ୍ରକାଶ କରିଛନ୍ତି। ବିଧାନସଭା ଅଧିବେଶନ ଶେଷ ହେବା ପାଇଁ ନିର୍ଦ୍ଧାରିତ ତାରିଖର ୧୦ ଦିନ ପୂର୍ବରୁ ବିଧାନସଭା ବନ୍ଦ କରିଦେବା ଗଣତନ୍ତ୍ରକୁ ହତ୍ୟା କରାଯାଇଛି ବୋଲି ନେତୃବୃନ୍ଦ କହିଛନ୍ତି। ଇଣ୍ଡିଆ ବ୍ଲକ୍ ପକ୍ଷରୁ ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ ୮ ଅକ୍ଟୋବରର ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ କରାଯାଇଛି। ରାଜ୍ୟର ସମ୍ପଦ ଓ ଅଧିକାରର ସୁରକ୍ଷା, ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା, ଶିକ୍ଷା ଓ ଜନଜୀବନର ସୁରକ୍ଷା ଏବଂ ବନ୍ୟା ପୀଡ଼ିତଙ୍କ ନ୍ୟାୟସଙ୍ଗତ ସହାୟତା ପାଇଁ ଏହି ବନ୍ଦକୁ ଏକ ଶକ୍ତିଶାଳୀ ଜନପ୍ରତିବାଦରେ ପରିଣତ କରିବାକୁ ଆହ୍ୱାନ ଦିଆଯାଇଛି।

ଏହି ସଭାରେ ନିରଞ୍ଜନ ପଟ୍ଟନାୟକ, ଜନାର୍ଦ୍ଦନ ପତି, ଜୟଦେବ ଜେନା, ରାମକୃଷ୍ଣ ପଣ୍ଡା, ପ୍ରସାଦ ହରିଚନ୍ଦନ, ପଞ୍ଚାନନ କାନୁନଗୋ, ଜଗନ୍ନାଥ ପଟ୍ଟନାୟକ, ଅଳି କିଶୋର ପଟ୍ଟନାୟକ, ରାମଚନ୍ଦ୍ର କାଡାମ୍, ଲକ୍ଷ୍ମଣ ମୁଣ୍ଡା, ତାରାପ୍ରସାଦ ବାହିନୀପତି, ଅଶୋକ ଦାସ, ପ୍ରଫୁଲ୍ଲ ପ୍ରଧାନ, ସତ୍ୟଜିତ ଗୋମାଙ୍ଗ, ସାଗର ଦାସ, ରାଜନ ଏକ୍କା, ନୀଳମାଧବ ହିକକା, ଏନ୍. ନାରାୟଣ ରେଡ୍ଡୀ, ମିନାକ୍ଷୀ ବାହିନୀପତି, ରାଧାକାନ୍ତ ସେଠୀ, ସସ୍ମିତା ବେହେରା, ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ, ଶିବାନନ୍ଦ ରାୟ, ନଗେନ୍ଦ୍ର ପ୍ରଧାନ,ପ୍ରମୁଖ ବହୁ କଂଗ୍ରେସ ଏବଂ ବାମପନ୍ଥୀ ନେତୃବୃନ୍ଦ ଉପସ୍ଥିତ ରହି ଉଦ୍ବୋଧନ ଦେଇଥିଲେ। ଏହି ବିକ୍ଷୋଭ ସମାବେଶକୁ ବିଶ୍ୱରଂଜନ ମହାନ୍ତି ଓ ସିଦ୍ଧାର୍ଥ ସ୍ୱରୂପ ଦାଶ ସଂଯୋଜନା କରିଥିଲେ।

# ବିପଦରେ ଶିକ୍ଷା ଅବସ୍ଥା

ବିଦ୍ୟାଳୟରେ ଅଧ୍ୟୟନରତ ଅଧିକାଂଶ ଛାତ୍ରୀଛାତ୍ର ନିଜ ନାମ ଠିକ୍ ରୂପେ ଲେଖିପାରନ୍ତି ନାହିଁ'- ଏହି ତଥ୍ୟ ପ୍ରକାଶ କରିଛନ୍ତି ସିଏଜି। କାହାକୁ ଦୋଷ ଦେବା ? ଶିକ୍ଷକ, ଅଭିଭାବକ ନା ଛାତ୍ରୀଛାତ୍ରଙ୍କୁ ? ଚୁଲରେ ଥାଇ ଆମେ ମୂଳକୁ ଖୋଜିବା କେବଳ ସାର ହେବ। ମୂଳ ଯେ ସାର ମସଲା ଠିକ୍ ବେଳେ ଠିକ୍ ପରିମାଣରେ ପାଇନାହିଁ , ଏହା ହେଉଛି ନିରାଟ ସତ। ଯେଉଁଠି ଛାତ୍ରୀଛାତ୍ର ନିଜ ନାମ ଲେଖିପାରୁ ନାହାନ୍ତି ସେଠି ସେମାନଙ୍କଠାରୁ ଦେଶ ଅଧିକ କ'ଣ ଆଶା କରିବ ?

କେନ୍ଦ୍ର ସରକାରଙ୍କ ସଂସ୍ଥା 'ପରଖ'ର ସର୍ବେକ୍ଷଣ ଅନୁଯାୟୀ ଦେଶରେ ୬ଷ୍ଠ ଶ୍ରେଣୀରେ ପଢୁଥିବା ଶତକଡ଼ା ୪୩ ଜଣ ଛାତ୍ରୀଛାତ୍ର ନିଜ ବହିପାଠ ବୁଝିପାରନ୍ତି ନାହିଁ, ଶତକଡ଼ା ୫୪ ଭାଗ ଛାତ୍ରୀଛାତ୍ର ବଡ଼ ସଂଖ୍ୟା ଲେଖିପାରନ୍ତି ନାହିଁ। ୮ମରେ ପଢୁଥିବା ଶତକଡ଼ା ୬୯.୫ ଭାଗ ପିଲା ଫେଡ଼ାଣ କରିପାରନ୍ତି ନାହିଁ ଏବଂ ଶତକଡ଼ା ୪୫.୮ ଭାଗ ପିଲା ହରଣ କରିପାରନ୍ତି ନାହିଁ। ସେହିପରି ୯ମ ଶ୍ରେଣୀରେ ପଢୁଥିବା ଶତକଡ଼ା ୬୩ ଭାଗ ପିଲା ଗୁଣନ କି ହରଣ ଜାଣନ୍ତି ନାହିଁ।

ଇତିମଧ୍ୟରେ 'ବ୍ଲାକ୍‌ବୋର୍ଡ ଅପରେଶନ'ଠାରୁ ଆରମ୍ଭକରି 'ସ୍ମାର୍ଟ ବୋର୍ଡ' ଅପରେଶନ ପର୍ଯ୍ୟନ୍ତ କଥା ଗଲାଣି। କିନ୍ତୁ ଅବସ୍ଥା ଯେଉଁ ତିମିରେକୁ ସେହି ତିମିରେ। ସର୍ବଶିକ୍ଷା ଅଭିଯାନ ଆରମ୍ଭ ହେଲା ୨୦୦୦ ମସିହାରେ। ଯିଏ ଯେଉଁଠି ବୁଲୁଥାଉ ପଛେ ତା'ର ନାମ ଲେଖାଗଲା ବିନା ସାର୍ଟିଫିକେଟ୍ ?ରେ। ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଟ୍ରେନିଂ ଦିଆଗଲା ବର୍ଷକ ୧୨ ମାସ। ତା'ର ଫଳ ତ ଆମେ ଅଙ୍ଗେ ନିଭାଉଛନ୍ତି- ପିଲା ନିଜ ନାମ ନିଜେ ଲେଖି ପାରୁନାହାନ୍ତି। ଦୀର୍ଘ ୧୮ ବର୍ଷ ପରେ 'ସର୍ବଶିକ୍ଷା ଅଭିଯାନ' ବୋର୍ଡ ବଦଳାଇ ଲେଖି ଦିଆଗଲା 'ସମଗ୍ର ଶିକ୍ଷା ଅଭିଯାନ'। କି ଉନ୍ନତ ମସ୍ତିଷ୍କ। ଫଳକ ପରେ ଫଳକ ବଦଳାଚାଲିଛି। ତାହାର ଫଳ ଆମେ ଏବେ ତୋଳୁଛନ୍ତି।

ୟୁଡାଇସ୍ ରିପୋର୍ଟ ଅନୁଯାୟୀ ଦେଶରେ ଜଣେ ମାତ୍ର ଶିକ୍ଷକରେ ଚାଲିଛି ୧ ଲକ୍ଷ ୮ ଶହ ୪୩ ଟି ବିଦ୍ୟାଳୟ। ଓଡ଼ିଶାରେ ଏହି ସଂଖ୍ୟା ହେଉଛି ୧ ହଜାର ୪ ଶହ ୫୮। ଏଠି ଜଣେ ଶିକ୍ଷକରେ ହାଇସ୍କୁଲ ଚାଲୁଥିବାର ନଜିର ବି ରହିଛି। ଏହା ବାଦ୍ କେଉଁଠି ୨ ଜଣ ଶିକ୍ଷକଙ୍କୁ ୭ଟା ଶ୍ରେଣୀ ତ ଆଉ କେଉଁଠି ୩ ଜଣ ଶିକ୍ଷକଙ୍କୁ ନେଇ ୧୦ ଟା ଶ୍ରେଣୀ। ଶିକ୍ଷକ ଅଭାବ। ପିଲାଏ ଆନ୍ଦୋଳନ କରୁଛନ୍ତି। ଯୋଗ୍ୟ ତାଲିମପ୍ରାପ୍ତ ଯୁବତୀଯୁବକ ସାର୍ଟିଫିକେଟ୍ ଧରି ରାଜରାସ୍ତାରେ ବୁଲୁଛନ୍ତି। ଓଡ଼ିଶାରେ ୪୦ ହଜାର ୯ ଶହ ୫୫ଟି ବିଦ୍ୟାଳୟ ଏବଂ ୨୩୩ଟି ଉଚ୍ଚ ବିଦ୍ୟାଳୟରେ ଶ୍ରେଣୀଗୃହର ଅଭାବ ରହିଛି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏସବୁ ଦୁରବସ୍ଥା ସହ ଆମ ଓଡ଼ିଶା ଏଥର ବିଶ୍ୱ ରେକର୍ଡ ସୃଷ୍ଟି କରିଛି। ୬ ମାସ ହେଲାଣି ପିଲାମାନେ ବିନା ବହିରେ ପାଠପଢ଼ିଲେ। ଏବେ ବହି ପାଉଛନ୍ତି। ବିଶ୍ୱରେ ବିରଳ। ସରକାର ଅନ୍ଧପୁଟୁଳି ବାନ୍ଧି ଦୋଷୀମାନଙ୍କୁ ଖୋଜିବାରେ ଲାଗିଛନ୍ତି। ଆମ ଶିକ୍ଷା ବିଭାଗଟା ତ ବାର ମୁରବିର ଘର। ଶିକ୍ଷା ମନ୍ତ୍ରଣାଳୟ, ଶିକ୍ଷା ନିର୍ଦ୍ଦେଶାଳୟ, ଏନ୍‌ସିଇଆରଟି, ଏସ୍‌ସିଇଆରଟି, ଓସେପା, ଓପେପା, ଡିଇଓ, ଡିପି, ବିଇଓ, ବିଆରସି, ସିଆରସି ଏମିତି ଆହୁରି ଅନେକ। ସର୍ବୋଚ୍ଚରେ ମନ୍ତ୍ରୀ, ସଚିବ। ମାତ୍ର ଉତ୍ତରଦାୟିତ୍ୱ କାହାର ନାହିଁ। ଭୁଲ୍ ବହି ଛାପା ହୋଇଗଲା, କେହି ଜାଣିପାରିଲେ ନାହିଁ !

ଶିକ୍ଷା ହେଉଛି ସଭ୍ୟତାର ଚାବିକାଠି। ଶିକ୍ଷା ବିନା ମଣିଷ ପଶୁ ପାଲଟିଯାଏ। ଆମ ଦେଶରେ କେନ୍ଦ୍ର ବଜେଟର ଶତକଡ଼ା ୧୨ ଭାଗ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ ହୋଇ ପାରିଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ। ଏହି ଦାବି ବାରମ୍ବାର ହୋଇଆସୁଛି। ଅଥଚ ତାହା ପୂରଣ ହୋଇପାରୁ ନାହିଁ। ଉଦ୍‌ବେଗର ବିଷୟ, ଆମ ବାର୍ଷିକ ବଜେଟର ମାତ୍ର ଶତକଡ଼ା ୨.୫ ଭାଗ ଖର୍ଚ୍ଚ ହୁଏ ଶିକ୍ଷା ବାବଦରେ। ସେଥି ଯୋଗୁ କେଉଁଠି ଶିକ୍ଷକ ନାହାନ୍ତି ତ ଆଉ କେଉଁଠି ଘର ନାହିଁ। କେଉଁଠି ପାନୀୟ ଜଳ ନାହିଁ ତ କେଉଁଠି ଶୌଚାଳୟ ନାହିଁ। ଏହିସବୁ 'ନାହିଁ' ମୂଳରେ ବଡ଼ ନାହିଁଟିଏ ଅଛି –ତାହା ହେଉଛି ରାଜନୈତିକ ସଦିଚ୍ଛା ଅଭାବ। ଏଥିଯୋଗୁ ଆମ ଦେଶର ଶିକ୍ଷା ଏବେ ରୁଗ୍‌ଣ ଆଉ ରୋଗଗ୍ରସ୍ତ। ଏଥିରେ ସୁଧାର ନ ଆସିଲେ ଦେଶର ବିକାଶ କେବଳ ପ୍ରଚାର ସର୍ବସ୍ୱ ହୋଇ ରହିଯିବ। ଦେଶ ମୂର୍ଖଙ୍କ ରାମରାଜ୍ୟରେ ପରିଣତ ହେବ।

# ନଦୀର ଅଧିକାର

◆ କ୍ଷେତ୍ରମୋହନ ଦାସ

ଜାତି, ବର୍ଣ୍ଣ, ଧର୍ମ ଓ ଜାତୀୟତା ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତିର ନିରାପଦ ଭାବରେ ସମ୍ମାନଜନକ ଜୀବନ ଅତିବାହିତ କରିବା ଏକ ପ୍ରାକୃତିକ ଅଧିକାର। ନିଜ ସାମର୍ଥ୍ୟର ବିକାଶ କରିବା, ଶିକ୍ଷା ପାଇବା, ନାଗରିକ ଅଧିକାର ଉପଭୋଗ କରିବା, ଆଇନ ଦୃଷ୍ଟିରେ ସମାନ ନିର୍ଦ୍ଦେଶିତ ହେବା, ମତବ୍ୟକ୍ତ କରିବାର ଅଧିକାର ପାଇବା ଇତ୍ୟାଦି ବ୍ୟକ୍ତିର ଅଧିକାର। ବ୍ୟକ୍ତି ସ୍ୱାଧୀନତା ଓ ମାନବିକ ଅଧିକାର ମାନବବାଦୀ ଜୀବନବୋଧର ଅନ୍ତର୍ନିହିତ ତାତ୍ପର୍ଯ୍ୟ। ୧୯୪୮ ମସିହାରେ ଜାତିସଂଘରେ ମାନବିକ ଅଧିକାରରେ ବିଶ୍ୱ ଘୋଷଣାନାମା ଗୃହୀତ ହୋଇଅଛି। ଏହା ୩୦ ଗୋଟି ଧାରାରେ ଲିପିବଦ୍ଧ ଥିଲା। ଦରକାର ପଡ଼ିଲେ ସମୟେ ସମୟେ ଏହାର କେତେଗୁଡ଼ିଏ ଧାରା ଯୋଗ ହେଉଛି।

ଆମ ଦେଶର ସମ୍ବିଧାନ ହେଉଛି ଏକ ଆଦର୍ଶ ସମାଜର ନକ୍ସା। ଏହାଦ୍ୱାରା ନାଗରିକଙ୍କୁ ସୁଖ, ସମୃଦ୍ଧି, ମର୍ଯ୍ୟାଦା, ନ୍ୟାୟ ଓ ସ୍ୱାଧୀନତା ମିଳିବ। ସବୁଠାରୁ ବଡ଼ କଥା ହେଉଛି ମୌଳିକ ଅଧିକାର। ଏଥିରେ ସମାନତାର ଅଧିକାର, ଶୋଷଣ ଓ ପକ୍ଷପାତିତାଠାରୁ ସୁରକ୍ଷା, ଅସ୍ପୃଶ୍ୟତା ନିଷେଧ, ବଞ୍ଚିବାର ଅଧିକାର, ଧର୍ମ ଉପରେ ସ୍ୱାଧୀନତା, ସ୍ୱାଧୀନ ମତବ୍ୟକ୍ତ କରିବାର ଅଧିକାର, ସମସ୍ତେ ଶିକ୍ଷା ପାଇବାର ଅଧିକାର ଅଛି। କିନ୍ତୁ ଜୀବନ୍ତ ନଦୀର ରକ୍ଷଣାବେକ୍ଷଣ, ପରିଚୟ, ଅଖଣ୍ଡତା ଓ ଜୀବାତ୍ମା ପରି ରହିବା ଉଚିତ୍। କାରଣ ଏହାଦ୍ୱାରା ସାଧାରଣ ମଣିଷ, ଅନେକ ପ୍ରକାର ଜୀବଜନ୍ତୁ, ପଶୁପକ୍ଷୀ ବଞ୍ଚି ପାରୁଛନ୍ତି। ଧୀବରମାନେ ମାଛ ଧରି ତାଙ୍କର ପେଟ ପୋଷୁଛନ୍ତି। ଅନେକ ସମୟରେ ବଣ ଜଙ୍ଗଲକୁ କାଠ, ଗଛର ପତ୍ର ବର୍ଷା ଯୋଗୁ ନଦୀ ଭିତରକୁ ପଶିଆସୁଛି। ଜଳ ବିଦ୍ୟୁତ୍ ଡ୍ୟାମ ଯୋଗୁ ନଦୀ ଜଳ ଦୂଷିତୀକରଣ ହେଉଅଛି। ଜଳବାୟୁ ପରିବର୍ତ୍ତନର ଏକ ସରକାରୀ ରିପୋର୍ଟରୁ ଜଣାପଡୁଛି, ଯାହାକି ଦୂଷିତ ନଦୀଜଳର କୁପ୍ରଭାବ ମାନବ ସମାଜ ଉପରେ ପଡୁଅଛି। କେଉଁଠି ଉତ୍ତାପ ବୃଦ୍ଧି ପାଉଛି ତ କେଉଁଠି ବରଫ ତରଳିବା ଦ୍ୱାରା ସମୁଦ୍ରର ଜଳ ପତ୍ତନ ବୃଦ୍ଧି ପାଉଅଛି, କେନ୍ଦ୍ରୀୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ଼ର ରିପୋର୍ଟରୁ ଜଣାପଡ଼ିଅଛି ଯେ ଭାରତରେ ୪୫ ଗୋଟି ନଦୀ ପ୍ରଦୂଷଣଭୁକ୍ତ ଓ ୩୦୦ ଗୋଟି ଛୋଟ ଛୋଟ ନଦୀ, ନାଳ, ସମ୍ପୂର୍ଣ୍ଣ ଭାବରେ ପ୍ରଦୂଷିତ। ଆମ ଦେଶର ପବିତ୍ର ନଦୀ କୁହାଯାଉଥିବା ଗଙ୍ଗା ଓ ଯମୁନା ନଦୀରେ ଅଶୋଧିତ ନର୍ଦ୍ଦମା ପାଣି, କଳକାରଖାନାର ଦୂଷିତ ପାଣି ପଶିବା ଦ୍ୱାରା ନଦୀ ଜଳ ସମ୍ପୂର୍ଣ୍ଣ ଭାବରେ ମଣିଷ, ଜୀବଜନ୍ତୁ ଓ ପଶୁପକ୍ଷୀ ବ୍ୟବହାର ନିମନ୍ତେ ଅନୁପଯୁକ୍ତ। ଅତ୍ୟଧିକ ଡ୍ୟାମ କରିବା ଦ୍ୱାରା ବିଦ୍ୟୁତ୍ ଉତ୍ପାଦନ ନିମନ୍ତେ ଯେଉଁ ଜଳାଶୟ ସୃଷ୍ଟି ହେଉଛି, ତା'ର ଚାରିପଟେ ଜଳ ମାଟି ଭିତରେ ପ୍ରବାହିତ ହେବା ଫଳରେ ଅନେକ ସମୟରେ ବଡ଼ ବଡ଼ ଅତଡ଼ା ପାହାଡ଼ ଉପରୁ ଖସୁଅଛି। ଏହି ଅତଡ଼ା ଖସିବା ଦ୍ୱାରା ବର୍ଷାଜଳ ମଧ୍ୟ ଅନେକ ସମୟରେ ସହର ଭିତରକୁ ପଶିଆସି ଅନେକ ଧନ ଜୀବନ ନଷ୍ଟ କରୁଛି। ଏହା ହିମାଳୟର ପାଦଦେଶ ସହର, ମନ୍ଦିରମାନଙ୍କରେ ଘଟୁଅଛି। ଦୀର୍ଘ ୧୫ ବର୍ଷ ଧରି ନଦୀଜଳ ପ୍ରଦୂଷଣ ବିଷୟରେ ଆଇନଗତ ପଦକ୍ଷେପ ନେଇ ସରକାରୀସ୍ତରରେ ଅନେକ ଆଲୋଚନା ଓ ପର୍ଯ୍ୟାଲୋଚନା ଚାଲିଅଛି।

୨୦୧୭ ମସିହାରେ ଉତ୍ତରାଖଣ୍ଡର ଉଚ୍ଚ ନ୍ୟାୟାଳୟ ଦୁଇ ଆଦେଶନାମା ଜାରି କରି ଉତ୍ତରାଖଣ୍ଡ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୮ ମସିହାରେ ମଧ୍ୟ ପଞ୍ଜାବ ଓ ହରିଆନା ଉଚ୍ଚ ନ୍ୟାୟାଳୟ (ନାରାୟଣ ଦତ୍ତ ଭଟ୍ଟ ଓ କେନ୍ଦ୍ର ସରକାର) ଏକ ଆଦେଶନାମାରେ ପ୍ରକାଶ କରିଛନ୍ତି ଯେ ଚଣ୍ଡିଗଡ଼ର ସୁଖନା ହ୍ରଦ ଏକ ଜୀବନ୍ତ ଅସ୍ତିତ୍ୱ ଓ ମଣିଷ ପରି। ଏହାର ଜଳ ପ୍ରଦୂଷଣ ନକରିବା ପାଇଁ କେନ୍ଦ୍ର ସରକାରଙ୍କୁ ଆଦେଶ ଦେଇଛନ୍ତି। ବଙ୍ଗଳା ଦେଶର ଉଚ୍ଚ ନ୍ୟାୟାଳୟ ମଧ୍ୟ ଏକ ଆଦେଶନାମାରେ ପ୍ରକାଶ କରିଛନ୍ତି ଝୁରଙ୍ଗ ନଦୀର ମଧ୍ୟ ଅସ୍ତିତ୍ୱ ଜୀବନ୍ତ ଓ ଏହାର ଅଧିକାର ଅଛି। ସରକାର ଏହି ନଦୀର ଜଳକୁ ପ୍ରଦୂଷଣମୁକ୍ତ କରିବାକୁ ବାଧ। ଏହି ଆଦେଶନାମା ବାଂଲାଦେଶର ସବୁ ନଦୀ ପାଇଁ ଦରକାର। ନ୍ୟାୟାଳୟ ମଧ୍ୟ ହୁରିଗଙ୍ଗୋ ନଦୀକୂଳରେ ଥିବା ୨୩୧ ଗୋଟି କାରଖାନାକୁ ବନ୍ଦ କରିଛନ୍ତି। ନ୍ୟାୟାଳୟ ତାଙ୍କ ନିର୍ଦ୍ଦେଶନାମାରେ ମଧ୍ୟ ପ୍ରକାଶ କରିଛନ୍ତି ଯେ ନଦୀର ମଧ୍ୟ ଅଧିକାର ଅଛି। ତା'ର ରକ୍ଷଣ, ପୋଷଣ, ପରିଚାଳନା, ଅସ୍ତିତ୍ୱ ରକ୍ଷା କରିବା ପାଇଁ ଦେଶରେ ଆଇନ କରିଛନ୍ତି।

ମିଳିତ ଜାତିସଂଘ ମଧ୍ୟ ଏପ୍ରିଲ ୨୨ ତାରିଖକୁ ଅନ୍ତର୍ଜାତୀୟ ମା' ମାଟିର ଦିବସ ରୂପେ ପାଳନ କରିବା ନିମନ୍ତେ ଘୋଷଣା କରିଛନ୍ତି। ଫେବୃୟାରୀ ୧୬, ୨୦୨୧ରେ କାନାଡ଼ା ମ୍ୟାଗପାଇ ନଦୀକୁ ଜୀବନ୍ତ ମଣିଷ ରୂପେ ଘୋଷଣା କରିଛନ୍ତି। ମଣିଷର କର୍ତ୍ତବ୍ୟ ହେଉଛି ପ୍ରକୃତିକୁ ଜୀବନ୍ତ ରୂପେ ଚଳିବାକୁ ସାହାଯ୍ୟ କରିବା। ନଦୀର ସ୍ୱାସ୍ଥ୍ୟର ଯତ୍ନ ନେବା, ଦରକାର ପଡ଼ିଲେ ନଦୀ ମଧ୍ୟ ଆଇନର ଆଶ୍ରୟ ନେଇପାରିବ। ନଦୀକୁ ପ୍ରଦୂଷଣ କରିବା ଅନୁଚିତ୍। ତାହାକୁ ପ୍ରଦୂଷଣ କଲେ ସେ ମଧ୍ୟ କ୍ଷତିପୂରଣ ଦାବି କରିବ। ଏଣୁ ନଦୀକୁ ପ୍ରଦୂଷଣମୁକ୍ତ ରଖିବାକୁ ମାନବ ସମାଜ ସବୁବେଳେ ଚେଷ୍ଟା କରିବା ଉଚିତ୍। ନଦୀର ସୁରକ୍ଷା ରଖିବା ଅଧିକାର ନଦୀ ପାଖରେ ଆଇନତଃ ରହିବା ଦରକାର। ଏହା ସହିତ ମାଟି ଓ ଭୂଜଳର ସୁରକ୍ଷା ଦରକାର। ଉତ୍ତରାଖଣ୍ଡ ସରକାରଙ୍କୁ ଉତ୍ତରାଖଣ୍ଡ ଉଚ୍ଚନ୍ୟାୟାଳୟ ମଧ୍ୟ ନଦୀର ପରିବାର ସୁଦୃଶ୍ୟ ଓକିଲଙ୍କୁ ତାଙ୍କ ପରିବାରର ସଦସ୍ୟ ଗ୍ରହଣ କରି ତା'ର ରକ୍ଷଣାବେକ୍ଷଣ କରିବାରେ ସାହାଯ୍ୟ କରିବାକୁ ପରାମର୍ଶ ନେଇଛନ୍ତି। ମାନ୍ୟବର ଉଚ୍ଚ ନ୍ୟାୟାଧିପତିଙ୍କର ଆଦେଶକୁ ସମ୍ମାନ ଜଣାଇ ଉତ୍ତରାଖଣ୍ଡର ମୁଖ୍ୟ ଶାସନ ସଚିବ ପ୍ରତି ସହର, ଗ୍ରାମରେ ଗ୍ରାମସଭା ମାଧ୍ୟମରେ ନଦୀର ସୁରକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି। ମୋଟାମୋଟି ଭାବରେ ନଦୀକୂଳିଆ ଗାଁ ଲୋକ ନଦୀ ଜଳର ପ୍ରଦୂଷଣ ନହେବା ପାଇଁ ଗୁରୁତ୍ୱ ଦେବେ। ଦରକାର ପଡ଼ିଲେ ପ୍ରଦୂଷଣ କରୁଥିବା ସଂସ୍ଥାଠାରୁ କ୍ଷତିପୂରଣ ଆଇନତଃ ଆଦାୟ କରିପାରିବେ। କିନ୍ତୁ ଗୋଟିଏ କଥା ହେଉଛି ଆଇନ ଆଧୁନିକ ଯୁଗରେ ମଣିଷ ତିଆରି କରୁଛି। ଏହି ମଣିଷ ଯେଉଁମାନେ ଲୋକଙ୍କ ଦ୍ୱାରା ନିର୍ବାଚନରେ ଜିତି ଲୋକ ପ୍ରତିନିଧି ହେଉଛନ୍ତି, ସେହିମାନେ ହିଁ ବର୍ତ୍ତମାନ ଯୁଗରେ କୌଣସି ନୀତି ବା ଆଦର୍ଶକୁ ବିଶ୍ୱାସ ନକରି ନିୟମ ବହିର୍ଭୂତ କାମ କରୁଛନ୍ତି ବା କରାଉଛନ୍ତି। ଏଣୁ ଉପଯୁକ୍ତ ଜନ ପ୍ରତିନିଧି ବାଛିଲେ ତାହା ଲୋକମାନଙ୍କର ଯଥା ମାନବ ସମାଜ ପାଇଁ ଉପକାରରେ ଆସିବେ। ଆମ ସମ୍ବିଧାନ ଯେଉଁ କ୍ଷମତା ଆମକୁ ଦେଇଛି ସେଥିରେ ପାତରଅନ୍ତର ଚାଲିଛି। ତାହା ବିରୁଦ୍ଧରେ ବିଚାରାଳୟରେ ଆଶ୍ରୟ ନେଲେ ନ୍ୟାୟ ପାଇବା ନିମନ୍ତେ ବିଳମ୍ବ ହେଉଛି। ଯେଉଁମାନେ କ୍ଷମତାରେ ରହୁଛନ୍ତି ସେମାନଙ୍କର କ୍ଷମତାକୁ ସୁଦୃଢ଼ କରିବା ପାଇଁ ଅନେକ ଅନୀତି କାମ କରି ଚାଲିଛନ୍ତି। ପ୍ରତିବାଦ କରୁଥିବା ସମାଜସେବୀ, ସାମ୍ବାଦିକ, ସରକାରଙ୍କ କାର୍ଯ୍ୟାଳୟରେ କର୍ମଚାରୀଙ୍କୁ ପ୍ରଭାବିତ ଶାସକଦଳ କରୁଛନ୍ତି। ଏପରିକି ବିଚାରାଳୟରେ ମଧ୍ୟ ହସ୍ତକ୍ଷେପ କରୁଛନ୍ତି। ଏହା ବର୍ତ୍ତମାନ ପୃଥିବୀବାସୀଙ୍କ ନିମନ୍ତେ ଏକ ଆହ୍ୱାନ। ସମାଜରେ ପ୍ରତିପତ୍ତି ବିସ୍ତାର କରୁଥିବା ମଣିଷ ଓ ପୁଞ୍ଜିପତିମାନେ ତାଙ୍କ ସ୍ୱାର୍ଥ ପାଇଁ ପ୍ରଗତିମୂଳକ ଭଲ କାମ କରାଇବାରେ ବ୍ୟାଘାତ ସୃଷ୍ଟି କରୁଛନ୍ତି। ଏପରିକି କେତେକ ରାଜ୍ୟରେ ରାଜ୍ୟ ସରକାରଙ୍କୁ ପ୍ରଭାବିତ କରି ସମଗ୍ର ନଦୀକୁ ତାଙ୍କ ଦ୍ୱାରା ପରିଚାଳିତ କରିବାକୁ ଚେଷ୍ଟିତ। ଅନ୍ୟପକ୍ଷରେ କ୍ଷମତା, ଅର୍ଥ ପାଇଁ ବହୁମତ ପାଇଥିବା ସରକାର ଜାତୀୟ ସମ୍ପଦ, ନଦୀ, ହ୍ରଦ, ଏପରିକି ପାହାଡ଼ ପର୍ବତକୁ ପୁଞ୍ଜିପତିଙ୍କ ହାତରେ ଟେକିଦେଇ ପୁଣିଥରେ ଅତୀତ ପରି ସାମନ୍ତବାଦ ଏକଛତ୍ରବାଦକୁ ସାଧାରର ଜନତାଙ୍କୁ ନେଇ ପହଞ୍ଚାଇବାକୁ ଚେଷ୍ଟିତ। ପୃଥିବୀର ବହୁ ପୁଞ୍ଜିପତିମାନେ ସମଗ୍ର ବିଶ୍ୱର ପ୍ରଭାବ ବିସ୍ତାର କରୁଛନ୍ତି। ଯଦି ସାଧାରର ଜନତା ବା ଭୋଟର ଭାଇ-ଭଉଣୀମାନେ ସଚେତନ ନହେବେ, ଆଗାମୀ ଦିନରେ ପୁଞ୍ଜିପତିମାନଙ୍କର ଚକ୍ରାନ୍ତରେ ମାନବ ସମାଜ ପୁଣି ସେହି କ୍ରୀତଦାସ ଯୁଗକୁ ଯାଇ ପହଞ୍ଚିବ। ଅତୀତରେ କଲୋନିଆଲ୍ ସରକାରମାନେ ଯେପରି ଜାତି-ଜାତି, ଛୋଟରାଜା-ବଡ଼ରାଜା ଭିତରେ କଳି ଲଗାଇ ତାଙ୍କ ଫାଇଦା ହାସଲ କରି ସମଗ୍ର ବିଶ୍ୱରେ ଯେଉଁ ବିଷମଞ୍ଜି ବୁଣି ଦେଇଛନ୍ତି, ସେଥିରୁ ମୁକ୍ତି ମିଳିବା କଷ୍ଟକାରକ।

ଏଣୁ ପ୍ରକୃତିର ଅଧିକାର, ନଦୀର ଅଧିକାର, ହ୍ରଦର ଅଧିକାର, ନଦୀକୂଳର ଅଧିବାସୀ, ପଶୁପକ୍ଷୀଙ୍କୁ ବଞ୍ଚାଇବାକୁ ହେଲେ ପ୍ରତିଭାସମ୍ପନ୍ନ ଓକିଲ, ବିଶିଷ୍ଟ ସମାଜସେବୀ, ନ୍ୟାୟାଳୟର ନ୍ୟାୟାଧିପତିମାନେ ଆଗେଇ ଆସିଲେ ସମଗ୍ର ଦେଶର ଅଧିବାସୀ ତଥା ପଶୁପକ୍ଷୀମାନେ ଉପକୃତ ହୋଇପାରିବେ।

# ସମୟର ପରିଚାଳନା

• କ୍ଷେତ୍ରମୋହନ ଦାସ

ସମୟ ସମସ୍ତଙ୍କ ପାଇଁ ମୂଲ୍ୟବାନ ସମ୍ବଳ। ତେଣୁ ଛୋଟ ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ସମୟର ମୂଲ୍ୟ ବୁଝିବା ଦରକାର। ମଣିଷ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମୟ ଗ୍ରହଣ କରିଥାଏ। ସମୟର ପରିଚାଳନା ଠିକ୍ ଭାବରେ କରାଗଲେ ଜଣେ ବ୍ୟକ୍ତି ହେଉ ବା ସରକାରୀ କାର୍ଯ୍ୟାଳୟ ହେଉ ସମସ୍ତଙ୍କର ସାମର୍ଥ୍ୟ ବୃଦ୍ଧି ପାଇବ। ସମୟକୁ ନେଇ ନେଲସନ୍ ମାଣ୍ଡେଲା କହିଥିଲେ ଯେ, ସମୟର ମୂଲ୍ୟକୁ ବୁଝିପାରିଛି, ତା'ର ବ୍ୟକ୍ତିଗତ ମୂଲ୍ୟ ଅଧିକ ବୃଦ୍ଧି ପାଇବ ଓ ରାଷ୍ଟ୍ରର ମଙ୍ଗଳ ହେବ। ସମୟର ମୂଲ୍ୟକୁ ଜଗତର ସମସ୍ତ ପଦାର୍ଥ ଓ ଅର୍ଥଠାରୁ ଅଧିକ ମୂଲ୍ୟବାନ। ତେଣୁ ଏହାର ପରିଚାଳନାର ଆବଶ୍ୟକତା ସମ୍ପୂର୍ଣ୍ଣ ଭାବେ ଆବଶ୍ୟକ। ବହୁ ବୈଜ୍ଞାନିକଙ୍କ ମତରେ ସମୟକୁ ନଗଦ ଟଙ୍କା ଭାବରେ ବିଚାର କରିବା ଦରକାର। ସମୟକୁ ଠିକ୍ ଭାବରେ ପରିଚାଳନା କରି ବିଶ୍ୱରେ ବହୁ ମହାନାୟକମାନେ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଫଳପ୍ରଦ ହୋଇପାରିଛନ୍ତି। ଯେଉଁମାନେ ସମୟର ପରିଚାଳନା ଠିକ୍ ଭାବରେ କରିପାରିଛନ୍ତି ସେମାନେ ମାନବ ସମ୍ବଳକୁ ଅଧିକତମ ଉପଯୋଗ କରିପାରିଛନ୍ତି। ଗୋଟିଏ ରାଷ୍ଟ୍ରନାୟକ ସମୟକୁ ସଫଳ ଭାବରେ ବିନିଯୋଗ କରି ଅନେକ କାମର ସଫଳତା ଲାଭ କରିପାରିବ। ପ୍ରତିଦିନର କାମକୁ ସ୍ପଷ୍ଟ ଭାବରେ କହିବା ଓ କରିବା ଦ୍ୱାରା ସମାଜର ମଙ୍ଗଳ ହୋଇପାରିବ। ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ ତା'ର ପ୍ରତିଦିନର କାମ ସମ୍ପୂର୍ଣ୍ଣ କରିବା ଓ ଆସନ୍ତାକାଲି ପାଇଁ ଯୋଜନା କରିବା ଉଚିତ୍। ସମୟକୁ ଠିକ୍ ଭାବରେ ପରିଚାଳନା କଲେ ଅନେକ କାମ କରିହେବ। ଇତିହାସରୁ ଜଣାପଡ଼େ ଯେ ବିଶ୍ୱର ବହୁ ନେତୃତ୍ୱ, ରାଷ୍ଟ୍ରନାୟକ, ବୈଜ୍ଞାନିକ, ଉଚ୍ଚପଦବୀ ଅଧିକାରୀ ସମୟର ସୁପରିଚାଳନା କରି ତାଙ୍କର କର୍ମକ୍ଷେତ୍ରରେ ଅଧିକ କୃତକାର୍ଯ୍ୟ ହୋଇପାରିଛନ୍ତି। ଯଦି ଜଣେ ଆଜି କାମକୁ ଆଜି ନକଲେ ତାହା ଆସନ୍ତା କାଲି ପାଇଁ ବିଳମ୍ବ ହୋଇଯିବ। ଶିଳ୍ପକୁ ରକ୍ଷା କରିବାକୁ ହେଲେ ମାଲିକ ସମୟକୁ ଠିକ୍ ଭାବରେ ସୁପରିଚାଳନା କରିବା ଦରକାର। ଆଜିକାଲି ସମୟ ପରିଚାଳନାରେ ଉନ୍ନତି ହୋଇଅଛି। ସମୟ ସବୁକିଛି ପରିବର୍ତ୍ତନ କରିପାରିଛି। ସମୟର ବିନିଯୋଗ ଦ୍ୱାରା ସରକାରୀ ସ୍ତରରେ ହେଉ ବା ବେସରକାରୀ ସ୍ତରରେ ଅନେକ ବୁଦ୍ଧିଜୀବୀ ତାଗଡ଼ା ହୋଇ ପାରିଛନ୍ତି। ଯେଉଁମାନେ ସମୟକୁ ଠିକ୍ ଭାବରେ ପରିଚାଳନା କରିପାରିଛନ୍ତି, ସେମାନେ ସବୁ କ୍ଷେତ୍ରରେ ଆଗୁଆ ହୋଇପାରିବା ସଂଗେ ସଂଗେ ସେମାନଙ୍କ ପରିବାର ପ୍ରତି ଅଧିକ ସମୟ ଦେଇ ପାରୁଛନ୍ତି। ସମୟର ସୁବିନିଯୋ କରି ଅନେକ କାର୍ଯ୍ୟନିର୍ବାହୀମାନେ ଉପରିସ୍ଥଙ୍କୁ ଆହ୍ୱାନ ଦେଇପାରିଛନ୍ତି। ଯେଉଁମାନେ ସମୟ ଉପରେ ସଚେତନ, ସେମାନେ ସବୁକିଛିର ଶୀଘ୍ର ନିଷ୍ପତ୍ତି ଗ୍ରହଣ କରିପାରନ୍ତି। ବିଳମ୍ବ କଲେ ସମସ୍ତ କାର୍ଯ୍ୟ ପଛେଇଯିବ ? ରାଷ୍ଟ୍ର ଠିକ୍ ଭାବରେ ସମସ୍ତଙ୍କୁ ସୁବିଧା ଦେଇପାରିବେ, ଯୁଦ୍ଧ କ୍ଷେତ୍ରରେ ଶତ୍ରୁ ମାଡ଼ିଆସିବ, ଶିଳ୍ପର ବିନାଶ ଘଟିବ, ସମସ୍ତଙ୍କୁ ନଷ୍ଟ କରୁଥିବା ବ୍ୟକ୍ତିମାନେ ହେଲେ ବିଭିନ୍ନ ଆଳ ଦେଖାଇ ବୁଲିବା, ଖାଇବା, ଦେଖେଇ ହୋଇ ଚା' ପିଇବା, ଅଯଥା ଟେଲିଫୋନ୍ କରିବା, ସବୁ କାମକୁ ଧିମେଇବା, ନିଠେଇ ହେବା, ଜନହିତ କାମରେ ଚିଡ଼ିଚିଡ଼ି ହେବା, ନିଜ କାମ ଠିକ୍ ଭାବରେ ନକରି ଅନ୍ୟ ଉପରେ ଦୋଷ ଦେଇଦେବା ଆଦି କାମ କରନ୍ତି। ଯେଉଁମାନେ ନିଜ ଜୀବନକୁ ଭଲପାଆନ୍ତି, ସେମାନେ ସମୟକୁ ଠିକ୍ ଭାବରେ ବୁଝିଥାନ୍ତି। କାବିଲ୍‌ର ଶିବ୍ରାନ୍ ଥରେ କହିଥିଲେ ଗତକାଲିର କାମକୁ ଆଜି ମନେ ରଖିବ, ଆସନ୍ତା କାଲିର କାମକୁ ସ୍ୱପନରେ ଭାବିବ, ଆଜି କାମକୁ ଆଜି କରିବ। ସେଣ୍ଟ ପଲ୍ ପ୍ରଶ୍ନ କରିଥିଲେ– Put on new self today itself. ପୋଷୁରା ଲୋଥଙ୍କ ମତରେ, Time is an arrow, leftout one's hand. ଯଦି ଆମେ ଠିକ୍ ସମୟରେ ଶରବିଦ୍ଧ ନକରିବା, ତେବେ ସଫଳତା ଲାଭ କରିପାରିବା ନାହିଁ। ଜଣେ ମହାପୁରୁଷଙ୍କ ମତରେ ସମୟ ମୂଲ୍ୟବାନ ଓ ଦ୍ରୁତଗାମୀ। ମଣିଷ ପ୍ରତି ସେକେଣ୍ଡରେ ବୃଦ୍ଧ ହେବାକୁ କୋଷଗୁଡ଼ିକୁ କ୍ଷୟ ହେବାରେ ଲାଗିଛି, ଆଉଥରେ ମଣିଷ ରୂପରେ ଜନ୍ମ ହେବା କହିହେବ ନାହିଁ। ମଣିଷ ତା'ର ଜୀବନକୁ ସଫଳତାର କ୍ୟାରିଅର୍‌କୁ ସମ୍ପୂର୍ଣ୍ଣ କଲେ ତାହା ଗୋଲ୍‌ଡ଼ମ୍ୟାନ୍‌ରେ ପରିଣତ ହେବ। ତେଣୁ ମଣିଷ ସମୟକୁ ସୁପରିଚାଳନା କରିବା ଉଚିତ୍। ମଣିଷ ଠିକ୍ ଭାବରେ କାମ କଲେ ମୂଲ୍ୟବାନ ମଣିଷରେ ପରିଣତ ହେବ। ଠିକ୍ ଭାବରେ ଖେଳିଲେ ଯୁବକ ଖ୍ୟାତି ଲାଭ କରିବ। ଠିକ୍ ଭାବେ ପଢ଼ିଲେ ଜ୍ଞାନୀରୂପେ ପରିଚିତ ହେବ। ଠିକ୍ ଭାବରେ ସାଙ୍ଗ କଲେ ଆନନ୍ଦ ଅନୁଭବ କରିବ, ଠିକ୍ ଭାବେ ସମୟକୁ ଭଲ ପାଇଲେ ଭଗବାନଙ୍କ ଆଶୀର୍ବାଦ ପାଇବ। ଠିକ୍ ଭାବରେ ହସ ହସ ରହିଲେ ଆତ୍ମ ସଙ୍ଗୀତମୟ ହେବ। ଆମ ଦେଶର ପିତା ମହାତ୍ମା ଗାନ୍ଧୀ ସମୟକୁ ଠିକ୍ ଭାବରେ ପାଳନ କରିବାକୁ ଯାଇ ଏକ ଘଣ୍ଟା ତାଙ୍କ ଅଣ୍ଟାରେ ଖୋସୁଥିଲେ। ସ୍ୱାମୀ ବିବେକାନନ୍ଦ ଠିକ୍ ସମୟରେ ଆମେରିକା ଧର୍ମସଭାରେ ପହଞ୍ଚି ଭାଷଣ ଦେଇପାରିଥିଲେ। ମହାନ୍ ବୈଜ୍ଞାନିକ ଆଇନଷ୍ଟାଇନ୍ ଠିକ୍ ସମୟରେ ଶ୍ରେଣୀ ଗୃହକୁ ଆସି ପାଠପଢ଼ା ଆରମ୍ଭ କରୁଥିଲେ। ଆମ ରାଜ୍ୟର ପୃଥିବୀ ପ୍ରସିଦ୍ଧ ଉଦ୍ଭିଦ ବିଜ୍ଞାନୀ ସ୍ୱର୍ଗତ ପ୍ରାଣକୃଷ୍ଣ ପରିଜା ସାହେବ ସମୟାନୁବର୍ତ୍ତୀ ଥିଲେ। ଥରେ ସାଧାରଣ ସଭାରେ ଯୋଗ ଦେବାକୁ ଯାଇ ଅନ୍ୟମାନେ ଆସି ନଥିଲେ ମଧ୍ୟ ଠିକ୍ ସମୟରେ ଭାଷଣ ଦେଇ ପଳାଇ ଆସିଥିଲେ। ଆମ ରାଜ୍ୟର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ସମୟାନୁବର୍ତ୍ତୀ ଥିବାରୁ ଅନେକ କାମ କରିପାରୁଥିଲେ। ଜଣେ ପିଲା ବର୍ଷକର ମୂଲ୍ୟ ବୁଝି ନପାରିଲେ ପରୀକ୍ଷାରେ ଫେଲ୍ ହୋଇଯାଏ। ଗାଡ଼ିଚାଳକ ଗୋଟିଏ ମୁହୂର୍ତ୍ତ ଅପେକ୍ଷା ନକଲେ ଆକ୍ସିଡ଼େଣ୍ଟର ସମ୍ମୁଖୀନ ହୁଏ। ଠିକ୍ ସମୟରେ ରେଳ ଷ୍ଟେସନ୍‌ରେ ନ ପହଞ୍ଚିଲେ ଟ୍ରେନ୍ ଛାଡ଼ିଦିଏ। ଆଜିକାଲି ବୃଦ୍ଧମାନେ ଯେପରି ଭାବରେ ସମୟାନୁବର୍ତ୍ତୀ ଅଛନ୍ତି ଯୁବକମାନେ ସେପରି ନାହାନ୍ତି। ସମୟ ହେଉଛି ସବୁଠାରୁ ମୂଲ୍ୟବାନ।

# ଭାରତରେ କ୍ଷୁଧା, ଅପପୁଷ୍ଟି ଓ ମାନବିକତା

●ଡ. ଗୋଲକ ବିହାରୀ ନାଥ

ବିଶ୍ୱ କ୍ଷୁଧା ସୂଚକାଙ୍କରେ ୧୨୫ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୧ରେ ରହିଛି। ଗତବର୍ଷ ଅର୍ଥାତ୍ ୨୦୨୨ରେ ଏହା ୧୨୧ଟି ଦେଶ ମଧ୍ୟରେ ୧୦୭ ସ୍ଥାନରେ ଥିଲା। ଅର୍ଥାତ୍ ଏ ବର୍ଷ ଏହା ୪ଟି ସ୍ଥାନ ନିମ୍ନଗାମୀ ହୋଇଛି। ୨୦୨୧ରେ ଏହି ସୂଚକାଙ୍କର ୧୦୧ରେ ଭାରତ ରହିଥିଲା। ୨୦୧୭ରେ ୧୧୯ଟି ଦେଶ ମଧ୍ୟରୁ ଭାରତ ୧୦୦ ସ୍ଥାନରେ ଥିଲା। ୨୦୧୪ ମସିହାରେ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତର ସ୍ଥାନ ୫୫ତମ ଥିବା ବେଳେ ୨୦୧୫ରେ ୮୦ତମ ଓ ୨୦୧୬ରେ ଏହା ୯୬ ତଳକୁ ଖସି ଆସିଥିଲା। ଅର୍ଥାତ୍ ବର୍ଷକୁ ବର୍ଷ କ୍ଷୁଧା ଓ ଅପପୁଷ୍ଟିକୁ ନେଇ ଦେଶର ଅବସ୍ଥା ଶୋଚନୀୟ ହେବାରେ ଲାଗିଛି। ଭାରତ ୩୪ଟି ଦେଶ ମଧ୍ୟରେ ରହିଛି ଯେଉଁମାନେ କି ସାଂଘାତିକ କ୍ଷୁଧାର ସାମନା କରୁଛନ୍ତି। ଉଲ୍ଲେଖନୀୟ ଯେ ୨୦୦୬ ମସିହାରୁ ପ୍ରତିବର୍ଷ ଆୟର୍ଲାଣ୍ଡର କନସର୍ନ ୱାର୍ଲ୍ଡ ୱାଇଡ ଏବଂ ଜର୍ମାନୀର ୱେଲଥୁଙ୍ଗରହାଇଲ୍ଫ ନାମକ ଦୁଇଟି ବେସରକାରୀ ସଂସ୍ଥା ମିଳିତ ଭାବରେ ବିଭିନ୍ନ ଦେଶରେ କ୍ଷୁଧାର୍ତ୍ତ ଲୋକଙ୍କ ତାଲିକା ଓ ସରକାରଙ୍କ ପକ୍ଷରୁ ସେମାନଙ୍କର ଅବସ୍ଥାର ଉନ୍ନତି ଆଣିବାକୁ ନିଆଯାଉଥିବା ପଦକ୍ଷେପକୁ ନେଇ ସର୍ଭେ କରାଯାଇ ଏହି ସୂଚକାଙ୍କ ପ୍ରତିବର୍ଷ ଅକ୍ଟୋବରରେ ପ୍ରକାଶ ପାଇଥାଏ।

ବିଶ୍ୱ କ୍ଷୁଧା ସୂଚକାଙ୍କ ମୁଖ୍ୟତଃ ୪ଟି ମାପକାଠି ଆଧାରରେ ପ୍ରସ୍ତୁତ ହୋଇଛି। ସେଗୁଡ଼ିକ ହେଲା (୧) ୫ ବର୍ଷରୁ କମ୍ ବୟସ ପିଲାଙ୍କ ପୁଷ୍ଟିହୀନତା ବା କୁପୋଷଣ (୨) ଚାଇଲ୍ଡ ୱେଷ୍ଟିଙ୍ଗ ବା ପାଞ୍ଚବର୍ଷରୁ କମ୍ ଶିଶୁର ଉଚ୍ଚତା ତୁଳନାରେ ଓଜନ କମ୍ ରହିବା (୩) ଷ୍ଟଟିଙ୍ଗ ବା ପାଞ୍ଚବର୍ଷରୁ କମ୍ ଶିଶୁର ବୟସ ତୁଳନାରେ ଉଚ୍ଚତା କମ୍ ହେବା ଓ (୪) ୫ ବର୍ଷରୁ କମ୍ ବୟସର ଶିଶୁଙ୍କ କ୍ଷେତ୍ରରେ ମୃତ୍ୟୁହାର। ବିଶ୍ୱ କ୍ଷୁଧା ସୂଚକାଙ୍କ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ, ୟୁନିସେଫ, କୃଷି ବିକାଶ ପାଇଁ ଆନ୍ତର୍ଜାତିକ ପାଣ୍ଠି ବା ଆଇଫାଡ଼, ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ବା ଏନ୍‌ଏଫ୍‌ଏଚ୍‌ଏସ୍-୫ରୁ ସଂଗୃହିତ ତଥ୍ୟାବଳୀ ଆଧାରରେ ପ୍ରସ୍ତୁତ କରାଯାଇଛି।

ପରିତାପର ବିଷୟ ଯେ ଭାରତ ସରକାର ଉପରୋକ୍ତ ରିପୋର୍ଟକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ପ୍ରଥମ କଥା ହେଲା ଯେ ଯେଉଁ ମାପକାଠି ନେଇ ଉକ୍ତ ରିପୋର୍ଟ ପ୍ରସ୍ତୁତ ହୋଇଛି ଭାରତ ସରକାର ସେଗୁଡ଼ିକୁ ପ୍ରଶ୍ନ କରିଛନ୍ତି। ଦ୍ୱିତୀୟ କଥା ହେଲା ଭାରତ ସରକାର ବିଶ୍ୱାସ କରନ୍ତି ଯେ ଭାରତକୁ ବଦନାମ କରିବାକୁ ଆନ୍ତର୍ଜାତିକ ସ୍ତରରେ ଏହା ଏକ ଷଡ଼ଯନ୍ତ୍ର। କିନ୍ତୁ ରିପୋର୍ଟକୁ ନେଇ ଭାରତ ସରକାରଙ୍କର ଉକ୍ତ ସମାଲୋଚନା ଭିତ୍ତିହୀନ। ପୃଥିର ଅନ୍ୟକୌଣସି ଦେଶ ଉକ୍ତ ରିପୋର୍ଟକୁ ବିରୋଧ କରିବା ଦେଖାଯାଏ ନାହିଁ। ଭାରତ ନିଜର ଦୋଷ ଦୁର୍ବଳତା ଘୋଡ଼ାଇବା ନିମନ୍ତେ ଉକ୍ତ ରିପୋର୍ଟକୁ ଅସ୍ୱୀକାର କରୁଛି। ଆନ୍ତର୍ଜାତିକ କ୍ଷୁଧା ରିପୋର୍ଟକୁ ଅସ୍ୱୀକାର କଲେ ଭାରତର କ୍ଷୁଧା ଓ ପୁଷ୍ଟିହୀନତା ସମସ୍ୟା ସମାଧାନ ହେବ ନାହିଁ। ସମସ୍ୟାକୁ ସ୍ୱୀକାର କଲେ ସମାଧାନର ବାଟ ଫିଟିବ।

ୟୁନିଶେଫ ପକ୍ଷରୁ ଶିଶୁଙ୍କ ପୋଷଣ ବିଷୟ ନେଇ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ, ଦରିଦ୍ର ଓ ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ଗେଡ଼ା ବା କମ୍ ଉଚ୍ଚତାର ଶିଶୁ, ବୟସ ତୁଳନାରେ କମ୍ ଓଜନର ଶିଶୁ ଓ କମ୍ ବୟସରେ ଶିଶୁ ମୃତ୍ୟୁ ମୁଖରେ ପଡ଼ିବା ଆଦି ଘଟଣାର ନାନାବିଧ କାରଣମାନଙ୍କ ମଧ୍ୟରୁ ପୁଷ୍ଟିହୀନତା ମୁଖ୍ୟ କାରଣ। ପୁଷ୍ଟିହୀନତା ଏପରି ଏକ ଅବସ୍ଥା ଯାହାକି ଉଭୟ ମସ୍ତିଷ୍କ ଏବଂ ଶାରୀରିକ ବିକାଶକୁ ପ୍ରଭାବିତ କରିଥାଏ। ଫଳରେ ଶିଶୁମାନଙ୍କୁ ଆବଶ୍ୟକ ପରିମାଣର ଭିଟାମିନ୍, ଲୌହ, ଜିଙ୍କ ଆଦି ମିଳି ନଥାଏ ଓ ସେମାନେ ପୁଷ୍ଟିହୀନତା ବା କୁପୋଷଣର ଶୀକାର ହୋଇଥାନ୍ତି।

ଭାରତ ସରକାର କ୍ଷୁଧା ନିବାରଣ, ଅପପୁଷ୍ଟି, ଶିଶୁ ମୃତ୍ୟୁହାର ହ୍ରାସ କରିବା ନିମନ୍ତେ ୧୯୭୫ରୁ ଦେଶରେ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ ହେଉଛି। ସେହିପରି ଶିଶୁ ଓ ମା'ମାନଙ୍କ ଯତ୍ନ ନିମନ୍ତେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲାଯାଇଛି। କେନ୍ଦ୍ର ଓ ରାଜ୍ୟ ସ୍ତରରେ ପୋଷଣ ଅଭିଯାନ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା, ଅନ୍ତ୍ୟୋଦୟ ଯୋଜନା ଆଦି ବହୁବିଧ ଯୋଜନା ଶିଶୁ ଓ ମା'ମାନଙ୍କର ପୁଷ୍ଟିହୀନତା ଦୂର କରିବାକୁ କାର୍ଯ୍ୟକାରୀ କରାଯାଉଛି। ଏସବୁ ସତ୍ତ୍ୱେ ଆଶାଜନକ ଫଳ ମିଳୁନାହିଁ। ଖାଦ୍ୟ ମନୁଷ୍ୟର ମୌଳିକ ଆବଶ୍ୟକତା। ତେଣୁ ଏହା ମାନବ ଅଧିକାର ପରିସରକୁ ଆସୁଛି। ଏଥିରେ ଗ୍ରାମାଞ୍ଚଳ ଜନସଂଖ୍ୟାର ୭୫ ଭାଗ ଓ ସହରାଞ୍ଚଳ ଜନସଂଖ୍ୟାର ୫୦ ଭାଗ ଲୋକଙ୍କୁ ସୁଲଭ ମୂଲ୍ୟ ଦୋକାନ ବା ପିଡ଼ିଏସ୍ ଜରିଆରେ ଖାଦ୍ୟ ସୁରକ୍ଷା ସହିତ ପୁଷ୍ଟିକର ଖାଦ୍ୟ ଯୋଗାଇଦେବାକୁ ବ୍ୟବସ୍ଥା ରହିଛି। ଏହା ସହିତ ରାଜ୍ୟମାନଙ୍କର ମଧ୍ୟ ସ୍ୱତନ୍ତ୍ର ଖାଦ୍ୟ ଯୋଜନା ରହିଛି। ବିଶ୍ୱ କ୍ଷୁଧା ସୂଚକାଙ୍କର ତଥ୍ୟ ଅନୁସାରେ ଭାରତରେ ୫ ବର୍ଷରୁ ତଳେ ଥିବା ଶିଶୁ ଷ୍ଟଟେଣ୍ଟ ବା ବୟସ ତୁଳନାରେ କମ୍ ଉଚ୍ଚତା ବିଶିଷ୍ଟ ସ୍କୋର ହେଲା ୩୫.୫%। ସେହିପରି ୱାଷ୍ଟିଙ୍ଗ ବା ବୟସ ତୁଳନାରେ କମ୍ ଓଜନର ଶିଶୁଙ୍କ ସ୍କୋର ହେଲା ୧୮.୭% ଯାହାକି ବିଶ୍ୱର ସର୍ବାଧିକ। ବିଶ୍ୱ ଗୁରୁ ହେବାକୁ ଆସ୍ଫାଳନ କରୁଥିବା, ପାଞ୍ଚ ଟ୍ରିଲିଆନ ଅର୍ଥନୀତିରେ ପହଞ୍ଚିବାକୁ ମନ ବଳେଇଥିବା, ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ହୋଇଥିବା ଏକ ଦେଶ ନିମନ୍ତେ ଏହା ଲଜ୍ୟାଜନକ ନୁହେଁକି ? ଏହାର କାରଣ କ'ଣ ହୋଇପାରେ ? ଦେଶରେ ଭୋକିଲା ଶିଶୁଙ୍କୁ ନେଇ ଆମେ ବିଶ୍ୱଗୁରୁ ହୋଇପାରିବା କି ? ଏ ପ୍ରକାର ସମସ୍ୟାରୁ ନିଷ୍କୃତି ପାଇବାକୁ କିଛି ଉପାୟ ବାହାର କରିବା ନା ଏହାକୁ ସ୍ୱୀକାର ନକରି ଚୁପ୍ ହୋଇଯିବ ? ଦେଶର ନାଗରିକ ଏ ପ୍ରଶ୍ନଗୁଡ଼ିକର ଉତ୍ତର ଚାହାନ୍ତି।

ଭାରତ ଗୋଟିଏ ଗରିବ ଦେଶ ଭାବରେ ଅପଖ୍ୟାତି ଅର୍ଜନ କରିଛି। ଦରିଦ୍ର କାହାକୁ କୁହାଯିବ, ଏହାକୁ କିପରି ମପାଯିବ ସେ ବିଷୟ ନେଇ ବିତର୍କ ଚାଲିଛି। ପ୍ରଥମେ ସର୍ବନିମ୍ନ କ୍ୟାଲୋରୀ ଖାଦ୍ୟକୁ ନେଇ ଦରିଦ୍ର ମପାଯାଉଥିଲା। ଏଥିରେ ଆପତ୍ତି ହେଲା। ତେଣୁ ଲୋକଙ୍କ ଆୟ ନେଇ ଗରିବ ମପାଗଲା ସେଥିରେ ମଧ୍ୟ ଆପତ୍ତି ହେଲା। ଏବେ କେନ୍ଦ୍ର ସରକାରଙ୍କର ନୀତି ଆୟୋଗ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁ ମୃତ୍ୟୁହାର ପରି ୧୨ଟି ମାପକୁ ନେଇ ବହୁ ସ୍ତରରେ ଦରିଦ୍ର ମାପକ ମାଧ୍ୟମରେ ଭାରତରେ ଶତକଡ଼ା ୨୧.୯୨ ଭାଗ ଓ ଓଡ଼ିଶାରେ ଶତକଡ଼ା ୩୨.୫୯ ଭାଗ ଲୋକ ଦରିଦ୍ର ଅଛନ୍ତି ବୋଲି ଆକଳନ କରିଛନ୍ତି। ଭାରତର ଜନସଂଖ୍ୟା ବର୍ତ୍ତମାନ ୧୪୨ କୋଟି ୮୬ ଲକ୍ଷ ୨୭ ହଜାର ୬୬୩। ୨୦୦୫-୦୬ରେ ଭାରତରେ ଦରିଦ୍ର ୫୫.୧ ପ୍ରତିଶତ ଥିଲା। ୨୦୧୯-୨୧ ସୁଧା ଏହା ୧୬.୪ ପ୍ରତିଶତକୁ ହ୍ରାସ ପାଇଲା।

କ୍ଷୁଧା ଓ ଅପପୁଷ୍ଟି ନିମନ୍ତେ ଅନ୍ୟ ଏକ କାରଣ ହେଲା ଦେଶରେ ଆୟ ଓ ସମ୍ପତ୍ତିର ବଣ୍ଟନର ଅସମାନତା। ଦିନକୁ ଦିନ ଦେଶରେ ସାମାଜିକ ଓ ଆର୍ଥିକ ବୈଷମ୍ୟ ବଢ଼ିବାରେ ଲାଗିଛି। ୨୦୨୨ ଜାନୁୟାରୀ ମାସରେ ଅକ୍ସଫାମ 'ଇନିକ୍ୱାଲିଟି କିଲ୍ସ' ନାମକ ରିପୋର୍ଟରେ ପ୍ରକାଶ କରିଛି ଯେ ଭାରତରେ କରୋନା ସମୟରେ ଦେଶର ୮୫ ଭାଗ ଲୋକଙ୍କର ଆୟ କମି ଯାଇଥିବାବେଳେ ବିଲିୟନର ବା କୋଟିପତିଙ୍କର ସଂଖ୍ୟା ୧୦୨ରୁ ୧୪୨କୁ ବୃଦ୍ଧି ହୋଇଥିଲା। ଦେଶର ୫୦ ଶତକଡ଼ା ଲୋକଙ୍କ ପାଖରେ ଶତକଡ଼ା ୬ ଭାଗ ସମ୍ପତ୍ତି ଥିବାବେଳେ ଉପର ଶତକଡ଼ା ୧୦ ଲୋକଙ୍କ ହାତରେ ୪୫ ଭାଗ ସମ୍ପତ୍ତି ଠୁଳ ହୋଇଛି। ଏକ ପକ୍ଷରେ ସରକାର ସାଧାରଣ ମଣିଷ ଉପରେ ପରୋକ୍ଷା କର ଲଦି ଚାଲିଥିବାବେଳେ ଧନୀମାନଙ୍କ ଉପରୁ ଟିକସ ଛାଡ଼ କରାଯାଉଛି। ଏହା ଧନୀ ଦରିଦ୍ର ମଧ୍ୟରେ ତାରତମ୍ୟ ବଢ଼ାଉଛି।

ସେହିପରି ସରକାର ଜନସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ସୁରକ୍ଷା ପରି ସର୍ବସାଧାରଣ କ୍ଷେତ୍ରରେ କମ୍ ଅର୍ଥ ବିନିଯୋଗ କରୁଛନ୍ତି। ଭାରତ ପରି ଏକ ଗରିବ ଦେଶରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ମୋଟ ଘରୋଇ ଉତ୍ପାଦନ ବା ଜିଡ଼ିପିର ଶତକଡ଼ା ୧ରୁ ୨ ଭାଗ ଅର୍ଥ ଖର୍ଚ୍ଚ ହେଉଥିବାବେଳେ ଶିକ୍ଷା କ୍ଷେତ୍ରରେ ମଧ୍ୟ ସରକାରଙ୍କର ବ୍ୟୟ ଘରୋଇ ଉତ୍ପାଦନର ଶତକଡ଼ା ୨ରୁ ୩ ଭାଗ ରହୁଛି। ସେହିପରି ସାମାଜିକ କ୍ଷେତ୍ରରେ ମଧ୍ୟ ସରକାରଙ୍କର ବ୍ୟୟ ବରାଦ ନଗଣ୍ୟ। ଦେଶରେ ୯୪ ଶ୍ରମିକ ଅଣସଂଗଠିତ କ୍ଷେତ୍ରରେ ନିୟୋଜିତ। ତେଣୁ ସେମାନେ ଛୁଟି, ସ୍ୱାସ୍ଥ୍ୟବୀମା, ଅବସରକାଳୀନ ଭତ୍ତା ପାଇ ନଥାନ୍ତି। ତେଣୁ ନିଜ ଆୟରୁ ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ନିରାପତ୍ତା ନିମନ୍ତେ ଖର୍ଚ୍ଚ ତୁଲାଇବା ବେଳକୁ ବାଧ୍ୟ ହୋଇ ଖାଦ୍ୟ ପଦାର୍ଥରୁ ଖର୍ଚ୍ଚ କମାଇଥାଆନ୍ତି। ପରବର୍ତ୍ତୀ ସମୟରେ ଏହା କ୍ଷୁଧା ଓ ଅପପୁଷ୍ଟି ବୃଦ୍ଧି କରିଥାଏ।

ଅନ୍ୟଏକ ଉଲ୍ଲେଖନୀୟ ବିଷୟ ହେଲା ଦେଶରେ ବେକାରୀ ଓ ବେରୋଜଗାରୀର ବୃଦ୍ଧି ଘଟିବା। ଏନ୍‌ଏସ୍‌ଏସ୍‌ଓର ଶ୍ରମଶକ୍ତି ସର୍ବେକ୍ଷଣ ରିପୋର୍ଟ ଅନୁସାରେ ୨୦୧୭-୧୮ ମସିହାରେ ଦେଶରେ ବେକାରୀ ବୃଦ୍ଧି ଘଟି ୬୧ ଶତକଡ଼ାରେ ପହଞ୍ଚିଥିଲା। ଏହା ବିଗତ ୪୫ ବର୍ଷରେ ସର୍ବାଧିକ ଥିଲା। ଦେଶର ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଅଧିକ ବେରୋଜଗାରୀ ଥିବା ଜଣାଯାଏ। ସେହିପରି ପୁରୁଷ ତୁଳନାରେ ଅଧିକ ମହିଳା ବେରୋଜଗାରୀର ସମ୍ମୁଖୀନ ହେଉଛନ୍ତି। ବେକାରୀ ଯୋଗୁଁ ଲୋକଙ୍କ ଆୟ ବୃଦ୍ଧି ହେଉନାହିଁ ଓ ଲୋକଙ୍କ ହାତକୁ କ୍ରୟଶକ୍ତି ଅର୍ଥ ଆସୁନାହିଁ। କ୍ରୟଶକତି ଅଭାବରେ ବଜାରରେ ଚାହିଦାର ବୃଦ୍ଧି ଘଟୁନାହିଁ। ତେଣୁ ବଜାରରେ ମାନ୍ଦାବସ୍ଥା ଲାଗିରହିଛି ଓ ଏହା ବେକାରୀ ଓ ବେରୋଜଗାରୀକୁ ଆହୁରି ତୀବ୍ର କରିଛି। ଏହାହିଁ ପରିବାରରେ କ୍ଷୁଧା ଓ ପୁଷ୍ଟିହୀନତାର ମୂଳ କାରଣ।

ଦାରିଦ୍ର୍ୟ ଓ ବେକାରୀ ନେଇ ଗୋଟିଏ ପାଖରେ କ୍ରୟଶକ୍ତି ନଥିବା ସମୟରେ ଦେଶରେ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ପଦାର୍ଥ ଦୁଗ୍ଧ, ପନିପରିବା, ଡାଲି, ଖାଇବା ତେଲ, ଚାଉଳ, ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲ ଆଦିର ଅତ୍ୟଧିକ ଦର ବୃଦ୍ଧି ଭାରତରେ ବୋଝ ଉପରେ ନଳିତାବିଡ଼ା ପରି ହୋଇଛି। ଏଣେ ସରକାର ଯେଉଁ ପାଞ୍ଚ କିଲୋ ଖାଦ୍ୟଶସ୍ୟ କରୋନା ମହାମାରୀ ବେଳେ ଦେଉଥିଲେ ତାହାକୁ ଉଠାଇ ଦେଇ ଏବେ ଜଣ ପିଛା କେବଳ ପାଞ୍ଚକିଲୋ ଖାଦ୍ୟ ଶସ୍ୟ ଦେଉଛନ୍ତି। ଦେଶର ୮୦ କୋଟି ଲୋକଙ୍କ ସେହି ପାଞ୍ଚକିଲୋ ଚାଉଳ ବର୍ତ୍ତମାନ ସାହାଭରସା। ଏପରିସ୍ଥଳେ ଦେଶର କ୍ଷୁଧା, ଅପପୁଷ୍ଟି ବୃଦ୍ଧି ନେଇ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। ତେଣୁ ବିଶ୍ୱ କ୍ଷୁଧା ସୂଚକାଙ୍କୁ ସ୍ୱୀକାର କରି ଏହାର ଦୂରୀକରଣ ନିମନ୍ତେ ଭାରତ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ। ବୃଥା ବଡ଼ିମା ଦେଖାଇ ଲୋକଙ୍କୁ ଆଉ ଅଧିକ ଦିନ ଅନ୍ଧକାରରେ ରଖିବା ଉଚିତ୍ ହେବନାହିଁ। ବାସ୍ତବତାକୁ ସରକାର ଯେତେ ଶୀଘ୍ର ବୁଝିବେ ଦେଶରୁ କ୍ଷୁଧା ଓ ଅପପୁଷ୍ଟି ସେତେଶୀଘ୍ର ଦୂର ହେବ।

ମୋ- ୯୮୬୧୪୦୭୧୩୫

## ଏସଆଇଆର ପ୍ରସଙ୍ଗ; କଂଗ୍ରେସକୁ ମୁଖ୍ୟମନ୍ତ୍ରୀଙ୍କ ଜବାବ

# ଗୋଳିଆ ପାଣିରୁ କଂଗ୍ରେସ ମାଛ ଧରୁଛି



- ଗଣତାନ୍ତ୍ରିକ ପ୍ରକ୍ରିୟାକୁ ବଦନାମ କରି ଅରାଜକତା ସୃଷ୍ଟି କରିବା ଲକ୍ଷ୍ୟ
- ଜଣେ ହେଲେ ଯୋଗ୍ୟ ଭୋଟରଙ୍କ ନାଁ ତାଲିକାରୁ ବାଦ୍ ପଡ଼ିନି
- ୧୫ମାସରେ ଯୋଡ଼ି ହୋଇଛନ୍ତି ୨.୩୭ କୋଟି ଜେନ୍-ଜି ଭୋଟର
- ଚାଲୁଣି କହୁଛି ଛୁଞ୍ଚିକ କହି କଂଗ୍ରେସକୁ ମୁଖ୍ୟମନ୍ତ୍ରୀଙ୍କ ଆକ୍ଷେପ

**ଭୁବନେଶ୍ୱର :** ଏସ୍‌ଆଇଆର୍‌କୁ ନେଇ କଂଗ୍ରେସର ଅଭିଯୋଗକୁ ଖଣ୍ଡନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । କଂଗ୍ରେସ ମିଥ୍ୟା ପ୍ରଚାର କରି ନିର୍ବାଚନ କମିଶନ ଓ ସରକାରକୁ ବଦନାମ କରିବାକୁ ପ୍ରୟାସ କରୁଥିବା ସେ କହିଛନ୍ତି। ଏସଆଇଆର ପ୍ରକ୍ରିୟା ସ୍ୱଚ୍ଛ ଓ ଡିଜିଟାଲ ଉପାୟରେ ଚାଲିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । ତେବେ ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ଓ ନିର୍ବାଚନ କମିଶନ ମଧ୍ୟରେ ଭିନ୍ନ ମତ ରହିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଭୋଟର ତାଲିକା ପ୍ରସ୍ତୁତି ଓ ଯାଞ୍ଚ ପ୍ରକ୍ରିୟାରେ ବୁଥ୍ ସ୍ତରରେ ବୁଥ୍ ଏଜେଣ୍ଟମାନଙ୍କ ଉପସ୍ଥିତି ରହିଥାଏ । ଏସଆଇଆର ନିର୍ବାଚନ କମିଶନଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏବଂ ପ୍ରକ୍ରିୟାକୁ ଡିଜିଟାଲ କରାଯାଇଥିବା ସେ କହିଛନ୍ତି । ଫର୍ମ-୬କୁ ନେଇ ମଧ ମୁଖ୍ୟମନ୍ତ୍ରୀ କଂଗ୍ରେସର ଅଭିଯୋଗକୁ ଖଣ୍ଡନ କରିଛନ୍ତି । ନିର୍ବାଚନ କମିଶନଙ୍କ ସ୍ପଷ୍ଟୀକରଣ ଅନୁସାରେ, ମୂଳ ଫର୍ମ-୬ରେ ପରିବର୍ତ୍ତନ କରାଯାଇନାହିଁ; ଏସଆଇଆର ପାଇଁ ଅତିରିକ୍ତ ଘୋଷଣାପତ୍ର ଯୋଡ଼ାଯାଇଛି । ଏହି ବ୍ୟବସ୍ଥାକୁ ନେଇ କମିଶନ କହିଛି ଯେ ଏହାର ନିଷ୍ପତ୍ତି ସମସ୍ତ ତିନି ନିର୍ବାଚନ କମିଶନରଙ୍କ ଅନୁମୋଦନରେ ହୋଇଛି ।

ଏସଆଇଆର ପରେ ବହୁ ସଂଖ୍ୟକ ନାମ ତାଲିକାରୁ ବାଦ ପଡ଼ିବାକୁ ନେଇ ମଧ ରାଜନୈତିକ ତର୍କ ଚାଲିଛି । କଂଗ୍ରେସ ଏହାକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ, ନିର୍ବାଚନ କମିଶନ ପକ୍ଷରୁ ଏସଆଇଆରର ଉଦ୍ଦେଶ୍ୟ ଭୋଟର ତାଲିକାକୁ ଅଦ୍ୟତନ ଓ ସଠିକ୍ କରିବା ବୋଲି କୁହାଯାଇଛି । ସେପଟେ ନିର୍ବାଚନ କମିଶନଙ୍କ ନିଷ୍ପତ୍ତି ଏକତରଫା ନୁହେଁ ବୋଲି ମୋହନ ମାଝୀ କହିଛନ୍ତି । ଏସଆଇଆର ସମ୍ପର୍କିତ ନିଷ୍ପତ୍ତି ସମସ୍ତ ତିନି ନିର୍ବାଚନ କମିଶନରଙ୍କ ଅନୁମୋଦନରେ ହୋଇଥିବା କଥା ନିର୍ବାଚନ କମିଶନ ମଧ ସ୍ପଷ୍ଟ କରିଛନ୍ତି ।

## ସମୟ ପୂର୍ବରୁ ସରିଲା ମୌସୁମୀ ଅଧିବେଶନ

# ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ



**ଭୁବନେଶ୍ୱର:** ସମୟ ପୂର୍ବରୁ ସରିଲା ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ। ବାଚସ୍ପତି ସୁରମା ପାଢ଼ୀ ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବି ରଖିଛନ୍ତି । ମୂଳ କାର୍ଯ୍ୟସୂଚୀ ଅନୁସାରେ ଅଧିବେଶନ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଚାଲିବାର ଥିଲା । କିନ୍ତୁ ଲଗାତାର ହଙ୍ଗାମା ଓ ବିଭିନ୍ନ ପ୍ରସଙ୍ଗକୁ ନେଇ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହେବା ପରେ ଆଜି ଅଧିବେଶନର ଆଗୁଆ ସମାପ୍ତି ହୋଇଛି । ତେବେ ବନ୍ୟା ସ୍ଥିତିକୁ ଦେଖି ମୁଲତବି ପ୍ରସ୍ତାବ ମଧ ଆଣିଥିଲେ ସରକାରୀ ଦଳ ମୁଖ୍ୟ ସଚେତକ । ୯ ଦିନିଆ ମୌସୁମୀ ଅଧିବେଶନରେ ମାତ୍ର ୫ଟି କାର୍ଯ୍ୟଦିବସରେ ବିଧାନସଭା ବସିପାରିଥିଲା । ଏହି ସମୟ ମଧ୍ୟରେ ପ୍ରଶ୍ନକାଳ ନିୟମିତ ଭାବେ ଚାଲିପାରିନଥିଲା । ଅଧିବେଶନର ପ୍ରଥମ ଦିନରୁ ହିଁ ପାଠ୍ୟପୁସ୍ତକରେ ତ୍ରୁଟି ଓ ଏମ୍‌ଏମ୍‌ଡିଆର ସଂଶୋଧନ ଆଇନକୁ ନେଇ ବିରୋଧୀ ଦଳଗୁଡ଼ିକର ପ୍ରତିବାଦ ଆରମ୍ଭ ହୋଇଥିଲା । ଫଳରେ ବାରମ୍ବାର ଗୃହ ମୁଲତବି ରହିଥିଲା । ବିଶେଷକରି ଏମ୍‌ଏମ୍‌ଡିଆର ସଂଶୋଧନ ଆଇନକୁ ନେଇ କଂଗ୍ରେସ ଓ ବିଜେଡି ସଦସ୍ୟମାନେ ଗୃହରେ ପ୍ରତିବାଦ କରିଥିଲେ । ସଦସ୍ୟମାନେ ପୋଷ୍ଟର ଓ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ ଆସିବାରୁ ପ୍ରଶ୍ନକାଳ ଓ ଶୂନ୍ୟକାଳ ପ୍ରଭାବିତ ହୋଇଥିଲା । ସେପ୍ଟେମ୍ବର ୨୩ରେ ମଧ ଲଗାତାର ଦ୍ୱିତୀୟ ଦିନ ପାଇଁ ପ୍ରଶ୍ନକାଳ, ଶୂନ୍ୟକାଳ ଓ ମୁଲତବି ପ୍ରସ୍ତାବ ଉପରେ ଆଲୋଚନା ହୋଇପାରିନଥିଲା ।

ଏହି ଅଧିବେଶନରେ ମୋଟ ୫ଟି କାର୍ଯ୍ୟଦିବସରେ ମାତ୍ର ୪ଟି ବିଲ୍ ପାରିତ ହୋଇଥିବା ବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଧାନସଭାରେ ବିସ୍ତୃତ ଆଲୋଚନା ହୋଇପାରିନଥିଲା । ଆଜି ଅଧିବେଶନର ପଞ୍ଚମ କାର୍ଯ୍ୟଦିବସରେ ମଧ ଏମ୍‌ଏମ୍‌ଡିଆର ଆଇନକୁ ନେଇ ବିରୋଧୀଙ୍କ ହଙ୍ଗାମା ଜାରି ରହିଥିଲା । ଗୃହ ଆରମ୍ଭ ହେବାର କିଛି ମିନିଟ୍ ମଧ୍ୟରେ ବାଚସ୍ପତି ଗୃହକୁ ମୁଲତବି କରିଥିଲେ । ଅନ୍ୟପଟେ, ରାଜ୍ୟରେ ଜାରି ଥିବା ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ସରକାରୀ ଦଳର ମୁଖ୍ୟ ସଚେତକଙ୍କ ପକ୍ଷରୁ ମୁଲତବି ପ୍ରସ୍ତାବ ଆଣାଯାଇଥିଲା।

## ଆକାଶମାର୍ଗରୁ ବନ୍ୟାଞ୍ଚଳ ସ୍ଥିତି ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ଲଗାଣ ବର୍ଷା ଯୋଗୁ ଦେଖା ଦେଇଛି ବନ୍ୟା ପରିସ୍ଥିତି । ବନ୍ୟାରେ ଉଜୁଡି ଯାଇଛି ଅନେର ଘର ସଂସାର। ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ପରେ କେଉଁଠି ଗାଁ ପାଣି ଘେରରେ ରହିଛି, କେଉଁଠି ଘରେ ବନ୍ୟାଜଳ ପଶିଯାଇଛି । ପୁଣି କେଉଁଠି ଧୋଇଯାଇଛି ରାସ୍ତା, ଚାଷଜମିରେ ପାଣି । ବର୍ଷାର ତାଣ୍ଡବ ପରେ ଏବେ ସାମ୍ନାକୁ ଆସୁଛି କ୍ଷୟକ୍ଷତିର ବଡ଼ ଚିତ୍ର। ଏହି ବିପର୍ଯ୍ୟୟର ବାସ୍ତବ ସ୍ଥିତି ଦେଖିବାକୁ ଆକାଶମାର୍ଗରେ ବୁଲିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସାଙ୍ଗରେ ଅଛନ୍ତି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ। କେବଳ ଆକାଶରୁ ନୁହେଁ, ବୋଟ୍‌ରେ ଯାଇ ବନ୍ୟାଞ୍ଚଳର ସ୍ଥିତି ମଧ ଦେଖିଛନ୍ତି ମୁଖ୍ୟମନ୍ତ୍ରୀ। ଏପରିକି କଳିଙ୍ଗା ଘାଟିରେ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତି ମଧ ବୁଲି ଦେଖିଛନ୍ତି। ଏହି ସବୁ ଅଞ୍ଚଳ ଉପରେ ଆକାଶମାର୍ଗରୁ ନଜର ପକାଇଛନ୍ତି ମୁଖ୍ୟମନ୍ତ୍ରୀ। କେଉଁ ଅଞ୍ଚଳରେ କେତେ ପାଣି, କେଉଁଠି ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ଏବଂ କେଉଁଠି ଅଧିକ ରିଲିଫ୍ ଓ ଉଦ୍ଧାର ଆବଶ୍ୟକ ସେସବୁର ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏଥି ସହିତ ଜଳବନ୍ଦୀ ଅଞ୍ଚଳର ବାସ୍ତବ ସ୍ଥିତି ଜାଣିବା ପାଇଁ ବୋଟ୍‌ରେ ଯାଇ ବନ୍ୟାଞ୍ଚଳ ବୁଲି ଦେଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବନ୍ୟାଜଳ ଘେରରେ ରହିଥିବା ଲୋକଙ୍କ ସ୍ଥିତି, ଉଦ୍ଧାର ଓ ରିଲିଫ୍ ବ୍ୟବସ୍ଥା ସହ ଜଳ ନିଷ୍କାସନ ନେଇ ସ୍ଥିତି ଅନୁଧ୍ୟାନ କରାଯାଇଛି। କୋରାପୁଟ ଜିଲ୍ଲାର କୋଟପାଡ଼ ଅଞ୍ଚଳ ସମେତ ଅନେକ ସ୍ଥାନରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ଯୋଗାଯୋଗ ବ୍ୟବସ୍ଥାରେ ବାଧା ସୃଷ୍ଟି ହୋଇଛି। ରେଳ ଚଳାଚଳ ମଧ କେତେକ ସ୍ଥାନରେ ବ୍ୟାହତ ହୋଇଛି। ସେହିପରି ନବରଙ୍ଗପୁରରେ ମଧ ସ୍ଥିତି ଦୟନୀୟ ହୋଇଛି। ଅନେକ ପଞ୍ଚାୟତରେ ଧାନ, ମକା ଓ ପନିପରିବା ଚାଷ ଜମିରେ ପାଣି ଜମିଛି। ଦକ୍ଷିଣ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ପଥ କଳିଙ୍ଗା ଘାଟି। ପ୍ରବଳ ବର୍ଷାରେ ଘାଟି ଅଞ୍ଚଳରେ ମଧ କ୍ଷୟକ୍ଷତି ହୋଇଛି। ରାସ୍ତା ଓ ପାହାଡ଼ିଆ ଅଞ୍ଚଳର ସ୍ଥିତି ନିଜେ ବୁଲି ଦେଖିଛନ୍ତି ମୁଖ୍ୟମନ୍ତ୍ରୀ ।



# ୧ ଦଶନ୍ଧି ପରେ ଆଲୋକିତ ହେଲା ଉଦୟଗିରି

## ରାଣୀ ଗୁମ୍ଫାରେ ଆରମ୍ଭ ହେଲା ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ





**ଭୁବନେଶ୍ୱର :** ଦୀର୍ଘ ୧୦ ବର୍ଷର ପ୍ରତୀକ୍ଷା ପରେ ଆଲୋକିତ ହୋଇଛି ଉଦୟଗିରି ପାହାଡ଼। ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଉଦୟଗିରିର ରାଣୀ ଗୁମ୍ଫାରେ ଆରମ୍ଭ ହୋଇଛି ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ସୋ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୋ'ର ଉଦ୍‌ଘାଟନ କରିଛନ୍ତି। ୨୦୧୪ ରେ ଉଦୟଗିରି, ଧଉଳି ଓ କୋଣାର୍କରେ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ସୋ' କରିବାକୁ ଯୋଜନା ହୋଇଥିଲା । ତେବେ ଏଏସ୍ ?ଆଇ ଅନୁମତିରେ ବିଳମ୍ବ ଯୋଗୁଁ ଏହି ଯୋଜନା ଦୀର୍ଘ ସମୟ ଧରି ଅଟକି ରହିଥିଲା। ୨୦୨୩ ଡିସେମ୍ବରରୁ ଆଇଟିଡିସି ପକ୍ଷରୁ ସୋ' ପାଇଁ ଆବଶ୍ୟକ ସରଞ୍ଜାମ ଲଗାଯାଇ ପ୍ରସ୍ତୁତି ଶେଷ କରାଯାଇଥିଲା। କିନ୍ତୁ ୬୦ କିଲୋୱାଟ୍ ବିଦ୍ୟୁତ୍ ସଂଯୋଗ ଅଭାବରୁ ସୋ' ଆରମ୍ଭ ହୋଇପାରୁ ନଥିଲା। ଏବେ ୬୫ ଲକ୍ଷ ଟଙ୍କାର ଟେଣ୍ଡର ପରେ ୧୧ କେଭି ଲାଇନ୍, ଟ୍ରାନ୍ସଫର୍ମର ଓ ୧୦୦ କେଭି ଡିଜି ସେଟ୍ ବସାଯାଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରାଣୀ ଗୁମ୍ଫାକୁ ଏହି ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ସୋ'ର ମୁଖ୍ୟ ପରଦା ଭାବେ ବ୍ୟବହାର କରାଯାଇଛି। ଗୁମ୍ଫା ସମ୍ମୁଖରେ ବସି ପର୍ଯ୍ୟଟକ ମାନେ ସୋ' ଦେଖିପାରିବେ। ପାହାଡ଼ ଉପରେ ବିଭିନ୍ନ ଭିଜୁଆଲ୍ ପ୍ରଦର୍ଶିତ ହେବା ସହ ୫ଟି ମାଇକ୍‌ରେ ଶୁଣିବାକୁ ମିଳିବ ସାଉଣ୍ଡ୍ । ପ୍ରାୟ ୩୦ ମିନିଟ୍‌ର ଏହି ବୃତ୍ତଚିତ୍ରରେ ମହାମେଘବାହନ ଐର ଖାରବେଳଙ୍କ ବୀରତ୍ୱର ଗାଥାକୁ ଜୀବନ୍ତ ରୂପ ଦିଆଯିବ । ୨୦୧୪ ମସିହାରେ ହୋଇଥିବା ଯୋଜନା ଦୀର୍ଘ ଦଶନ୍ଧି ପରେ ଏବେ ଉଦୟଗିରିର ରାଣୀ ଗୁମ୍ଫାରେ ବାସ୍ତବ ରୂପ ନେଇଛି।

# ‘ଦେବଗଡ଼ ପରିବାର’ର ପ୍ରଥମ ବନ୍ଧୁମିଳନ

ଭୁବନେଶ୍ୱର,(ଚକ୍ରଧର ମାଝି): ଭୁବନେଶ୍ୱରସ୍ଥିତ ଓଡ଼ିଶା ଲାୟନ୍ସ ଭବନ ପରିସରରେ ‘ଦେବଗଡ଼ ପରିବାର’ର ପ୍ରଥମ ବନ୍ଧୁମିଳନ ତଥା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜଧାନୀ ଭୁବନେଶ୍ୱରରେ ବସବାସ କରୁଥିବା ଦେବଗଡ଼ ଜିଲ୍ଲାବାସୀଙ୍କୁ ଏକାଠି କରିବା ସହ ପରସ୍ପର ମଧ୍ୟରେ ସମ୍ପର୍କ, ସହଯୋଗ ଓ ଭ୍ରାତୃଭାବକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

ଏହି ବୈଠକରେ ଦେବଗଡ଼ ଜିଲ୍ଲାର କୋଣ ଅନୁକୋଣରୁ ଭୁବନେଶ୍ୱରରେ ଅବସ୍ଥାନ କରୁଥିବା ୫୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଆଲୋଚନାରେ ଦେବଗଡ଼ର ସାମାଜିକ, ସାଂସ୍କୃତିକ ଐତିହ୍ୟ ତଥା ସାମୂହିକ ବିକାଶ ସହ ଜଡ଼ିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମତବିନିମୟ କରାଯାଇଥିଲା। ରାଜଧାନୀରେ ରହି ମଧ ନିଜ ମାଟି, ପରମ୍ପରା ଓ ନିଜ ଅଞ୍ଚଳର ଲୋକଙ୍କ ସହ ନିରନ୍ତର ସମ୍ପର୍କ ବଜାୟ ରଖିବା ସଙ୍ଗେ ସଙ୍ଗେ ଆଗାମୀ ଦିନରେ ବିଭିନ୍ନ ଲୋକାଭିମୁଖୀ ଓ ସାମାଜିକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସଂଗଠନ ପକ୍ଷରୁ ନିଷ୍ପତ୍ତି ହୋଇଛି।

ଏହି ସମାବେଶରେ ମୋହନ କୁମାର ମିଶ୍ର, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୂର୍ବତନ ବିଧାୟକ ସଂଜୀବ କୁମାର ପ୍ରଧାନ, ସୁଶାନ୍ତ କୁମାର ପଟ୍ଟନାୟକ, ନେତ୍ରାନନ୍ଦ ମକାକୁଲ, ଇଂ ଭୀମସେନ ପ୍ରଧାନ, ବରିଷ୍ଠ ଆଇନଜୀବୀ ପ୍ରବୀଣ କୁମାର ପ୍ରଧାନ, ଇଂ ସୁଜିତ୍ ପ୍ରଧାନ, ପ୍ରକାଶ କୁମାର ପ୍ରଧାନ, ନିବେଦିତା ନାୟକ, ଇଂ ରାଜକିଶୋର ନାୟକ, ସୌରଭ ପ୍ରଧାନ, ପରମାନନ୍ଦ ପାତ୍ର ଏବଂ ସାମ୍ବାଦିକ ଶଶାଙ୍କ ଶେଖର ଝାଙ୍କରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ନିଜ ନିଜର ବହୁମୂଲ୍ୟ ମତାମତ ଉପସ୍ଥାପନ କରିଥିଲେ।




# ଅକ୍ଟୋବରରେ ମିଳିବ ୫ମାସର ପେନସନ୍ !

## ୨୦.୩୩ ଲକ୍ଷ ପେନସନଧାରୀଙ୍କ ଖାତାକୁ ଆସିବ ବକେୟା ଟଙ୍କା




**ଭୁବନେଶ୍ୱର :** ପେନସନ୍‌କୁ ଅପେକ୍ଷା କରିଥିବା ଓଡ଼ିଶାର ଲକ୍ଷ ଲକ୍ଷ ବୃଦ୍ଧଙ୍କ ପାଇଁ ଆସିଛି ଆଶ୍ୱସ୍ତିର ଖବର । ଇନ୍ଦିରା ଗାନ୍ଧୀ ଜାତୀୟ ବୃଦ୍ଧାବସ୍ଥା ପେନସନ୍ ଯୋଜନା ଅଧୀନରେ ଗତ କିଛି ମାସ ଧରି ଅଟକି ରହିଥିବା ପେନସନ୍ ଟଙ୍କା ଏବେ ମିଳିବ। ପେନସନ୍ ସହିତ ବକେୟା ଏରିଅର ରାଶି ମଧ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପଠାଯିବ । ଓଡ଼ିଶା ବିଧାନସଭାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏନେଇ ସୂଚନା ଦେଇଛନ୍ତି । ଟେକ୍ନିକାଲ୍ ସମସ୍ୟା ଯୋଗୁଁ ପ୍ରାୟ ୨୦.୩୩ ଲକ୍ଷ ପେନସନ୍ ହିତାଧିକାରୀଙ୍କ ଟଙ୍କା କିଛି ମାସ ଧରି ଅଟକି ରହିଥିଲା । ଏବେ ସରକାର ଏହି ବକେୟା ରାଶି ପ୍ରଦାନ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରିଛନ୍ତି ।

ଅର୍ଥ ବିଭାଗ, କେନ୍ଦ୍ର ସରକାର ଓ ଟ୍ରେଜେରୀ ସହ ସମନ୍ୱୟ କରି ବକେୟା ପେନସନ୍ ଦେବାର ବ୍ୟବସ୍ଥା କରାଯାଉଛି। ଅକ୍ଟୋବର ମଧ୍ୟରେ ଅଟକି ରହିଥିବା ପେନସନ୍ ଓ ଏରିଅର ଟଙ୍କା ହିତାଧିକାରୀଙ୍କ ଖାତାରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି । ତେବେ ୬୦ରୁ ୭୯ ବର୍ଷ ବୟସର ହିତାଧିକାରୀଙ୍କୁ IGNOAPS ଅଧୀନରେ ପ୍ରତି ମାସରେ ୧,୦୦୦ ଟଙ୍କା ପେନସନ୍ ମିଳିଥାଏ। ଯଦି କୌଣସି ହିତାଧିକାରୀଙ୍କ ୫ ମାସର ପେନସନ୍ ବକେୟା ରହିଛି, ତେବେ ତାଙ୍କୁ ମୋଟ ୫,୦୦୦ଟଙ୍କା ମିଳିବ। ଅର୍ଥାତ୍ ନିୟମିତ ପେନସନ୍ ସହ ବକେୟା ରାଶି ମଧ ଖାତାକୁ ଆସିବ। ପର୍ବପର୍ବାଣୀ ପୂର୍ବରୁ ଏହି ଟଙ୍କା ମିଳିଲେ ଅନେକ ବୃଦ୍ଧ ହିତାଧିକାରୀଙ୍କୁ ଆର୍ଥିକ ଭାବେ ଆଶ୍ୱସ୍ତି ମିଳିବ।

# ସମ୍ବଲପୁରରେ ନକଲି ସିମ୍ କାରବାର ଠାବ, ୩ ଅଭିଯୁକ୍ତ ଗିରଫ



J.Dash




**ସମ୍ବଲପୁର :** ସମ୍ବଲପୁର ସାଇବର ଥାନା ପୋଲିସ ନକଲି ସିମ୍ କାର୍ଡ ପ୍ରସ୍ତୁତ କରି ବିକ୍ରି କରୁଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଞ୍ଚପୁଟର ସୂରଜ ବାଗ (୨୪), ସିନାପାଲିର ମାଳତୀ ଓରାମ ଓରଫ ମାଳା (୨୯) ଏବଂ ସମ୍ବଲପୁର ମୋତିଝରଣର ପାପୁ ଓରଫ ଶେଖ ପରୱେଜ (୩୨)।

ସମ୍ବଲପୁର ସାଇବର ଥାନା ମାମଲା ନଂ-୩୪, ତା. ୨୨.୦୯.୨୦୨୬ର ତଦନ୍ତ ବେଳେ ଏହି ନକଲି ସିମ୍ କାରବାର ସାମ୍ନାକୁ ଆସିଥିଲା। ଅଭିଯୁକ୍ତମାନେ ଗ୍ରାହକଙ୍କ ପରିଚୟ ପତ୍ର ଓ ଅନ୍ୟାନ୍ୟ କାଗଜପତ୍ର ବ୍ୟବହାର କରି ଗୋଟିଏ ନମ୍ବର ବଦଳରେ ଏକାଧିକ ସିମ୍ ପ୍ରସ୍ତୁତ କରୁଥିଲେ। ଗ୍ରାହକଙ୍କୁ ଗୋଟିଏ ସିମ୍ ଦେବା ପରେ ଅତିରିକ୍ତ ସିମ୍‌ଗୁଡ଼ିକୁ ନିଜ ପାଖରେ ରଖି ଅନ୍ୟମାନଙ୍କୁ ବିକ୍ରି କରୁଥିଲେ। ଏହିପରି ଭାବେ ପ୍ରସ୍ତୁତ କିଛି ସିମ୍ ଝାଡ଼ଖଣ୍ଡର ଜାମତାରା ଅଞ୍ଚଳରେ ସାଇବର ଅପରାଧରେ ବ୍ୟବହୃତ ହେଉଥିଲା। ସିମ୍ ବିକ୍ରିରୁ ମିଳୁଥିବା ଅର୍ଥ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ ବଣ୍ଟାଯାଉଥିବା ନେଇ ମଧ ତଥ୍ୟ ମିଳିଛି।

ଅଭିଯୁକ୍ତମାନଙ୍କ ନିକଟରୁ ୪ଟି ମୋବାଇଲ୍ ଫୋନ୍, ୪ଟି ସକ୍ରିୟ ସିମ୍, ୧୨୦ଟି ସିଲ୍ ଥିବା ଖାଲି ଏୟାରଟେଲ୍ ସିମ୍‌କାର୍ଡ, ୩ଟି ବ୍ୟାଙ୍କ ପାସ୍‌ବୁକ୍, ଚେକ୍‌ବୁକ୍, ଆଧାର କାର୍ଡ, ଗୋଟିଏ ଫୋନ୍‌ପେ କ୍ୟୁଆର କୋଡ୍ ସ୍କାନର, ୪ଟି ଆଫିଡେଭିଟ୍, ଘରଭଡ଼ା ଚୁକ୍ତିପତ୍ର, ୧୦ଟି ଏୟାରଟେଲ୍ ପାମ୍ଫଲେଟ୍ ଓ ୪ଟି ଏୟାରଟେଲ୍ ୫ଜି ପ୍ଲସ୍ ସାଇନ୍‌ବୋର୍ଡ ଜବତ କରାଯାଇଛି।

ଏହି ନେଟୱର୍କରେ ଆଉ କେଉଁମାନେ ସମ୍ପୃକ୍ତ, କେତେ ସିମ୍ ପ୍ରସ୍ତୁତ ହୋଇଛି, କାହାକୁ ଯୋଗାଇ ଦିଆଯାଇଛି ଏବଂ କେତେ ପରିମାଣରେ ଅର୍ଥ କାରବାର ହୋଇଛି ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ଜାମତାରା ସହ ଏହି ନେଟୱର୍କର ସମ୍ପର୍କ ନେଇ ମଧ ତଦନ୍ତ କରାଯାଉଛି।

# ଯାଜପୁରରୁ ଭାସିଲେ, କେନ୍ଦ୍ରାପଡ଼ାରେ ଉଦ୍ଧାର; ୨୫କିମି ଭାସିଲେ ୭୦ବର୍ଷୀୟ ବୃଦ୍ଧା



**ଯାଜପୁର :** ଯାଜପୁରରୁ ଭାସିଲେ, କେନ୍ଦ୍ରାପଡ଼ାରେ ଉଦ୍ଧାର ହେଲେ । ଉଜାଣି ନଈରେ ୨୫ କିଲୋମିଟର ଭାସିଗଲେ ବୃଦ୍ଧା । ବର୍ଷା ଓ ବନ୍ୟାରେ ଫୁଲିଛି ନଈ, ଚାଲୁଛି ପ୍ରଖର ସୁଅ । କିଏ ଆଖି ଆଗରେ ଭାସିଯାଉଛି, କିଏ ବହୁକଷ୍ଟରେ ଉଦ୍ଧାର ହେଉଛି, ଆଉ କେଉଁଠି ମିଳୁଛି କାହାର ମୃତଦେହ। ହେଲେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି ଏହି ବୃଦ୍ଧାଙ୍କ କାହାଣୀ । ଯିଏ ଶୁଣୁଛି, କହୁଛି- ରଖେ ହରି ତ ମାରେ କିଏ । ହଁ.. ଘଟଣା ବି କିଛି ସେମିତି ।

ଯାଜପୁର ଜିଲ୍ଲା କାଇପଡ଼ା ଗାଁର କେଶି ଦଲାଇ। ବୟସ ୭୦ ଉପରେ । ଆଜି ସକାଳୁ ଶୌଚ ପାଇଁ ଯାଇଥିବା ବେଳେ, ବ୍ରାହ୍ମଣୀ ନଦୀରେ ଗୋଡ଼ ଖସି ଭାସି ଯାଇଥିଲେ ବୃଦ୍ଧା । ନା ପହଁରିବାକୁ ବଳ ପାଉଥିଲା, ନା ପ୍ରଖର ସୁଅ କାଟିବାକୁ ଦେହରେ ଜୁ ଥିଲା । ଭାବିନେଇଥିଲେ, ଆଜି ହିଁ ତାଙ୍କ ଜୀବନର ଶେଷ ଦିନ । ହେଲେ କଥାରେ ଅଛି, ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ । ପ୍ରଖର ସୁଅ ତାଙ୍କୁ ଭସାଇନେଲା ସିନା, ହେଲେ ପ୍ରାଣ ଛଡ଼ାଇ ନେଇ ପାରିଲାନି । ପ୍ରାୟ ୪ ଘଣ୍ଟା ପାଣିରେ ଭାସିବା ପରେ, ଜିଲ୍ଲା ଡେଇଁ ସେ ପହଞ୍ଚିସାରିଥିଲେ ୨୫ କିଲୋମିଟର ଦୂର କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇରେ।

ବାଲିପାଟଣା ନିକଟରେ ବ୍ରାହ୍ମଣୀ ନଦୀରେ ବୃଦ୍ଧାଙ୍କୁ ଭାସୁଥିବା ଦେଖି ତାଙ୍କୁ ଉଦ୍ଧାର କରିବାକୁ ଆଗେଇ ଆସିଥିଲେ କିଛି ସ୍ଥାନୀୟ ଯୁବକ । ଡଙ୍ଗା ସାହାଯ୍ୟରେ ନଦୀରେ ପଶି ତାଙ୍କୁ ପାଣିରୁ ଛାଣି ଆଣିଥିଲେ । ବୃଦ୍ଧାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର ପରେ ପଟ୍ଟାମୁଣ୍ଡାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ପଟ୍ଟାମୁଣ୍ଡାଇ ପୁଲିସ ସହାୟତାରେ ତାଙ୍କ ପରିବାରକୁ ଯୋଗାଯୋଗ କରାଯାଉଥିବା ସୂଚନା ମିଳିଛି । ୭୦ ବର୍ଷ ବୟସରେ ନୂଆ ଜୀବନ ପାଇଛନ୍ତି କେଶି ଦଲାଇ ।

ଉଦ୍ଧାର କରିଥିବା ଯୁବକ କୁହନ୍ତି, ଆମେ ତାଙ୍କୁ ପାଣିରୁ କାଢ଼ି ଗୋଡ଼-ହାତ ଘଷିଦେଲୁ ଏବଂ ମଲମ ଲଗାଇଲୁ । ଦୀର୍ଘ ଦୁଇ ଘଣ୍ଟା କାଳ ପାଣିରେ ଭାସି ରହିଥିବାରୁ ତାଙ୍କ ଶରୀର ସମ୍ପୂର୍ଣ୍ଣ ଧଳା ପଡ଼ିଯାଇଥିଲା । ତାଙ୍କ ଶରୀରକୁ ସେକି, ପିଇବା ପାଇଁ ପାଣି ଓ ଚା' ଦେଲୁ । ୧୦୮ ଆମ୍ବୁଲାନ୍ସ ପଟ୍ଟାମୁଣ୍ଡାଇ ମେଡିକାଲ ପଠାଇଲୁ । ମାଉସୀଙ୍କର ପ୍ରବଳ ସାହସ । ଯଦି ସେ ପହଁରା ଜାଣିନଥାନ୍ତେ ତେବେ ହୁଏତ ଆଜି ଜୀବିତ ନଥାନ୍ତେ ।

# ସକାଳୁ ଖାଲି ପେଟରେ ପିଅନ୍ତୁ କାକୁଡ଼ି ଓ ପୁଦିନା ଜୁସ୍



*ଏହି ଜୁସ୍ କେବଳ ଶରୀରକୁ ସତେଜ କରେ ନାହିଁ, ବରଂ ଭିତରୁ ସଫା ରଖିବାରେ ସହାୟତା କରିଥାଏ ଏବଂ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ଦୂରେଇ ରଖିବାରେ ମଧ୍ୟ ସହାୟକ ହୁଏ। ତେବେ ଆସନ୍ତୁ ଜାଣିବା, ସକାଳୁ ଖାଲି ପେଟରେ କାକୁଡ଼ି ଓ ପୋଦିନାର ଜୁସ୍ ପିଇଲେ ଶରୀରକୁ କେଉଁ କେଉଁ ଉପକାର ମିଳିଥାଏ।*

ଯଦି ସକାଳର ଆରମ୍ଭ ଏକ ସତେଜ ଓ ସ୍ୱାସ୍ଥ୍ୟକର ପାନୀୟ ସହ ହୁଏ, ତେବେ ଦିନସାରା ଶରୀରରେ ଶକ୍ତି ଭରପୂର ରହିଥାଏ। ଆଜିକାଲିର ବ୍ୟସ୍ତ ଜୀବନଶୈଳୀ ଓ ଅସନ୍ତୁଳିତ ଖାଦ୍ୟାଭ୍ୟାସ ମଧ୍ୟରେ ଶରୀରକୁ ଡିଟକ୍ସ କରିବା ବହୁତ ଜରୁରୀ। ଏଭଳି ପରିସ୍ଥିତିରେ ସକାଳୁ ଖାଲି ପେଟରେ କାକୁଡ଼ି ଓ ପୋଦିନାର ଜୁସ୍ ପିଇବା ଶରୀର ପାଇଁ ବେଶ୍ ଉପକାରୀ ହୋଇଥାଏ।

### ଶରୀରକୁ ଡିଟକ୍ସ କରିବାରେ ସହାୟକ

ରାତିସାରା ଆମ ଶରୀରରେ ବିଭିନ୍ନ କ୍ଷତିକାରକ ବିଷାକ୍ତ ପଦାର୍ଥ (ଟକ୍ସିନ୍) ଜମା ହୋଇଥାଏ। କାକୁଡ଼ିରେ ପ୍ରଚୁର ପରିମାଣର ପାଣି ଓ ଫାଇବର ଥିବା ବେଳେ, ପୋଦିନା ଏହାର ଆଣ୍ଟିଅକ୍ସିଡାଣ୍ଟ ଗୁଣ ପାଇଁ ପରିଚିତ। ଖାଲି ପେଟରେ ଏହି ଜୁସ୍ ପିଇଲେ ଏହା ଲିଭର ଓ କିଡନିକୁ ସଫା ରଖିବାରେ ସହାୟତା କରେ ଏବଂ ଶରୀରରୁ କ୍ଷତିକାରକ ବିଷାକ୍ତ ପଦାର୍ଥ ବାହାର କରିବାରେ ସହଯୋଗ କରେ।

### ଓଜନ କମାଇବାରେ ସହାୟକ

ଯଦି ଆପଣ ବଢୁଥିବା ଓଜନ କିମ୍ବା ପେଟର ଚର୍ବିକୁ ନେଇ ଚିନ୍ତିତ, ତେବେ ଏହି ଜୁସ୍ ଆପଣଙ୍କ ପାଇଁ ଉପକାରୀ। କାକୁଡ଼ି ଓ ପୋଦିନାର ଜୁସରେ କ୍ୟାଲୋରୀର ପରିମାଣ ବହୁତ କମ୍ ଏବଂ ପାଣିର ପରିମାଣ ଅଧିକ ଥାଏ। ସକାଳୁ ଏହା ପିଇଲେ ଶରୀରର ମେଟାବୋଲିଜମ୍ ସକ୍ରିୟ ହୋଇଥାଏ, ଯାହା ଚର୍ବି କମାଇବା ପ୍ରକ୍ରିୟାକୁ ସହାୟତା କରେ। ଏହା ସହ ଏହି ଜୁସ୍ ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟକୁ ଭରା ରଖିଥାଏ, ଫଳରେ ଅଧିକ ଖାଇବାର ଇଚ୍ଛା କମିଯାଏ।

### ପାଚନତନ୍ତ୍ର ପାଇଁ ଉପକାରୀ

ଗ୍ୟାସ୍, ଏସିଡିଟି, କୋଷ୍ଠକାଠିନ୍ୟ ଓ ପେଟ ଫୁଲିବା ଭଳି ସମସ୍ୟାରେ କାକୁଡ଼ି ଓ ପୋଦିନାର ଜୁସ୍ ବେଶ୍ ଉପକାରୀ। ପୋଦିନାରେ ଥିବା ମେନ୍ଥଲ୍ ପାଚକ ଏନଜାଇମ୍‌କୁ ସକ୍ରିୟ କରି ଖାଦ୍ୟ ହଜମରେ ସହାୟତା କରେ। ସେହିପରି କାକୁଡ଼ିର ଶୀତଳ ପ୍ରଭାବ ପେଟ ଜ୍ୱଳନ ଓ ଏସିଡିଟିରୁ ଆରାମ ଦେଇପାରେ। ସକାଳୁ ଖାଲି ପେଟରେ ଏହି ଜୁସ୍ ପିଇଲେ ପାଚନତନ୍ତ୍ର ସୁସ୍ଥ ରହେ।

### ତ୍ୱଚାକୁ ପ୍ରାକୃତିକ ଚମକ ପ୍ରଦାନ କରେ

କୁହାଯାଏ, ଆପଣଙ୍କ ପାଚନତନ୍ତ୍ର ଯେତେ ସୁସ୍ଥ ରହିବ, ତାହାର ପ୍ରଭାବ ସେତେ ଅଧିକ ତ୍ୱଚାରେ ଦେଖିବାକୁ ମିଳିବ। ଏହି ଜୁସ୍ ଶରୀରକୁ ଭିତରୁ ସଫା ରଖିବା ସହ ପର୍ଯ୍ୟାପ୍ତ ଜଳୀୟ ଅଂଶ ବଜାୟ ରଖିବାରେ ସହାୟକ ହୋଇଥାଏ, ଯାହାର ସକାରାତ୍ମକ ପ୍ରଭାବ ତ୍ୱଚା ଉପରେ ପଡ଼ିଥାଏ। କାକୁଡ଼ିରେ ଥିବା ସିଲିକା ଓ ପୋଦିନାର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ବ୍ରଣ ଓ ଦାଗ କମାଇବାରେ ସହାୟକ ହୋଇପାରେ ଏବଂ ତ୍ୱଚାକୁ ସୁସ୍ଥ ଓ ଉଜ୍ଜ୍ୱଳ ରଖିବାରେ ସାହାଯ୍ୟ କରେ।

### ଶରୀରକୁ ଜଳଶୂନ୍ୟତାରୁ ରକ୍ଷା କରେ

ଖରାଦିନେ ଶରୀରରେ ପାଣିର ଅଭାବ ହେବା ଏକ ସାଧାରଣ ସମସ୍ୟା। କାକୁଡ଼ିରେ ପ୍ରାୟ ୯୫ ପ୍ରତିଶତ ପାଣି ଥାଏ। ସକାଳୁ ଖାଲି ପେଟରେ ଏହି ଜୁସ୍ ପିଇଲେ ଶରୀରର ଇଲେକ୍ଟ୍ରୋଲାଇଟ୍ ସନ୍ତୁଳନ ବଜାୟ ରହିବାରେ ସହାୟତା ମିଳିପାରେ। ଫଳରେ ଆପଣ ଦିନସାରା ସତେଜ ଓ ଜଳୀୟ ଅଂଶ ବଜାୟ ରଖିପାରିବେ। ଏହା ଶରୀରର ତାପମାତ୍ରାକୁ ମଧ୍ୟ ସନ୍ତୁଳିତ ରଖିବାରେ ସହାୟକ ହୋଇଥାଏ।



# ଏଠାରେ ଲାଗେ ବିବାହ ବଜାର

ଆଜିର ଆଧୁନିକ ଯୁଗରେ ଜୀବନସାଥୀ ଖୋଜିବା ପାଇଁ ଲୋକମାନେ ଡେଟିଂ ଆପ୍ ଓ ବିବାହ ସମ୍ପର୍କୀୟ ୱେବସାଇଟ୍‌ର ସାହାଯ୍ୟ ନେଉଛନ୍ତି। କିନ୍ତୁ ଚୀନ୍‌ର ଶାଂଘାଇରେ ଏବେ ମଧ୍ୟ ଏକ ଅନନ୍ୟ ପରମ୍ପରା ଦେଖିବାକୁ ମିଳେ। ଏଠାରେ ଅଭିଭାବକମାନେ ନିଜ ପିଲାଙ୍କ ପାଇଁ ଜୀବନସାଥୀ ଖୋଜିବାକୁ ଏକ ବିଶେଷ ବଜାରକୁ ଆସନ୍ତି।

ଶାଂଘାଇର ମଧ୍ୟଭାଗରେ ଥିବା ପିପୁଲ୍ସ ପାର୍କରେ ପ୍ରତି ସପ୍ତାହରେ ଏହି ବଜାର ବସେ। ଏହାକୁ ସ୍ଥାନୀୟ ଲୋକେ 'ମ୍ୟାରେଜ୍ ମାର୍କେଟ୍' ବା ବିବାହ ବଜାର ବୋଲି କହନ୍ତି। ଏଠାରେ ଅଭିଭାବକମାନେ ନିଜ ପିଲାଙ୍କ ଫଟୋ ସହିତ ବୟସ, ଉଚ୍ଚତା, ଶିକ୍ଷା, ଚାକିରି, ଦରମା ଓ ସମ୍ପତ୍ତି ଭଳି ସୂଚନା କାଗଜରେ ଲେଖି ପ୍ରଦର୍ଶନ କରନ୍ତି। କେହି କାଗଜକୁ ଛତାରେ ଟାଙ୍ଗନ୍ତି, ଆଉ କେହି ଭୂମିରେ ସଜାଇ ରଖନ୍ତି।

### ୩୦ ବର୍ଷ ଧରି ଚାଲିଆସୁଛି ଏହି ପରମ୍ପରା

ଏହା ପରେ ଅଭିଭାବକମାନେ ସାରା ବଜାର ବୁଲି ଅନ୍ୟ ପିଲାଙ୍କ ବିବରଣୀ ଦେଖନ୍ତି। କୌଣସି ପ୍ରୋଫାଇଲ୍ ? ପସନ୍ଦ ହେଲେ ସେମାନେ ପରସ୍ପର ସହ ଆଲୋଚନା କରନ୍ତି। ଏହି ପରମ୍ପରା ପ୍ରାୟ ୩୦ ବର୍ଷ ଧରି ଚାଲିଆସୁଛି ଏବଂ ୧୯୯୬ ମସିହାରୁ ଏହାର ପ୍ରଚଳନ ଥିବା କୁହାଯାଏ।

ଚୀନ୍‌ର ଯୁବପିଢ଼ିଙ୍କ ମଧ୍ୟରେ କ୍ୟାରିୟରକୁ ପ୍ରାଥମିକତା ଦେବାର ପ୍ରବଣତା ବଢ଼ିବା ସହ ବିବାହ ଏକ ବ୍ୟକ୍ତିଗତ ବିକଳ୍ପରେ ପରିଣତ ହେଉଛି। ଏହି ପରିସ୍ଥିତିରେ ଶାଂଘାଇର ମ୍ୟାରେଜ୍ ମାର୍କେଟ୍ ଆଧୁନିକତା ସହ ପୁରୁଣା ବିବାହ ପରମ୍ପରାର ଏକ ଅନନ୍ୟ ମିଶ୍ରଣ ଭାବେ ପରିଚିତ।

# କଦଳୀ ଚୋପା ଫିଙ୍ଗିବା ପୂର୍ବରୁ ଜାଣନ୍ତୁ ଏହି ଗାର୍ଡେନିଂ ଟ୍ରିକ୍

ଘରେ ଗଛ ଲଗାଇବାକୁ ଭଲ ପାଉଥିବା ଲୋକେ ଅନେକ ସମୟରେ ଗଛର ଭଲ ବୃଦ୍ଧି ପାଇଁ ବଜାରରୁ ବିଭିନ୍ନ ପ୍ରକାରର ସାର କିଣିଥାନ୍ତି। ତେବେ ରୋଷେଇ ଘରରେ ପଡ଼ି ରହୁଥିବା କିଛି ଜୈବ ବର୍ଜ୍ୟକୁ ମଧ୍ୟ ଗଛ ପାଇଁ ବ୍ୟବହାର କରାଯାଇପାରେ। ସେଥିରୁ କଦଳୀ ଚୋପା ଏକ ସହଜ ବିକଳ୍ପ ଭାବେ ଚର୍ଚ୍ଚାରେ ରହିଛି। କଦଳୀ ଚୋପାରେ ପୋଟାସିୟମ୍ ସହ କିଛି ଅନ୍ୟ ପୋଷକ ଉପାଦାନ ରହିଥାଏ। ଏହି କାରଣରୁ କଦଳୀ ଚୋପାକୁ ଉପଯୋଗ କରି ଘରେ ଏକ ପ୍ରାକୃତିକ ଉଦ୍ଭିଦ ପୋଷକ ପ୍ରସ୍ତୁତ କରିବାର ଉପାୟ ଗାର୍ଡେନିଂପ୍ରେମୀଙ୍କ ମଧ୍ୟରେ ଲୋକପ୍ରିୟ ହୋଇଛି। ଏହା ରୋଷେଇ ଘରର ଜୈବ ବର୍ଜ୍ୟ କମାଇବାରେ ମଧ୍ୟ ସହାୟକ ହୋଇପାରେ।

ଏହି ପ୍ରକ୍ରିୟା ପାଇଁ ପ୍ରଥମେ କଦଳୀ ଚୋପାକୁ ଭଲ ଭାବେ ଧୋଇ ଛୋଟ ଛୋଟ ଖଣ୍ଡ କରିବାକୁ ପଡ଼ିଥାଏ। ଏହାକୁ ପାଣିରେ





ଭିଜାଇ ରଖି ଚୋପାରୁ କିଛି ଦ୍ରବଣୀୟ ପୋଷକ ଉପାଦାନ ପାଣିକୁ ଆସିବାକୁ ଦିଆଯାଇପାରେ। ପରେ ଚୋପାକୁ ଛାଣି ଦ୍ରବଣକୁ ଗଛର ମାଟିରେ ବ୍ୟବହାର କରାଯାଏ। ତେବେ ଏହି ପ୍ରକାରର ଘରୋଇ ସାରକୁ ଅତ୍ୟଧିକ ବ୍ୟବହାର କରିବା ଉଚିତ୍ ନୁହେଁ। ପ୍ରତ୍ୟେକ ଗଛର ପୋଷକ ଆବଶ୍ୟକତା ଭିନ୍ନ ହୋଇଥାଏ। କେବଳ କଦଳୀ ଚୋପାରୁ ମିଳୁଥିବା ପୋଷକ ଉପାଦାନ ଏକ ସମ୍ପୂର୍ଣ୍ଣ ବା ସନ୍ତୁଳିତ ସାରର ବିକଳ୍ପ ନୁହେଁ।

କଦଳୀ ଚୋପାକୁ ସିଧାସଳଖ ଗଛର ଟବ୍‌ରେ ଅଧିକ ପରିମାଣରେ ପକାଇବା ବଦଳରେ କମ୍ପୋଷ୍ଟିଂ ମାଧ୍ୟମରେ ବ୍ୟବହାର କରିବା ମଧ୍ୟ ଏକ ବିକଳ୍ପ। ଜୈବ ବର୍ଜ୍ୟ ଭଲ ଭାବେ ପଚିବା ପରେ ମାଟିର ଜୈବ ପଦାର୍ଥ ବଢ଼ାଇବାରେ ସହାୟକ ହୋଇପାରେ। ତେଣୁ ପରବର୍ତ୍ତୀଥର କଦଳୀ ଖାଇବା ପରେ ଚୋପାକୁ ତୁରନ୍ତ ଫିଙ୍ଗି ନଦେଇ ନିଜ ଗାର୍ଡେନ୍‌ରେ ଏହାକୁ ଜୈବ ବର୍ଜ୍ୟ ଭାବେ ପୁନଃବ୍ୟବହାର କରିବା କଥା ଭାବିପାରିବେ। ଠିକ୍ ଭାବେ ପ୍ରସ୍ତୁତ ଓ ସୀମିତ ବ୍ୟବହାର କଲେ ଏହା ଘରୋଇ ଗାର୍ଡେନିଂରେ ଏକ ସହଜ ପ୍ରାକୃତିକ ବିକଳ୍ପ ହୋଇପାରେ।

# ୨୦ ବର୍ଷ ବୟସରେ ଜୀବନ କାହିଁକି ଲାଗେ ଚାପପୂର୍ଣ୍ଣ

୨୦ରୁ ୩୦ବର୍ଷ ବୟସକୁ ସାଧାରଣତଃ ଜୀବନର ଉତ୍ସାହଭରା ସମୟ ବୋଲି ଧରାଯାଏ। ଏହି ସମୟରେ ଶାରୀରିକ ଶକ୍ତି, ଅନେକ ସ୍ୱପ୍ନ ଓ ଭବିଷ୍ୟତ ଗଢ଼ିବାର ସୁଯୋଗ ଥାଏ। ତଥାପି ଅନେକ ଯୁବକଯୁବତୀଙ୍କ ପାଇଁ ଏହି ଅବଧି ଚିନ୍ତା, ଚାପ ଓ ଅନିଶ୍ଚିତତାରେ ଭରିଥାଏ। କ୍ୟାରିୟର, ଜୀବନର ଦିଗ ଓ ନିଜ ଭବିଷ୍ୟତକୁ ନେଇ ନିଷ୍ପତ୍ତି ନେବାର ଚାପ ଏହାର ଏକ ପ୍ରମୁଖ କାରଣ। ଯୁବାବସ୍ଥାରେ ଭବିଷ୍ୟତର ସମ୍ଭାବନା ଅନେକ ଥିବାରୁ ପ୍ରତ୍ୟେକ ବିକଳ୍ପ ଗୁରୁତ୍ୱପୂର୍ଣ୍ଣ ଲାଗିଥାଏ। କେଉଁ କ୍ୟାରିୟର ବାଛିବେ, କେଉଁ ଦିଗରେ ଆଗେଇବେ ଏବଂ କୌଣସି ନିଷ୍ପତ୍ତି ଭୁଲ ହୋଇଯିବ କି ନାହିଁ, ଏଭଳି ପ୍ରଶ୍ନ ମନରେ ଚାପ ସୃଷ୍ଟି କରେ। ଏହା ସହିତ ଅନ୍ୟମାନଙ୍କ ଆଶା ଓ ସମାଜର ଦୃଷ୍ଟିରେ ନିଜକୁ ପ୍ରମାଣିତ କରିବାର ଚେଷ୍ଟା ମଧ୍ୟ ଚିନ୍ତା ବଢ଼ାଇପାରେ।

### ଯୁବାବସ୍ଥାର ଚିନ୍ତା, ଭବିଷ୍ୟତର ଅନିଶ୍ଚିତତା ଓ ଜୀବନରେ ସ୍ଥିରତା ଆଣିବାର ଶିକ୍ଷା

ବୟସ ବଢ଼ିବା ସହ ମଣିଷର ଦୃଷ୍ଟିକୋଣରେ ଧୀରେ ଧୀରେ ପରିବର୍ତ୍ତନ ଆସେ। ଅନ୍ୟମାନେ ନିଜ ବିଷୟରେ କ'ଣ ଭାବୁଛନ୍ତି, ଏହି ପ୍ରଶ୍ନକୁ ନେଇ ଚିନ୍ତା କରିବାର ପ୍ରବୃତ୍ତି କିଛି ମାତ୍ରାରେ କମିପାରେ। ଜୀବନର ସମସ୍ତ ସମସ୍ୟା ଦୂର ହୋଇଯାଏ ନାହିଁ, କିନ୍ତୁ ଅନୁଭବ ମଣିଷକୁ କେଉଁ କଥାକୁ ଗୁରୁତ୍ୱ ଦେବା ଓ କେଉଁ କଥାକୁ ଛାଡ଼ିଦେବା ଆବଶ୍ୟକ, ସେ ବିଷୟରେ ଅଧିକ ସ୍ୱଷ୍ଟତା ଦେଇଥାଏ। ଜୀବନର ଅନୁଭବରୁ ମିଳୁଥିବା ଏକ ମୁଖ୍ୟ ଶିକ୍ଷା ହେଉଛି, ପ୍ରତ୍ୟେକ ପ୍ରଶ୍ନର ଉତ୍ତର ତୁରନ୍ତ ମିଳିବା ଆବଶ୍ୟକ ନୁହେଁ। ସେହିପରି ପ୍ରତ୍ୟେକ ସୁଯୋଗକୁ ହାସଲ କରିବା କିମ୍ବା ପ୍ରତ୍ୟେକ ଭୁଲକୁ ବିଫଳତା ଭାବିବା ମଧ୍ୟ ଠିକ୍ ନୁହେଁ। ସମୟ ସହ ମଣିଷ ନିଜ ଅନୁଭବରୁ ଶିଖି ଅଧିକ ବାସ୍ତବବାଦୀ ଦୃଷ୍ଟିକୋଣ ଗଢ଼ିପାରେ।

ଯୁବାବସ୍ଥାରେ ଅନେକ ସମ୍ଭାବନା ଥିଲେ ମଧ୍ୟ ତାହା ସହ ଅନେକ ଦ୍ୱନ୍ଦ୍ୱ ରହିଥାଏ। ବୟସ ବଢ଼ିବା ସହ ସୁଯୋଗର ସଂଖ୍ୟା କମ୍ ଲାଗିପାରେ, କିନ୍ତୁ ଜୀବନରେ ପ୍ରକୃତରେ କ'ଣ ମହତ୍ତ୍ୱ ରଖେ, ତାହାର ବୁଝାମଣା ବଢ଼ିଥାଏ। ଏହି ସ୍ୱଷ୍ଟତା ମଣିଷକୁ ଅନାବଶ୍ୟକ ଚାପରୁ ଦୂରେଇ ନିଜ ଜୀବନର ପ୍ରାଥମିକତା ନିର୍ଦ୍ଧାରଣରେ ସହାୟତା କରିପାରେ। ଏହି ଜୀବନ ଶିକ୍ଷାର ମୁଖ୍ୟ ବାର୍ତ୍ତା ହେଉଛି, ବୟସ ବଢ଼ିବା କେବଳ ସମୟର ଗତି ନୁହେଁ, ଅନୁଭବ ଓ ଚିନ୍ତାଧାରାର ବିକାଶର ଏକ ପ୍ରକ୍ରିୟା। ଯୁବାବସ୍ଥାର ଚାପକୁ ନେଇ ନିଜକୁ ଦୋଷ ଦେବା ପରିବର୍ତ୍ତେ ଧୈର୍ଯ୍ୟର ସହ ନିଜ ଅଭିଜ୍ଞତାରୁ ଶିଖିବା ଦରକାର। ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ନିଜ ପାଇଁ ମହତ୍ତ୍ୱପୂର୍ଣ୍ଣ କଥାଗୁଡ଼ିକୁ ଚିହ୍ନିବା ଓ ବର୍ତ୍ତମାନକୁ ମୂଲ୍ୟ ଦେବା ହିଁ ଏହି ଲେଖାର ପ୍ରମୁଖ ଶିକ୍ଷା।



# ପରିବେଶ ପାଇଁ ସମର୍ପିତ ପୂରା ଗାଁର ମହିଳା

ପ୍ରତି ମାସ ଶେଷ ରବିବାର ଦିନ ଏକାଠି ହେଉଛନ୍ତି ଗାଁର ପ୍ରତ୍ୟେକ ଘରର ମହିଳାମାନେ। ସମସ୍ତଙ୍କ ହାତରେ କୋଡ଼ି, କୋଦାଳ ଓ ଝାଡୁ। ଆରମ୍ଭ ହେଉଛି ଗାଁ ସଫେଇ। ରାସ୍ତାରୁ ପଡ଼ିଆ ପର୍ଯ୍ୟନ୍ତ ସବୁ କିଛି ସଫା କରୁଛନ୍ତି। 'ସ୍ୱଚ୍ଛତା ରକ୍ଷା, ପରିବେଶ ସୁରକ୍ଷା' ବାର୍ତ୍ତା ନେଇ ଏମିତି ଏକ ଅଭିଯାନ ଆରମ୍ଭ କରିଛନ୍ତି ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ୍ ରାଉତାଳ ଗାଁର ମହିଳା। ଶତାଧିକ ମହିଳା ଏକ ସମିତି ଗଠନ କରି ଗାଁ ପରିବେଶକୁ ସ୍ୱଚ୍ଛ ରଖିବା ସହ ପଲିଥିନ୍ ବ୍ୟବହାର କମାଇବା ଏବଂ ବୃକ୍ଷରୋପଣ ଭଳି କାମ ହାତକୁ ନେଇଛନ୍ତି।

ବଅଁରପାଳ ବ୍ଲକ୍ ବଡ଼ହିଂସର ପଞ୍ଚାୟତର ରାଉତାଳ ଗାଁ। ପାହାଡ଼ ତଳେ ଥିବାରୁ ଏହି ଗାଁଟି ସବୁବେଳେ ଅପରିଷ୍କାର ହେଉଥିଲା। ଗାଁମୁଣ୍ଡରେ ଅଳିଆ, ଆବର୍ଜନା ଗଦା ହେବା ସହ ପଲିଥିନ୍, ପାଣି ବୋତଲ, ଫାଷ୍ଟଫୁଡ୍ ଜରି ଆଦି ଜମାହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିଲା। ଗାଁର ପ୍ରବେଶ ପଥରେ ଏମିତି ଅଳିଆ ଦେଖି କିଛି ମହିଳା ଏହାକୁ ସଫା କରିବାକୁ ବାହାରିଥିଲେ। ପରେ ସେମାନଙ୍କ ସହ ଅନ୍ୟ ମହିଳାମାନେ ଯୋଡ଼ିହେଲେ। ଏବେ ଏହା ଏକ ଆନ୍ଦୋଳନରେ ପରିଣତ ହୋଇଛି। ଗାଁରେ



୧୬୦ଟି ପରିବାର ରହୁଥିବା ବେଳେ ପ୍ରତି ପରିବାରରୁ ଜଣେ ଜଣେ ମହିଳାଙ୍କୁ ନେଇ ଗଠନ କରାଯାଇଛି ରାଉତାଳ ମହିଳା ସମିତି। ଏହି ସମିତି ପକ୍ଷରୁ ପ୍ରତି ମାସର ଶେଷ ରବିବାର ଦିନ ସଫେଇ କାର୍ଯ୍ୟ କରାଯାଉଛି। ପ୍ରଥମେ ଗାଁ ଦାଣ୍ଡକୁ ସଂପୂର୍ଣ୍ଣ ପରିଷ୍କାର ପରେ ଅନ୍ୟ ଯେକୌଣସି ଗୋଟିଏ ସ୍ଥାନକୁ ସଫା କରୁଛନ୍ତି। କେଉଁଦିନ ନଳକୂପ ପିଣ୍ଡି ତ କେଉଁଦିନ ଗାଁ ପଡ଼ିଆ।

*ପ୍ରତି ମାସ ଶେଷ ରବିବାର ଦିନ ଏକାଠି ହେଉଛନ୍ତି ଗାଁର ପ୍ରତ୍ୟେକ ଘରର ମହିଳାମାନେ। ସମସ୍ତଙ୍କ ହାତରେ କୋଡ଼ି, କୋଦାଳ ଓ ଝାଡୁ। ଆରମ୍ଭ ହେଉଛି ଗାଁ ସଫେଇ। ରାସ୍ତାରୁ ପଡ଼ିଆ ପର୍ଯ୍ୟନ୍ତ ସବୁ କିଛି ସଫା କରୁଛନ୍ତି। 'ସ୍ୱଚ୍ଛତା ରକ୍ଷା, ପରିବେଶ ସୁରକ୍ଷା' ବାର୍ତ୍ତା ନେଇ ଏମିତି ଏକ ଅଭିଯାନ ଆରମ୍ଭ କରିଛନ୍ତି ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ୍ ରାଉତାଳ ଗାଁର ମହିଳା।*

ଏମିତି ବିଭିନ୍ନ ପାଳିରେ ପୋଖରୀ, ପଡ଼ିଆ, ଡ୍ରେନ୍, ବିଦ୍ୟାଳୟ ଆଦି ସଫା କରୁଛନ୍ତି। ମହିଳାଙ୍କ ଏମିତି କାର୍ଯ୍ୟ ଦେଖି ଗାଁର ଯୁବଗୋଷ୍ଠୀ ମଧ୍ୟ ସହାୟତା କରିବାକୁ ଆଗକୁ ଆସିଲେଣି।

ମହିଳାମାନେ କେବଳ ସ୍ୱଚ୍ଛତା ପାଇଁ ଶପଥ ନେଇ ନାହାନ୍ତି, ବରଂ ପରିବେଶ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ଗାଁରେ ଥିବା ଏକ ଖାଲି ପଡ଼ିଆରେ ୫୦ଟି ବରଗଛ ଲଗାଇଛନ୍ତି। ଆଗକୁ ଅଧିକ ବୃକ୍ଷରୋପଣ କରିବା ସହ ଗାଁକୁ ସବୁଜବଳୟ ଭିତରେ ରଖିବାକୁ ଲକ୍ଷ୍ୟ ରଖିଛନ୍ତି। ଏପଟେ ପଲିଥିନ୍ ବିରୋଧରେ ଜନସଚେତନତା ସୃଷ୍ଟି କରାଯାଉଛି। ନିଜେ ବ୍ୟାଗ୍ ବ୍ୟବହାର କରିବା ସହ ଦୋକାନଗୁଡ଼ିକରେ ପଲିଥିନ୍ ବ୍ୟବହାର କମ୍ କରିବାକୁ ବୁଝାଉଛନ୍ତି। ସମିତିର ବରିଷ୍ଠ ସଦସ୍ୟା ଶାନ୍ତିଲତା ସାହୁଙ୍କ କହିବାନୁଯାୟୀ, ବର୍ଷକ ତଳେ ଗାଁ ପରିବେଶ ଦେଖି ମହିଳାମାନେ ଏହାକୁ ସଫା କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ଏଥିରେ ଗାଁର ସମସ୍ତ ମହିଳା ଯୋଡ଼ି ହେବା ପରେ ସଫେଇ କାର୍ଯ୍ୟ ବ୍ୟାପକ ହୋଇଛି। ମହିଳା ସମିତି ସଭାପତି ସୁନୀତା ବିଶ୍ୱାଳ କହିଛନ୍ତି, ସଫେଇ କାର୍ଯ୍ୟ ସହ ଏବେ ବୃକ୍ଷରୋପଣ କରୁଛୁ। ଗାଁକୁ ସ୍ୱଚ୍ଛ, ସବୁଜ କରି ଏକ ଆଦର୍ଶ ଗାଁରେ ପରିଣତ କରିବାକୁ ମହିଳାମାନେ ନିଷ୍ପତ୍ତି ନେଇଛନ୍ତି। ଆଗକୁ ଗାଁରେ ପଲିଥିନ୍ ବ୍ୟବହାର ବନ୍ଦ କରିବାକୁ ଉଦ୍ୟମ କରିବା ସହ ପରିବେଶ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରିବୁ। ରାଉତାଳ ଗାଁର ଏହି ମହିଳାମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏହି ମହିଳା ପରିବେଶ ଯୋଦ୍ଧାମାନଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।

# ଏନ୍ଆଇଟି ରାଉରକେଲାର ସଫଳତା: ଇଭି ବ୍ୟାଟେରିର ଆୟୁଷ ବଢ଼ିବ



ଗବେଷଣା କ୍ଷେତ୍ରରେ ପୁଣି ଏକ ଉପଲବ୍ଧି ହାସଲ କରିଛନ୍ତି ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି)ର ଗବେଷକ ଦଳ। ବୈଦ୍ୟୁତିକ ଯାନ (ଇଭି) ବ୍ୟାଟେରିର ଆୟୁଷ ଓ କାର୍ଯ୍ୟଦକ୍ଷତା ବଢ଼ାଇବା ପାଇଁ ଏକ ଅଭିନବ ଏନର୍ଜି ଷ୍ଟୋରେଜ ପ୍ରଣାଳୀ ବିକଶିତ କରିଛନ୍ତି। ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ଆସୋସିଏଟ୍ ପ୍ରଫେସର ମୋନାଲିସା ପଟ୍ଟନାୟକ ଓ ତାଙ୍କ ଗବେଷକ ଦଳ ଏହି ପ୍ରଣାଳୀ ପ୍ରସ୍ତୁତ କରିବା ସହ ପେଟେଣ୍ଟ ମଧ୍ୟ ହାସଲ କରିଛନ୍ତି। ଗବେଷଣା ଦଳରେ ଡ. ପ୍ରଦ୍ୟୁମ୍ନ ବେହେରା, କରନ ଗୁପ୍ତା ସାମିଲ ଅଛନ୍ତି। ଭାରତରେ ବୈଦ୍ୟୁତିକ ଯାନର ଚାହିଦାକୁ ଦୃଷ୍ଟିରେ ରଖି ଏହି ପ୍ରଯୁକ୍ତିବିଦ୍ୟା ବେଶ୍ ପ୍ରଭାବୀ ସାବ୍ୟସ୍ତ ହେବ। ସାଧାରଣତଃ ସହରାଞ୍ଚଳରେ ବାରମ୍ବାର ବ୍ରେକ୍ ମାରିବା, ଗାଡ଼ି ରୋକିବା ତଥା ହଠାତ ଗତି ବଢ଼ାଇବା ଦ୍ୱାରା ଇଭି ବ୍ୟାଟେରି ଉପରେ ଅଧିକ ଚାପ ପଡ଼ି ଯାନବାହନର ଆୟୁଷ କମିଥାଏ। ଏହି ନୂତନ ହାଇବ୍ରିଡ୍ ପ୍ରଣାଳୀରେ ବ୍ୟାଟେରି ସହ ଏକ ସୁପର କାପାସିଟର ଯୋଡ଼ାଯାଇଛି, ଯାହା ହଠାତ ସୃଷ୍ଟି ହେଉଥିବା ବିଦ୍ୟୁତ ପ୍ରବାହକୁ ନିୟନ୍ତ୍ରଣ କରି ବ୍ୟାଟେରିକୁ ସୁରକ୍ଷା କରିବା ସହ ଏହାର କାର୍ଯ୍ୟଦକ୍ଷତା ଓ ଦୀର୍ଘସ୍ଥାୟିତ୍ୱକୁ ବହୁଗୁଣିତ କରିବ। ଏହି ପ୍ରଣାଳୀର ବିଶେଷତ୍ୱ ହେଉଛି ସରଳ ଡିଜାଇନ୍, ଯେଉଁଥିରେ ମାତ୍ର ଗୋଟିଏ କନ୍‌ଭର୍ଟର, ଏକ ଇଣ୍ଡକ୍ଟର ଓ ଏକ ନିୟନ୍ତ୍ରଣ ପ୍ରଣାଳୀ ବ୍ୟବହାର କରାଯାଇଛି। କମ୍ ଯନ୍ତ୍ରାଂଶ ଯୋଗୁ ଏହାର ଜଟିଳତା ହ୍ରାସ ପାଇବା ସହ ଶକ୍ତି ଅପଚୟ ମଧ୍ୟ କମିଥାଏ।

ପରୀକ୍ଷଣ ସମୟରେ ଏହି ପ୍ରଯୁକ୍ତିବିଦ୍ୟା ଆକସ୍ମିକ ବ୍ରେକ୍ କିମ୍ବା ଗତି ପରିବର୍ତ୍ତନ ସମୟରେ ସ୍ଥିର ଭୋଲଟେଜ୍ ପ୍ରଦାନ କରିବାରେ ସଫଳ ହୋଇଥିଲା। ପ୍ରଫେସର ପଟ୍ଟନାୟକ କହିଛନ୍ତି, ବିଶେଷକରି ୨୪ ଭୋଲ୍‌ଟରୁ ୬୦ ଭୋଲ୍‌ଟ ମଧ୍ୟରେ ଚାଲୁଥିବା ଗାଡ଼ି ଯଥା ଇ-ସ୍କୁଟର, ବୈଦ୍ୟୁତିକ ମୋଟର ସାଇକଲ୍, ଇ-ରିକ୍ସା, କାର୍ଗୋ ଟ୍ରାଇସାଇକଲ, ଶିଳ୍ପାଞ୍ଚଳରେ ବ୍ୟବହୃତ ହେଉଥିବା ଗାଡ଼ି ପାଇଁ ବେଶ୍ ଉପଯୋଗୀ। ବର୍ତ୍ତମାନ ଗବେଷକ ଦଳ କାର ଓ ଅନ୍ୟ ବୈଦ୍ୟୁତିକ ଯାନ ପ୍ରସ୍ତୁତ କରୁଥିବା ବିଭିନ୍ନ କମ୍ପାନି, ଷ୍ଟାର୍ଟଅପ୍‌ଗୁଡ଼ିକ ସହ ବ୍ୟାବସାୟିକ ସହଭାଗିତା ପାଇଁ ଆଲୋଚନା ଜାରି ରଖିଛନ୍ତି।



## କଳିଯୁଗର କୃଷ୍ଣ

# ଏହି ପିଲାର ଗୋଟିଏ ଡାକରେ ଧାଇଁ ଆସୁଛନ୍ତି ଶହ ଶହ ଗାଈ




ପିଲାଟି କାନ୍ଧରେ ପକାଇଛି ଗାମୁଛା। ହାତରେ ବାଡ଼ି ଧରି ଗାଈମାନଙ୍କ ପଛରେ ଦୌଡ଼ୁଛି। ସେମାନଙ୍କୁ ସେମାନଙ୍କ ନାମ ଧରି ଡାକୁଛି। ଲୋକମାନେ ପିଲାଟିର ଗାଈ ପ୍ରତି ଭଲପାଇବା ଏବଂ ତାର ଆଶ୍ଚର୍ଯ୍ୟଜନକ ଦକ୍ଷତାକୁ ପ୍ରଶଂସା କରୁଛନ୍ତି। ଏମିତି ଲାଗୁଛି ଯେପରି ଗାଈମାନେ ତାଙ୍କ ଡାକ ବୁଝିପାରୁଛନ୍ତି।

ଦ୍ୱାପର ଯୁଗରେ ପ୍ରଭୁ ଶ୍ରୀକୃଷ୍ଣ ଗୋପାଳ ଭାବେ ଲୀଳା କରିଥିଲେ। ତାଙ୍କର ଗୋଟିଏ ଡାକରେ ଗାଈମାନେ ଧାଇଁ ଆସୁଥିଲେ। ସେ ବଇଁଶି ବଜାଇ ସମସ୍ତଙ୍କ ମନ ମୋହୁଥିଲେ।ଏବେ କଳିଯୁଗରେ ମଧ ସେଭଳି ଏକ ଦୃଶ୍ୟ ଲୋକଙ୍କୁ ଅଭିଭୂତ କରୁଛି। ପିଲାର ଡାକରେ ଶହ ଶହ ଗାଈ ଧାଇଁ ଆସୁଛନ୍ତି। ଏଣୁ ଲୋକମାନେ ତାଙ୍କୁ "କଳିଯୁଗର କୃଷ୍ଣ" ବୋଲି କହୁଛନ୍ତି। ତାଙ୍କର ଗୋଟିଏ ଡାକରେ ସେମାନେ ଚାଲି ଆସୁଛନ୍ତି। ଅନ୍ୟ ଗାଈମାନେ ସମାନ ଭାବରେ ତାଙ୍କ କଥା ଶୁଣୁଛନ୍ତି।

# ଚର୍ଚ୍ଚାରେ ନୀତା ଅମ୍ବାନୀଙ୍କ ହାର

## ଗଢ଼ିବାକୁ ଲାଗିଥିଲା ୩ ବର୍ଷ, ଗଢ଼ିଛନ୍ତି ୧୪ କାରିଗର




ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମାଲିକ ମୁକେଶ ଅମ୍ବାନୀଙ୍କ ସ୍ତ୍ରୀ ନୀତା ଅମ୍ବାନୀଙ୍କୁ କୌଣସି ପରିଚୟର ଆବଶ୍ୟକତା ନାହିଁ। ୬୦ ବର୍ଷ ବୟସରେ ନୀତା ଅମ୍ବାନୀ ତାଙ୍କର ପ୍ରତ୍ୟେକ ଲୁକ୍ ସହିତ ସମସ୍ତଙ୍କ ହୃଦୟ ଜିତିଛନ୍ତି। ନିକଟରେ ସମ୍ପନ୍ନ ହୋଇଥିବା ଗଣେଶ ପୂଜା ଅବସରରେ ନୀତା ଅମ୍ବାନୀ ଏକ ଚମତ୍କାର ଲୁକ୍‌ରେ ନଜର ଆସିଥିଲେ। ଏହି ଲୁକ୍ ଆଜି ମଧ ଏକ ଚର୍ଚ୍ଚିତ ବିଷୟ ହୋଇ ରହିଛି। ତାଙ୍କର ରାଜକୀୟ ହାର ତାଙ୍କ ସମ୍ପୂର୍ଣ୍ଣ ଲୁକ୍ ଅପେକ୍ଷା ଆହୁରି ଚର୍ଚ୍ଚିତ।

ଏହି ବର୍ଷ ଆଣ୍ଟିଲିଆରେ ଗଣେଶ ଚତୁର୍ଥୀ ମହାଆଡମ୍ବରରେ ପାଳନ କରାଯାଇଥିଲା। ସବୁଠୁ ଆକର୍ଷଣୀୟ ଥିଲା ନୀତାଙ୍କ ଲୁକ୍। ସେ ଏକ କମଳା ଏବଂ ଗୋଲାପୀ ସିଲ୍କ ଶାଢ଼ି ପିନ୍ଧିଥିଲେ। ସେ ଶାଢ଼ି ସହିତ ବଡ଼ ଆକାରର ହାର ସହିତ ଯୋଡ଼ିଥିଲେ। ଏହି ସୁନା ଖଚିତ ହାର ଏତେ ସୁନ୍ଦର ଥିଲା ଯେ, କେହି ଏଥିରୁ ନଜର ହଟାଇ ପାରିବେ ନାହିଁ।

ରିପୋର୍ଟ ଅନୁଯାୟୀ, ଏହି ହାରକୁ 'ଆମ୍ରପାଲି ଭାରତମ' କୁହାଯାଏ ଏବଂ ଏହା ଆମ୍ରପାଲି ଜୁଏଲସ ଦ୍ୱାରା ତିଆରି କରାଯାଇଛି। ଏହା କୌଣସି ସାଧାରଣ ହାର ନୁହେଁ, ଏହାକୁ ମୂଳରୁ ପୁନଃନିର୍ମାଣ କରାଯାଇଛି। ଭାରତର ବିଭିନ୍ନ ସ୍ଥାନରୁ ସଂଗୃହୀତ ପୁରୁଣା ଏବଂ ପୁରୁଣା ଅଳଙ୍କାରକୁ ମିଶ୍ରଣ କରି ଏହା ତିଆରି କରାଯାଇଛି। ଏହି ହାର ପାଇଁ ପୁରୁଣା ଅଳଙ୍କାର ସଂଗ୍ରହ କରିବାକୁ ପ୍ରାୟ ୩ ବର୍ଷ ଲାଗିଥିଲା। ତା'ପରେ ୧୪ ଜଣ କୁଶଳୀ କାରିଗର ଏହାକୁ ଏକାଠି କରିବା ପାଇଁ କିଛି ମାସ ଧରି କାମ କରିଥିଲେ।

ଏହାକୁ ତିଆରି କରିବା ସହଜ ନ ଥିଲା। ବିଭିନ୍ନ ରାଜ୍ୟ ଏବଂ ପରମ୍ପରାର ଅଳଙ୍କାରଗୁଡ଼ିକୁ ଏପରି ଭାବରେ ସଜାଡ଼ିବାକୁ ପଡ଼ିଥିଲା ଯେ ସେମାନେ ଏକାଠି ଭଲ ଦେଖାଯିବେ। ଏହାକୁ ହାସଲ କରିବା ପାଇଁ, ଅଳଙ୍କାରଗୁଡ଼ିକୁ ବାରମ୍ବାର ଯାଞ୍ଚ କରାଯାଇଥିଲା, ପୁନଃସ୍ଥାପିତ କରାଯାଇଥିଲା ଏବଂ ଡିଜାଇନ ଅନେକ ଥର ପରିବର୍ତ୍ତନ କରାଯାଇଥିଲା। ହାରରେ ପାରମ୍ପରିକ କେରଳ ହାର ଏବଂ ନାଥ, ଝୁମର, ଝୁମକା, ବ୍ୟାଜ ଏବଂ ଚାନ୍ଦବାଲି ପରି ପ୍ରାଚୀନ ଦକ୍ଷିଣ ଭାରତୀୟ ଅଳଙ୍କାର ଅନ୍ତର୍ଭୁକ୍ତ। ଏଥିରେ ମୁକ୍ତା, ରଙ୍ଗୀନ ମଣିପଥର ଏବଂ ହୀରା ମଧ ରହିଛି।

ଏହି ହାରର ସ୍ୱତନ୍ତ୍ରତା ହେଉଛି ଏହାର ଡିଜାଇନ ସମ୍ପୂର୍ଣ୍ଣ ସମାନ ନୁହେଁ। ପ୍ରତ୍ୟେକ ପୁରୁଣା ଅଳଙ୍କାରର ନିଜସ୍ୱ ପରିଚୟ ଅଛି। ଏହା ଏହାକୁ ସଂଗ୍ରହାଳୟରେ ଥିବା ପ୍ରାଚୀନ ଏବଂ ଦୁର୍ଲଭ ଅଳଙ୍କାରର ସଂଗ୍ରହ ପରି ଦେଖାଯାଏ। ଏହାର ମୂଲ୍ୟ ଓ ଏହାର ଡିଜାଇନ, ଏଥିରେ ଖଞ୍ଜାଯାଇଥିବା ହୀରା ଏବଂ ମୁକ୍ତା ସୂଚାଇ ଦେଉଛି ଯେ, ଏହାର ମୂଲ୍ୟ ୫ରୁ ୧୦ କୋଟି ମଧ୍ୟରେ ହେବ।

# ପରିବେଶର ରକ୍ଷକ ଶାଗୁଣା

୨୦୦୬ ମସିହାରେ ଦକ୍ଷିଣ ଆଫ୍ରିକାର ଏନ୍ ?ଡେଞ୍ଜର୍ଡ ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଓ ଇଂଲଣ୍ଡର ହକ୍ କଞ୍ଜରଭାନ୍ସି ଟ୍ରଷ୍ଟ ମିଳିତଭାବେ ଶାଗୁଣାଙ୍କ ସଂରକ୍ଷଣ ସକାଶେ ଅନ୍ତର୍ଜାତୀୟ ଶାଗୁଣା ସଚେତନତା ଦିବସ ଆରମ୍ଭ କରିଥିଲେ। ତେବେ ପ୍ରଥମ ଅନ୍ତର୍ଜାତୀୟ ଶାଗୁଣା ସଚେତନତା ଦିବସ ୨୦୦୯ ସେପଟ୍ଟେମ୍ବର ପ୍ରଥମ ଶନିବାର ପାଳନ କରାଯାଇଥିଲା। ପରିବେଶକୁ ପରିଷ୍କାର ରଖିବାରେ ଶାଗୁଣାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ମରିଯାଇଥିବା ଜୀବଜନ୍ତୁ ପଚି ଶଢ଼ି ପରିବେଶକୁ ପ୍ରଦୂଷଣ କରିବା ପୂର୍ବରୁ ଏମାନେ ସେଗୁଡ଼ିକୁ ଖାଇଦିଅନ୍ତି। ପ୍ରତିକୂଳ ସ୍ଥିତିକୁ ଭ୍ରୂକ୍ଷେପ ନ କରି ଏମାନେ ନିଜ କାମରେ ଲାଗିଥାଆନ୍ତି। କିନ୍ତୁ ପରିତାପର ବିଷୟ, ପରିବେଶ ସଫେଇରେ ବିଶେଷ ଭୂମିକା ନିଭାଉଥିବା ଏହି ପକ୍ଷୀଙ୍କ ବଂଶ ଧୀରେ ଧୀରେ ଲୋପ ପାଇଯିବାକୁ ବସିଛି। ଏହାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କଲେଣି। ତେଣୁ ଏହି ଦିବସ ଅବସରରେ ପରିସଂସ୍ଥା ସୁରକ୍ଷାକାରୀ ଶାଗୁଣାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଏବଂ ବିପଦଗ୍ରସ୍ତ ଉକ୍ତ ପ୍ରଜାତିଙ୍କ ସଂରକ୍ଷଣ ପ୍ରୟାସକୁ ପ୍ରୋତ୍ସାହିତ କରାଯାଇଥାଏ।



# ସୁନା ଗଚ୍ଛିତ ରଖିଥିବା ଦେଶ

ସୁନା କେବଳ ଅଳଙ୍କାରର ଚମକ ନୁହେଁ, ବରଂ ଏହା ବିଶ୍ୱ ଅର୍ଥନୀତିର ମେରୁଦଣ୍ଡ। ଡିଜିଟାଲ ମୁଦ୍ରା ଏବଂ କ୍ରିପ୍ଟୋର ଏହି ଯୁଗରେ ମଧ। ସୁରକ୍ଷା, ସ୍ଥିରତା ଏବଂ ସମ୍ପତ୍ତିର ପ୍ରତୀକ ଭାବରେ ସୁନା ଗୁରୁତ୍ୱପୂର୍ଣ୍ଣ ରହିଛି। ବିଶ୍ୱ ସୁନା ପରିଷଦ ଅନୁଯାୟୀ, ୨୦୨୫ର ଦ୍ୱିତୀୟ ତ୍ରୈମାସିକ ସୁଦ୍ଧା ବିଶ୍ୱର ୮ଟି ବୃହତ ସୁନା ଭଣ୍ଡାରରେ ଭାରତ ଏବଂ ଚାଇନା ଭଳି ପ୍ରମୁଖ ଦେଶ ସାମିଲ ଅଛି। ଯୁକ୍ତରାଷ୍ଟ୍ର ଦୀର୍ଘ ସମୟ ଧରି ସର୍ବାଧିକ ସୁନା ଭଣ୍ଡାର ରଖିଆସିଛି। ୨୦୨୫ର ଦ୍ୱିତୀୟ ତ୍ରୈମାସିକରେ ଏହାର ଭଣ୍ଡାର ୮,୧୩୩.୪୬ ଟନ ଥିଲା, ଯାହା ୨୦୦୦ ପରଠାରୁ ପ୍ରାୟ ସ୍ଥିର ରହିଛି। ଏହା ଏହାକୁ ପ୍ରଥମ ସ୍ଥାନ ଅଧିକାର କରିଛି। ବର୍ତ୍ତମାନ, ଜର୍ମାନୀରେ ୩,୩୫୦.୨୫ ଟନ ସୁନା ଅଛି, ଯାହା ୨୦୦୦ରେ ୩,୪୬୮ ଟନ ଥିଲା। ଜର୍ମାନୀ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛି। ଇଟାଲୀର ସୁନା ଭଣ୍ଡାର ଗତ କିଛି ଦଶନ୍ଧି ଧରି ତୁଳନାତ୍ମକ ଭାବରେ ସ୍ଥିର ରହିଛି। ଏହା ବର୍ତ୍ତମାନ ୨,୪୫୧.୮୪ ଟନ ରଖିଛି। ଇଟାଲୀ ତୃତୀୟ ସ୍ଥାନରେ ଅଛି। ଭାରତର ସବୁଠାରୁ ଭଲ ବନ୍ଧୁ ଫ୍ରାନ୍ସ ପାଖରେ ୨୦୦୨ ମସିହାରେ ୩,୦୦୦ ଟନରୁ ଅଧିକ ସୁନା ଥିଲା। ତଥାପି, ଏହା ବର୍ତ୍ତମାନ ୨,୪୩୭ ଟନ ରଖିଥିବାରୁ ଏହାକୁ ଚତୁର୍ଥ ସର୍ବବୃହତ ସୁନା ଭଣ୍ଡାର କରାଯାଇଛି। ୨୫ ବର୍ଷ ପୂର୍ବେ ୨୦୦୦ ମସିହାରେ ରୁଷିଆ ପାଖରେ କେବଳ ୩୪୩



ଟନ ଥିଲା, ଯାହା ଏବେ ୨,୩୩୫ ଟନ ରେ ପହଞ୍ଚିଛି। ରୁଷିଆ ପଞ୍ଚମ ସ୍ଥାନରେ ଅଛି। ଭାରତର ପଡ଼ୋଶୀ ଚାଇନା ପାଖରେ ପ୍ରାୟ ୨,୨୭୯ ଟନ ସୁନା ଅଛି। ଏହା ଧୀରେ ଧୀରେ ଏହାର ଭଣ୍ଡାର ବୃଦ୍ଧି କରୁଛି। ସୁନା-ଧନୀ ଦେଶ ତାଲିକାରେ ଚାଇନା ଷଷ୍ଠ ସ୍ଥାନରେ ଅଛି। ଏକ ଛୋଟ ୟୁରୋପୀୟ ଦେଶ ସ୍ୱିଜରଲାଣ୍ଡରେ ବର୍ତ୍ତମାନ ୧,୦୪୦ ଟନ ସୁନା ଅଛି। ଏହା ପଛରେ ମୁଖ୍ୟ କାରଣ ସ୍ୱିସ ବ୍ୟାଙ୍କ ବୋଲି ବିଶ୍ୱାସ କରାଯାଏ। ଏହା ଏହାକୁ ସପ୍ତମ ସ୍ଥାନରେ ରଖିଛି। ଭାରତରେ ବର୍ତ୍ତମାନ ୮୮୦ ଟନ ସୁନା ଅଛି, ଯାହା ଏପର୍ଯ୍ୟନ୍ତ ସର୍ବାଧିକ। ଏହା ଏହାକୁ ବିଶ୍ୱର ଅଷ୍ଟମ ବୃହତ୍ତମ ଦେଶ କରିଥାଏ।

## ଦୀର୍ଘାୟୁ ପାଇଁ ପ୍ରସିଦ୍ଧ ନିକୋୟା



ଆମେରିକୀୟ ଦେଶ କୋଷ୍ଟାରିକାର ନିକୋୟା ଉପଦ୍ୱୀପ ନିଜର ଅନନ୍ୟ ଜୀବନଶୈଳୀ ଏବଂ ଲୋକଙ୍କ ଦୀର୍ଘାୟୁ ଜୀବନ ପାଇଁ ବିଶ୍ୱପ୍ରସିଦ୍ଧ। ଏଠାକାର ଲୋକଙ୍କ ହାରାହାରି ଆୟୁ ପ୍ରତି ଆମେରିକୀୟଙ୍କ ହାରାହାରି ଆୟୁ ତୁଳନାରେ ପ୍ରାୟ ୧୦ ବର୍ଷ ଅଧିକ। ଏଠାକାର ପାରମ୍ପରିକ ଖାଦ୍ୟ ଏବଂ ଜୀବନଶୈଳୀ ଲୋକଙ୍କୁ ସୁସ୍ଥ ରଖିଥାଏ। ନିକୋୟାର ଲୋକମାନେ ପ୍ରାକୃତିକ ଏବଂ ପାରମ୍ପରିକ ଖାଦ୍ୟ ଗ୍ରହଣ କରିଆସୁଛନ୍ତି। ଏଠାକାର ଖାଦ୍ୟର ବିଶେଷତ୍ୱ ହେଉଛି, ଏଥିରେ କୌଣସି କୃତ୍ରିମ, ରାସାୟନିକ ପଦାର୍ଥ କିମ୍ବା ମିଶ୍ରଣର ବ୍ୟବହାର ହୋଇ ନ ଥାଏ। ସେହିପରି ଏଠାକାର ଲୋକମାନେ ଲାଲ୍ ମାଂସ ଏବଂ ପଶୁ ଚର୍ବିକୁ ଖୁବ୍ କମ୍ ମାତ୍ରାରେ ଖାଇଥାନ୍ତି। ଅଧିକାଂଶ ଲୋକ ମକା, ବିନ୍ସ, ତାଜା ଫଳ ଏବଂ ପନିପରିବା ଆଦି ସୁସ୍ଥକର ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି। ଏହା ସେମାନଙ୍କ ଶରୀରକୁ ସନ୍ତୁଳିତ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍ ଏବଂ ଫାଇବର ଯୋଗାଇଥାଏ। ସେହିପରି ଏଠାକାର ନିବାସୀମାନେ ସୁସ୍ଥ ଏବଂ ସନ୍ତୁଳିତ ଜୀବନଶୈଳୀକୁ ଅନୁପାଳନ କରନ୍ତି। ନିକୋୟାର ପାଣିରେ କ୍ୟାଲସିୟମ ଏବଂ ମ୍ୟାଗ୍ନେସିୟମ ଭରପୂର ରହିଛି, ଯାହା ହୃଦ୍‌ରୋଗକୁ ପ୍ରତିହତ କରିବା ସହ ହାଡ଼କୁ ମଜଭୁତ କରିଥାଏ। ଏହା ବ୍ୟତୀତ ଏଠାକାର ଲୋକମାନେ ସୂର୍ଯ୍ୟକିରଣ ପଡୁଥିବା ଖୋଲା ପରିବେଶରେ ଅଧିକ ସମୟ ବିତାଇଥାନ୍ତି।

# ମଇଁଷି ଚରାଉଥିବା ଝିଅ ହେଲେ ଆଇଏଏସ୍



କିଛି ସ୍ୱପ୍ନ ଏମିତି ଥାଏ, ଯାହା ଦାରିଦ୍ର୍ୟ, ସାମାଜିକ ଚାପ ଏବଂ ପ୍ରତିକୂଳ ପରିସ୍ଥିତି—ସବୁକୁ ପଛରେ ପକାଇ ସତ ହୁଏ। ତାମିଲନାଡୁର ଇରୋଡ୍ ଜିଲ୍ଲାର ସି. ବନମତି (ଉ. ଠବଭଙ୍କବସ୍ପଷସ)ଙ୍କ ସଫଳତାର କାହାଣୀ ମଧ ଠିକ୍ ସେହିପରି। ପିଲାବେଳେ ପରିବାରକୁ ସାହାଯ୍ୟ କରିବା ପାଇଁ ମଇଁଷି ଚରାଉଥିବା ବନମତିଙ୍କ ଉପରେ ଦ୍ୱାଦଶ ଶ୍ରେଣୀରୁ ହିଁ ବିବାହ ପାଇଁ ଚାପ ପଡ଼ିଥିଲା। କିନ୍ତୁ ସେ ପଢ଼ା ଛାଡ଼ିନଥିଲେ। ଶେଷରେ ୟୁପିଏସ୍‌ସି ସିଭିଲ୍ ସର୍ଭିସ୍ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୧୫୨ତମ ରାଙ୍କ ହାସଲ କରି ଆଇଏଏସ୍ ହେବାର ସ୍ୱପ୍ନ ପୂରଣ କରିଥିଲେ।

**ମଇଁଷି ଚରାଇ ପରିବାରକୁ କରୁଥିଲେ ସାହାଯ୍ୟ**

ବନମତିଙ୍କ ପିଲାଦିନ ବେଶ୍ ସଂଘର୍ଷମୟ ଥିଲା। ତାଙ୍କ ବାପା ଜଣେ ଡ୍ରାଇଭର୍ ଥିଲେ ଓ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିଲା। ତେଣୁ ପଢ଼ା ସହିତ ବନମତିଙ୍କୁ ଘର କାମରେ ମଧ ହାତ ବଢ଼ାଇବାକୁ ପଡୁଥିଲା। ସେ ମଇଁଷି ଚରାଉଥିଲେ, ସେମାନଙ୍କ ପାଇଁ ଚାରା ଯୋଗାଡ଼ କରୁଥିଲେ। ଏତେ ସବୁ ସତ୍ତ୍ୱେ ପଢ଼ା ଛାଡ଼ିନଥିଲେ। ସୀମିତ ସମ୍ବଳ ମଧ୍ୟରେ ନିଜ ଭବିଷ୍ୟତକୁ ନେଇ ବଡ଼ ସ୍ୱପ୍ନ ଦେଖିଥିଲେ।



ବନମତି ଦ୍ୱାଦଶ ଶ୍ରେଣୀରେ ପଢୁଥିବା ସମୟରୁ ହିଁ ତାଙ୍କ ବିବାହକୁ ନେଇ ଆତ୍ମୀୟ ଓ ସମାଜ ପକ୍ଷରୁ ଚାପ ଆସିଥିଲା। ହେଲେ ବନମତିଙ୍କ ନିଷ୍ପତ୍ତି ସ୍ପଷ୍ଟ ଥିଲା—ପ୍ରଥମେ ପଢ଼ା, ପରେ ନିଜ ଗୋଡ଼ରେ ଠିଆ ହେବା। ସାମାଜିକ ଚାପ ଆଗରେ ସେ ନିଜ ସ୍ୱପ୍ନ ସହ ସାଲିସ କରିନଥିଲେ। ବନମତିଙ୍କ ଜୀବନରେ ଏକ ଟିଭି ଧାରାବାହିକ ମଧ ପ୍ରେରଣାର ଉତ୍ସ ପାଲଟିଥିଲା। ସ୍କୁଲ୍‌ରେ ପଢୁଥିବା ସମୟରେ ସେ 'ଗଙ୍ଗା ଯମୁନା ସରସ୍ୱତୀ' ନାମକ ଧାରାବାହିକ ଦେଖୁଥିଲେ। ସେଥିରେ ଜଣେ ମହିଳା ଆଇଏଏସ୍ ଅଫିସରଙ୍କ ଚରିତ୍ର ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ସ୍ୱପ୍ନ ପୂରଣ ପାଇଁ ବନମତି ଉଚ୍ଚଶିକ୍ଷା ଜାରି ରଖିଥିଲେ। ସେ କମ୍ପ୍ୟୁଟର ଆପ୍ଲିକେସନ୍‌ରେ ବିସିଏ କରିବା ପରେ ଏମ୍‌ସିଏ ମଧ ସମ୍ପୂର୍ଣ୍ଣ କରିଥିଲେ। ଏହାପରେ ୟୁପିଏସ୍‌ସି ସିଭିଲ୍ ସର୍ଭିସ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ଶେଷରେ ତାଙ୍କ ପରିଶ୍ରମର ଫଳ ମିଳିଥିଲା। ସିଭିଲ୍ ସର୍ଭିସ୍ ପରୀକ୍ଷାରେ ସେ ଅଲ୍ ଇଣ୍ଡିଆ ରାଙ୍କ ୧୫୨ ହାସଲ କରିଥିଲେ ଏବଂ ଆଇଏଏସ୍ ଅଧିକାରୀ ହେବାର ସ୍ୱପ୍ନକୁ ସାକାର କରିଥିଲେ। ମଇଁଷି ଚରାଇବାଠାରୁ ସିଭିଲ୍ ସର୍ଭିସ୍ ପର୍ଯ୍ୟନ୍ତ ବନମତିଙ୍କ ଯାତ୍ରା ଏକ କଥା ପ୍ରମାଣ କରେ—ବଡ଼ ସ୍ୱପ୍ନ ପାଇଁ କେବଳ ବଡ଼ ସମ୍ବଳ ନୁହେଁ, ଦୃଢ଼ ଇଚ୍ଛାଶକ୍ତି, ପରିଶ୍ରମ ଓ ଲକ୍ଷ୍ୟ ପ୍ରତି ଅଟଳତା ମଧ ସମାନ ଭାବେ ଜରୁରୀ।

# କଞ୍ଚା ଲଙ୍କାଠାରୁ ଶୁଖିଲା ଲଙ୍କା, କାହିଁକି ଏତେ ରାଗ ଜାଣନ୍ତୁ...

ରୋଷେଇ ପାଇଁ ବ୍ୟବହୃତ ମସଲା ମଧ୍ୟରେ ଲଙ୍କା ଏକ ଅତ୍ୟାବଶ୍ୟକ ମସଲା। ଏହା ବିନା ଖାଦ୍ୟ ସ୍ୱାଦହୀନ ଲାଗେ। ଅତି କମରେ ଭାରତୀୟମାନେ ସେମାନଙ୍କ ଦୈନନ୍ଦିନ ଖାଦ୍ୟରେ ଲଙ୍କା ବହୁଳ ଭାବରେ ବ୍ୟବହାର କରନ୍ତି। ଦକ୍ଷିଣ ଭାରତରେ ଲାଲ ଲଙ୍କା ବହୁତ ବ୍ୟବହୃତ ହୁଏ। ତଥାପି, ଟିକିଏ ମସଲାଯୁକ୍ତ ଲଙ୍କା ଖାଦ୍ୟର ସ୍ୱାଦ ବଢ଼ାଇଥାଏ। କିନ୍ତୁ ଲଙ୍କା ଲାଲ, ସବୁଜ କିମ୍ବା କଳା, ସମସ୍ତଙ୍କ ମଧ୍ୟରେ ଗୋଟିଏ ଜିନିଷ ସାଧାରଣ ଏବଂ ତାହା ହେଉଛି ମସଲା।

ଲଙ୍କା ଏତେ ମସଲାଯୁକ୍ତ ଯେ ଏହାକୁ ଖାଇବା ସମୟରେ ଆଖିରୁ ଲୁହ ଆସିଯାଏ। କିନ୍ତୁ ଆପଣ ଜାଣନ୍ତି କି ଲଙ୍କା ଏତେ ମସଲାଦାର କାହିଁକି ? ଲଙ୍କାରେ କ୍ୟାପସାଇସିନ ନାମକ ଏକ ଯୌଗିକ ଥାଏ, ଯାହା ଏହାର ମଞ୍ଜି ଅଂଶରେ ମିଳିଥାଏ। ଏହାକୁ ମସଲାଦାର କରିଥାଏ। ଏହି କାରଣରୁ, ଲଙ୍କା ବହୁତ ରାଗ ଲାଗିଥାଏ। ଯେତେବେଳେ ଆମେ ଲଙ୍କା ଖାଉ, କ୍ୟାପସାଇସିନ ଜିଭ ଏବଂ ଚର୍ମର ସ୍ନାୟୁଗୁଡ଼ିକୁ ପ୍ରଭାବିତ କରେ ଏବଂ ରକ୍ତରେ ସବଷ୍ଟେନ୍ସ ପି ନାମକ ଏକ ରାସାୟନିକ ପଦାର୍ଥ ନିର୍ଗତ କରେ, ଯାହା ଆମକୁ ରାଗ ଲାଗିଥାଏ।



ଆପଣ ନିଶ୍ଚୟ ଲକ୍ଷ୍ୟ କରିଥିବେ ଏବଂ ଅନୁଭବ କରିଥିବେ ଯେ ଲଙ୍କା ଖାଇବା ପରେ ପ୍ରଚୁର ପାଣି ପିଇବା ପରେ ମଧ ରାଗ କମେନାହିଁ। ଯଦି ଲଙ୍କା ଚର୍ମର କୌଣସି ସ୍ଥାନରେ ଲାଗିଯାଏ, ଏହାକୁ ଯେତେ ଧୋଇଲେ ବି ପୋଡାଜଳା ହୁଏ। କାରଣ କ୍ୟାପସାଇସିନ ଉପାଦାନ ପାଣିରେ ଦ୍ରବୀଭୂତ ହୁଏ ନାହିଁ। ଯଦି ଆପଣ ରାଗକୁ କମେଇବାକୁ ଚାହୁଁଛନ୍ତି ଏଥିପାଇଁ ଆପଣଙ୍କୁ ମହୁ, କ୍ଷୀର, ଦହି କିମ୍ବା ଚିନି ବ୍ୟବହାର କରିବା ଉଚିତ।



ଭାରତର ଲୋକମାନେ ମସଲାଯୁକ୍ତ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି, କିନ୍ତୁ ସବୁଠାରୁ ରାଗଲଙ୍କା ଆମେରିକାରେ ମିଳିଥାଏ। ଏହାର ନାମ କାରୋଲିନା ରିପର। ଏହି ଲଙ୍କା କ୍ୟାପସିକମ ପରି ଦେଖାଯାଏ। ଏହାର ନାମ ବିଶ୍ୱର ସବୁଠାରୁ ରାଗ ଲଙ୍କା ଭାବରେ ଗିନିଜ ୱାର୍ଲ୍ଡ ରେକର୍ଡରେ ଲିପିବଦ୍ଧ ହୋଇଛି। ଏବଂ ଯେକୌଣସି ଜିନିଷର ମସଲା ଝାଁଝ ଅର୍ଥାତ ସ୍କୋଭିଲ ହିଟ ୟୁନିଟ ମାଧ୍ୟମରେ ମାପ କରାଯାଏ। ସେଥିପାଇଁ ଡାକ୍ତରମାନେ କୁହନ୍ତି ଯେ ଆଜମା, ଅଲସର, ପାଇଲ୍ସ ଇତ୍ୟାଦି ରୋଗୀମାନେ ଲଙ୍କା ଖାଇବାରୁ ଦୂରେଇ ରହିବା ଉଚିତ, ନଚେତ ଏହା ଆପଣଙ୍କ ପାଇଁ ବହୁତ କ୍ଷତି କରିପାରେ।

# ଭାରତର ସବୁଠୁ ଶକ୍ତିଶାଳୀ ଗ୍ରାମ

ଦକ୍ଷିଣ ଦିଲ୍ଲୀ ଉପକଣ୍ଠସ୍ଥିତ ଛତ୍ରପୁର ଅଞ୍ଚଳରେ ଥିବା ଅସୋଲା-ଫତେହପୁର ବେରି ଗ୍ରାମକୁ ଭାରତର ସବୁଠାରୁ ଶକ୍ତିଶାଳୀ ଗ୍ରାମ କୁହାଯାଇଥାଏ। ଦେଶର ରାଷ୍ଟ୍ରୀୟ ରାଜଧାନୀରେ ଥିବା ନାଇଟ୍ କ୍ଲବ୍‌ଗୁଡ଼ିକରେ କାର୍ଯ୍ୟରତ ବାଉନ୍ସରଙ୍କ ଏକ ବଡ଼ ଅଂଶ ଏହି ଗ୍ରାମରୁ ଆସିଥାଏ। ତେଣୁ ଏହି ଗ୍ରାମକୁ ବାଉନ୍ସରଙ୍କ ହବ୍ ଭାବେ ମଧ କୁହାଯାଇଥାଏ। ସ୍ଥାନୀୟ ମଲ୍ଲଯୋଦ୍ଧା ବିଜୟ ତନ୍‌ୱର ଅଲିମ୍ପିକ୍ସରେ ଭାରତୀୟ କୁସ୍ତି ଦଳରେ ସ୍ଥାନ ପାଇବାରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ପରେ ସେ ଜଣେ ବାଉନ୍ସର ଭାବେ ନିଜ ଜୀବିକା ନିର୍ବାହ କରିଥିଲେ। ତାଙ୍କ ସଫଳତା ଅସୋଲା-ଫତେହପୁର ବେରି ଗାଁର ଅନ୍ୟ ଲୋକଙ୍କୁ ପ୍ରେରଣା ଦେଇଥିଲା। ସେମାନେ ମଧ ବାଉନ୍ସର ଭାବେ କାର୍ଯ୍ୟ କରି ନିଜ ଶାରୀରିକ ଶକ୍ତିକୁ ଜୀବିକାରେ ପରିଣତ କରିବାକୁ ନିଷ୍ପତ୍ତି ନେଇଥିଲେ। ବିଜୟ କହିଛନ୍ତି, ସେ ଅସୋଲା-ଫତେହପୁର ବେରି ଗ୍ରାମରୁ ପ୍ରଥମ ବାଉନ୍ସର ଥିଲେ। ପରେ ଗାଁର ଅନ୍ୟ ଯୁବକମାନେ ମଧ ତାଙ୍କ ପଥ ଅନୁସରଣ କରିବା ଆରମ୍ଭ କରିଥିଲେ। ଏବେ ଗାଁର ୩୦୦ରୁ ଅଧିକ ମଲ୍ଲଯୋଦ୍ଧା ଦିଲ୍ଲୀର ବିଭିନ୍ନ କ୍ଲବ୍ ଏବଂ ବାରଗୁଡ଼ିକରେ ବାଉନ୍ସର ଭାବେ କାର୍ଯ୍ୟ କରୁଛନ୍ତି। ସେ ଆହୁରି କହିଛନ୍ତି, ସ୍ୱାସ୍ଥ୍ୟ ହିଁ ଧନ, ସ୍ୱାସ୍ଥ୍ୟ ହିଁ ଧନ। ଏହି ଉକ୍ତି ଗାଁର ମୂଳମନ୍ତ୍ର ଭାବେ ପରିଣତ ହୋଇଛି। ଗ୍ରାମର ଯୁବପିଢ଼ି ବ୍ୟାୟାମ ଏବଂ କସରତ କରି କେବଳ ସୁସ୍ଥ ରହୁନାହାନ୍ତି ବରଂ ସେମାନେ ବାଉନ୍ସର ଭାବେ କାର୍ଯ୍ୟ କରି ଭଲ ଅର୍ଥ ମଧ ରୋଜଗାର କରୁଛନ୍ତି।





# ଓଲିଉଡ଼ର ଷ୍ଟାଇଲିଶ ଓ ଏନର୍ଜେଟିକ୍ ଅଭିନେତା: ଆକାଶ ହୋତା



**ଓଡ଼ିଶା ନିଶବ୍ଦ (ମୁକେଶ ରାମ ରିପୋର୍ଟ)** : ଓଲିଉଡ଼ ଜଗତରେ ନିଜର ନିଆରା ଅଭିନୟ ଶୈଳୀ, ଷ୍ଟାଇଲ୍ ଓ ଏନର୍ଜି ମାଧ୍ୟମରେ ଦର୍ଶକଙ୍କ ମନରେ ନିଜସ୍ୱ ପରିଚୟ ତିଆରି କରିପାରିଛନ୍ତି ଅଭିନେତା ଆକାଶ ହୋତା। ଅଭିନୟ ପ୍ରତି ତାଙ୍କର ଆଗ୍ରହ ଓ ନିଷ୍ଠା ତାଙ୍କୁ ଧୀରେ ଧୀରେ ଓଡ଼ିଆ ମନୋରଞ୍ଜନ ଜଗତରେ ଏକ ପରିଚିତ ଚେହେରାରେ ପରିଣତ କରିଛି।



*ଆକାଶ ନିଜର ଅଭିନୟ ଯାତ୍ରା ଆରମ୍ଭ କରିଥିଲେ 'ତୋ ପାଦରେ ଅଳତା କହୁଚି' ମ୍ୟୁଜିକ୍ ଭିଡିଓରୁ। ଏହା ପରେ ଅନେକ ମ୍ୟୁଜିକ୍ ଭିଡିଓ, ଟେଲିଫିଲ୍ମ ଓ ୱେବ୍ ସିରିଜ୍‌ରେ ଅଭିନୟ କରି ସେ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଛୋଟ ପରଦାରୁ ଆରମ୍ଭ ହୋଇଥିବା ତାଙ୍କ ଯାତ୍ରା ପରେ ବଡ଼ ପରଦାରେ ପହଞ୍ଚିଛି।*

ଆକାଶ ନିଜର ଅଭିନୟ ଯାତ୍ରା ଆରମ୍ଭ କରିଥିଲେ 'ତୋ ପାଦରେ ଅଳତା କହୁଚି' ମ୍ୟୁଜିକ୍ ଭିଡିଓରୁ। ଏହା ପରେ ଅନେକ ମ୍ୟୁଜିକ୍ ଭିଡିଓ, ଟେଲିଫିଲ୍ମ ଓ ୱେବ୍ ସିରିଜ୍ ?ରେ ଅଭିନୟ କରି ସେ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି। ଛୋଟ ପରଦାରୁ ଆରମ୍ଭ ହୋଇଥିବା ତାଙ୍କ ଯାତ୍ରା ପରେ ବଡ଼ ପରଦାରେ ପହଞ୍ଚିଛି।

'ହେ କୃଷ୍ଣ', 'ଦଶମ', 'ଘମାଘୋଟ' ଓ 'ଯଦି' ଭଳି ଓଡ଼ିଆ ସିନେମାରେ ଆକାଶ ନିଜ ଅଭିନୟର ଛାପ ଛାଡ଼ିଛନ୍ତି। ପ୍ରତ୍ୟେକ ଭୂମିକାରେ ନିଜକୁ ଭିନ୍ନ ଢଙ୍ଗରେ ଉପସ୍ଥାପନ କରିବାର ପ୍ରୟାସ ତାଙ୍କୁ ଦର୍ଶକଙ୍କ ନିକଟରେ ଆହୁରି ପରିଚିତ କରାଇଛି। ଏବେ ଆକାଶଙ୍କ ଆଗାମୀ ସିନେମା 'ମଧୁମାଳତୀ'କୁ ନେଇ ମଧ୍ୟ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଦେଖାଯାଉଛି। ଏହି ସିନେମାରେ ସେ ଭୂମିକାଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିବେ। ନୂଆ ଯୋଡ଼ି ଓ କାହାଣୀକୁ ନେଇ ଦର୍ଶକଙ୍କ ଆଗ୍ରହ ବଢ଼ିଛି।

କେବଳ ଅଭିନୟ ନୁହେଁ, ଗୀତ ଗାଇବାକୁ ମଧ୍ୟ ଆକାଶ ପସନ୍ଦ କରନ୍ତି। ତାଙ୍କ କଳାତ୍ମକ ଯାତ୍ରାରେ ପରିବାରର ସମର୍ଥନ ମଧ୍ୟ ଏକ ବଡ଼ ଶକ୍ତି ହୋଇଛି। ବାପାଙ୍କ ଦେହାନ୍ତ ପରେ ବଡ଼ ଭାଇ ତାଙ୍କୁ ଆଗକୁ ବଢ଼ିବାରେ ସମ୍ପୂର୍ଣ୍ଣ ସାହାଯ୍ୟ ଓ ସହଯୋଗ କରିଥିବା କଥା ଆକାଶଙ୍କ ଯାତ୍ରାର ଏକ ଭାବପ୍ରବଣ ଅଧ୍ୟାୟ।

ଆଜି ଆକାଶ ହୋତାଙ୍କ ସଫଳତା ପଛରେ ପରିବାରର ଆଶୀର୍ବାଦ, ନିଜର ପରିଶ୍ରମ ଓ ଦର୍ଶକ-ପ୍ରଶଂସକଙ୍କ ଭଲପାଇବା ରହିଛି। ଆଗାମୀ ଦିନରେ ଓଡ଼ିଆ ସିନେମା ଜଗତରେ ଆହୁରି ଭଲ ଭୂମିକା ମାଧ୍ୟମରେ ନିଜର ପରିଚୟକୁ ଆହୁରି ମଜବୁତ କରିବା ଦିଗରେ ଆକାଶଙ୍କ ଯାତ୍ରା ଜାରି ରହିଛି।

# ଚର୍ଚ୍ଚାରେ ମନୋଜଙ୍କ ଲୁକ୍, ପରଦାକୁ ଆସିବ ଆଗ୍ନେ-ମିନଲଙ୍କ ପ୍ରେମ ଓ ବିବାହ କାହାଣୀ



**ଭୁବନେଶ୍ୱର:** ଏଥର ପୂଜା ବଜାରକୁ ଆସିବ ବେଶ କେତୋଟି ଓଡ଼ିଆ ଛବି। ତେବେ ଏଥିମଧ୍ୟରୁ ନିଆରା ରହିଛି 'ଏଡବ୍ଲୁଏମ୍'। ଆଗ୍ନେ ୱେଡ୍ସ ମିନଲ୍ ହେଉଛି ଏହାର ସବଟାଇଟଲ୍। ବେଶ କିଛିଦିନର ବ୍ୟବଧାନରେ ଚଳିତବର୍ଷ ଚର୍ଚ୍ଚିତ ଅଭିନେତା ମନୋଜ ମିଶ୍ରଙ୍କ ଅଭିନୀତ ଏକ ସିନେମା ବଡ଼ ପରଦାକୁ ଆସିବ। ଏହି ସିନେମାରେ ମନୋଜଙ୍କ ଲୁକ୍ ବେଶ୍ ଚର୍ଚ୍ଚାରେ ରହିଛି।

ରିଷଭଅଗ୍ରୱାଲଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ମନୋଜ ମିଶ୍ରଙ୍କ ବିପକ୍ଷରେ ପ୍ରଥମଥର ଲାଗି ନଜର ଆସିବେ ଜଣାଶୁଣା ନାୟିକା ଅର୍ଲିନ୍ ଅଙ୍କିତାଙ୍କୁ। ଏହାଛଡ଼ା ଏଥିରେ ଉଷସୀ ମିଶ୍ର ଓ ଶକ୍ତି ବରାଳ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେଅଛନ୍ତି। ବାସ୍ତବ ଦମ୍ପତିଙ୍କ ଏକ ନିଆରା ପ୍ରେମକାହାଣୀ ଉପରେ ଏହାର କଥାବସ୍ତୁ ପ୍ରେରିତ ବୋଲି କୁହାଯାଉଛି। ଏଥିରେ ଆଗ୍ନେ ଏବଂ ମିନଲଙ୍କ ପ୍ରେମ ଓ ପରେ ବୈବାହିକ ଜୀବନର ଯାତ୍ରାକୁ ଦର୍ଶାଇଛନ୍ତି ଲେଖକ-ନିର୍ଦ୍ଦେଶକ ରିଷଭ ଅଗ୍ରୱାଲ୍।

କାହାଣୀ ଅନୁଯାୟୀ, ଆଗ୍ନେ ଜଣେ ଦିବ୍ୟାଙ୍ଗ ଓ ମିନଲ ଜଣେ ସାଧାରଣ ଯୁବତୀ। ଉଭୟେ ଭଲ ପାଇ ବାହା ହୁଅନ୍ତି। କିନ୍ତୁ ପରେ ଉଭୟଙ୍କ ଭିତରେ ଏକ ନିର୍ଦ୍ଦିଷ୍ଟ ଘଟଣାକୁ ନେଇ ମତାନ୍ତର ଓ ମନାନ୍ତର ଘଟେ।କଥା ଛାଡ଼ପତ୍ର ଯାଏ ପହଞ୍ଚେ। ଆଉ ତାପରେ କ'ଣ ଘଟେ, ତାହା ଜାଣିବାକୁ ଆପଣଙ୍କୁ 'ଏଡବ୍ଲୁଏମ୍'ର ରିଲିଜ୍ ଯାଏ ଅପେକ୍ଷା କରିବାକୁ ପଡ଼ିବ। ମନୋଜ ମିଶ୍ର, ମମତା ନନ୍ଦ ଓ ରିଷଭ ଅଗ୍ରୱାଲ୍ ଏହାର ପ୍ରଯୋଜକ। ମନୋଜ ମିଶ୍ର ଫିଲ୍ମସ୍, ଶାଲୋମ୍‌ଫିଲ୍ମସ୍ ଏବଂ ଭବ୍ୟ ଫିଲ୍ମସ୍ ଦ୍ୱାରା ପ୍ରସ୍ତୁତ 'ଏଡବ୍ଲୁଏମ୍'ର ରିଲିଜ୍ ତାରିଖ ଅବଶ୍ୟ ଘୋଷଣା କରାଯାଇନାହିଁ।

# ଜାପାନରେ ଅର୍ଶଦୀପଙ୍କ ଖୋଲା ପ୍ରେମ



**ଜାପାନ :** ଏସୀୟ କ୍ରୀଡ଼ାରେ ଭାରତୀୟ ପୁରୁଷ କ୍ରିକେଟ୍ ଦଳର ଅଭିଯାନ ଏପର୍ଯ୍ୟନ୍ତ ମଇଦାନରେ ଆରମ୍ଭ ହୋଇପାରିନାହିଁ। କ୍ୱାର୍ଟରଫାଇନାଲ୍‌ରୁ ଅଭିଯାନ ଆରମ୍ଭ କରିବାକୁ ଥିବା ଶ୍ରେୟସ ଆୟରଙ୍କ ଦଳର ମ୍ୟାଚ୍ ବର୍ଷା କାରଣରୁ ଧୋଇଯାଇଥିଲା। ତେବେ ମାନ୍ୟତା ଆଧାରରେ ଭାରତ ସିଧାସଳଖ ସେମିଫାଇନାଲ୍‌ରେ ପହଞ୍ଚିଯାଇଛି।

ମ୍ୟାଚ୍ ନ ହେବା ଯୋଗୁଁ ମିଳିଥିବା ଏହି ଅପ୍ରତ୍ୟାଶିତ ବିରତିକୁ ନିଜ ଢଙ୍ଗରେ ଉପଭୋଗ କରୁଛନ୍ତି ଭାରତୀୟ ଦଳର ବାମହାତି ଦ୍ରୁତ ବୋଲର ଅର୍ଶଦୀପ ସିଂହ। ସାଧାରଣତଃ ନିଜ ବ୍ୟକ୍ତିଗତ ଜୀବନକୁ ସାମାଜିକ ଗଣମାଧ୍ୟମରେ ଅଧିକ ପ୍ରକାଶ କରୁନଥିବା ଅର୍ଶଦୀପ ଏଥର ଜାପାନରେ ପ୍ରେମିକା ସମରୀନ୍ ? କୌରଙ୍କ ସହ କାଟିଥିବା କିଛି ରୋମାଣ୍ଟିକ ମୁହୂର୍ତ୍ତକୁ ପ୍ରଶଂସକଙ୍କ ସହ ଭାଗ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ସେୟାର କରାଯାଇଥିବା ଫଟୋଗୁଡ଼ିକରେ ଅର୍ଶଦୀପ ଓ ସମରୀନ୍‌ଙ୍କୁ ଜାପାନର ବିଭିନ୍ନ ସ୍ଥାନରେ ଏକାଠି ସମୟ କାଟୁଥିବା ଦେଖିବାକୁ ମିଳିଛି। ଫଟୋ ସହ ଅର୍ଶଦୀପ ଲେଖିଛନ୍ତି, 'କୋନିଚିୱା, ସି ଇଜ୍ ମାଇଁ ଡିଭା।' ଜାପାନୀ ଭାଷାରେ 'କୋନିଚିୱା'ର ଅର୍ଥ 'ହେଲୋ' ହୋଇଥିବା ବେଳେ, 'ସି ଇଜ୍ ମାଇଁ ଡିଭା' ଜରିଆରେ ସମରୀନ୍‌ଙ୍କ ପ୍ରତି ନିଜ ଭଲପାଇବାକୁ ଖୋଲାଖୋଲି ପ୍ରକାଶ କରିଛନ୍ତି ଅର୍ଶଦୀପ।

# 'ଗେମ୍ ଓଭର'ର 'ଯନ୍ତାଳ' ଗୀତକୁ ନେଇ ଚର୍ଚ୍ଚା, ଦଶହରାରେ ପରଦାକୁ ଆସିବ ଓଡ଼ିଆ ସିନେମା




**ଭୁବନେଶ୍ୱର:** ଓଡ଼ିଆ ସିନେଜଗତରେ ଆଉ ଏକ ନୂଆ ସିନେମାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି। ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ପକ୍ଷରୁ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ଗେମ୍ ଓଭର' ଏବେ ଚର୍ଚ୍ଚାରେ। ବିଶେଷକରି ଏହି ସିନେମାର ଗୀତ 'ଯନ୍ତାଳ' ଦର୍ଶକଙ୍କ ମଧ୍ୟରେ ଆକର୍ଷଣ ସୃଷ୍ଟି କରିଥିବା ବେଳେ ସାରା ଓଡ଼ିଶାରେ ଏହାକୁ ନେଇ ଚର୍ଚ୍ଚା ଦେଖିବାକୁ ମିଳୁଛି।

ସିନେମାରେ ମୁଖ୍ୟ ଭୂମିକାରେ ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁ, ସୁପ୍ରିୟା ନାୟକ ଓ ଉର୍ବଶୀ ଚୌହାନ ଅଭିନୟ କରିଛନ୍ତି। ସେହିପରି କୁନା ତ୍ରିପାଠୀ, ଜୀବନ ପଣ୍ଡା, ତ୍ରିଭୁବନ ପଣ୍ଡା, ଉଦିତ ଗୁରୁ ଏବଂ ପ୍ରୀତିରାଜନ ପ୍ରଧାନଙ୍କ ଭଳି କଳାକାରଙ୍କ ଅଭିନୟ ମଧ୍ୟ ଦର୍ଶକଙ୍କୁ ଦେଖିବାକୁ ମିଳିବ। ଆକ୍ସନ, ରୋମାନ୍ସ ଓ କମେଡିର ସମନ୍ୱୟରେ ନିର୍ମିତ ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ଭିନ୍ନ ଧରଣର ମନୋରଞ୍ଜନ ଦେବ ବୋଲି ନିର୍ମାଣ ଟିମ୍ ଆଶା ରଖିଛି। 'ଗେମ୍ ଓଭର'ର ପ୍ରଯୋଜନା ଭାର ନିଜେ ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁ ନେଇଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ରାଜା ଡି। ଚଳଚ୍ଚିତ୍ରର ଡିଓପି ଭାବେ ମନୋଜ ଖାଟୋଇ ଦାୟିତ୍ୱ ତୁଲାଇଛନ୍ତି। ଗୀତ ରଚନା କରିଛନ୍ତି ମନୋଜ କୁମାର ପଣ୍ଡା ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ୍ ତ୍ରିପାଠୀ। ସୂଚନା ଅନୁସାରେ, ଦଶହରା ବଜାରକୁ ନଜରରେ ରଖି ସିନେମାଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାର ଯୋଜନା ରହିଛି। ମୁକ୍ତିଲାଭ ପୂର୍ବରୁ 'ଯନ୍ତାଳ' ଗୀତକୁ ମିଳୁଥିବା ପ୍ରତିକ୍ରିୟା ଫିଲ୍ମକୁ ନେଇ ଦର୍ଶକଙ୍କ ଆଗ୍ରହ ବଢ଼ାଇଛି। ଦଶହରା ଅବସରରେ 'ଗେମ୍ ଓଭର' ଦର୍ଶକଙ୍କ ମନୋରଞ୍ଜନରେ କେତେ ଦୂର ସଫଳ ହେବ, ତାହା ମୁକ୍ତି ପରେ ହିଁ ସ୍ପଷ୍ଟ ହେବ।

**ଦଶହରା ବଜାରକୁ ନଜରରେ ରଖି ସିନେମାଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାର ଯୋଜନା ରହିଛି। ମୁକ୍ତିଲାଭ ପୂର୍ବରୁ 'ଯନ୍ତାଳ' ଗୀତକୁ ମିଳୁଥିବା ପ୍ରତିକ୍ରିୟା ଫିଲ୍ମକୁ ନେଇ ଦର୍ଶକଙ୍କ ଆଗ୍ରହ ବଢ଼ାଇଛି।**

# ଟ୍ରକ୍ ଡ୍ରାଇଭରଙ୍କ ଝିଅ ରଚିଲେ ଇତିହାସ

## ଭାଙ୍ଗିଲେ ପି.ଟି. ଉଷାଙ୍କ ରେକର୍ଡ




**ନୂଆଦିଲ୍ଲୀ :** ଏସିଆନ୍ ଗେମ୍ସ ୨୦୨୬ର ମହିଳା ୪୦୦ ମିଟର ହର୍ଡଲ୍ସ ରେ ଭାରତର ଭିଥ୍ୟା ରାମରାଜ୍ ଦେଶ ପାଇଁ ବ୍ରୋଞ୍ଜ ପଦକ ହାସଲ କରି ଇତିହାସ ରଚିଛନ୍ତି । ମାତ୍ର ୫୪.୭୫ ସେକେଣ୍ଡରେ ରେସ୍ ଶେଷ କରି ୨୮ ବର୍ଷୀୟା ଭିଥ୍ୟା ଏହି ସଫଳତା ହାସଲ କରିଛନ୍ତି । ଏହି ଇଭେଣ୍ଟରେ ୟୁଏଇର ମରିୟମ କରିମ୍ ୫୪.୩୧ ସେକେଣ୍ଡର ଖେଳ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ କାଜାଖସ୍ତାନର ଏଡେଲିନା ଜେମ୍ସ ୫୪.୫୮ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ଅକ୍ତିଆର କରିଛନ୍ତି ଏବଂ ଭିଥ୍ୟା ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ନିଜ ନାମରେ କରିଛନ୍ତି ।

ଏହି ଐତିହାସିକ ଦୌଡ଼ ସହିତ ଭିଥ୍ୟା ୪୦୦ ମିଟର ହର୍ଡଲ୍ସ ରେସର ଜାତୀୟ ରେକର୍ଡ ମଧ୍ୟ ଭାଙ୍ଗି ଦେଇଛନ୍ତି । ଏହି ରେକର୍ଡ ଦୀର୍ଘ ୪୨ ବର୍ଷ ଧରି ଭାରତର କିମ୍ବଦନ୍ତୀ ଧାବିକା ପି.ଟି. ଉଷାଙ୍କ ନାମରେ ରହିଥିଲା । ପି.ଟି. ଉଷା ୧୯୮୪ ମସିହା ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସରେ ୫୫.୪୨ ସେକେଣ୍ଡ ସମୟ ନେଇ ଏହି ଜାତୀୟ ରେକର୍ଡ ସ୍ଥାପନ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ପି.ଟି. ଉଷା ବର୍ତ୍ତମାନ ଭାରତୀୟ ଅଲିମ୍ପିକ୍ ଆସୋସିଏସନର ସଭାପତି ଅଛନ୍ତି ଏବଂ ଏସିଆନ୍ ଗେମ୍ସ ପାଇଁ ସେ ନିଜେ ଜାପାନରେ ଉପସ୍ଥିତ ଅଛନ୍ତି ।

ଚଳିତ ଏସିଆନ୍ ଗେମ୍ସରେ ଭିଥ୍ୟାଙ୍କର ଏହା ଦ୍ୱିତୀୟ ପଦକ ଅଟେ। ଏହା ପୂର୍ବରୁ ସେ ୪ ଗୁଣନ ୪୦୦ ମିଟର ମିକ୍ସଡ୍ ରିଲେ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ। ଏହି ୪୦୦ ମିଟର ହର୍ଡଲ୍ସ ଫାଇନାଲରେ ଭାରତର ଅନ୍ୟତମ ଆଥଲେଟ୍ ଅନୁ ରାଘବନ ୫୫.୮୮ ସେକେଣ୍ଡର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହ ପଞ୍ଚମ ସ୍ଥାନରେ ରହିଥିଲେ। ଏସିଆନ୍ ଗେମ୍ସ ଇତିହାସରେ ଭିଥ୍ୟାଙ୍କର ଏହା ମୋଟ ଉପରେ ପଞ୍ଚମ ପଦକ। ପୂର୍ବରୁ ୨୦୨୨ ଏସିଆନ୍ ଗେମ୍ସରେ ସେ ୪୦୦ ମିଟର ହର୍ଡଲ୍ସରେ ବ୍ରୋଞ୍ଜ ପଦକ ଜିତିବା ସହ ୪ ଗୁଣନ ୪୦୦ ମିଟର ମହିଳା ଓ ମିକ୍ସଡ୍ ରିଲେ ଦଳରେ ରହି ରୌପ୍ୟ ପଦକ ହାସଲ କରିଥିଲେ ।

# ସୌରଭଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଆଶ୍ୱସ୍ତି: ୧୪.୪୯କୋଟିର ଆର୍ବିଟ୍ରାଲ ଆୱାର୍ଡ ବିରୋଧରେ ଆବେଦନ ଖାରଜ



କୋଲକାତା :ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ବିସିସିଆଇର ପୂର୍ବତନ ସଭାପତି ସୌରଭ ଗାଙ୍ଗୁଲିଙ୍କୁ ସୁପ୍ରିମକୋର୍ଟରୁ ଏକ ବଡ଼ ଆଶ୍ୱସ୍ତି ମିଳିଛି । ଗାଙ୍ଗୁଲିଙ୍କ ସପକ୍ଷରେ ପ୍ରଦାନ କରାଯାଇଥିବା ୧୪.୪୯ କୋଟି ଟଙ୍କାର ଆର୍ବିଟ୍ରାଲ ଆୱାର୍ଡକୁ ଚ୍ୟାଲେଞ୍ଜ କରି 'ପରସେପ୍ଟ ଟ୍ୟାଲେଣ୍ଟ ମ୍ୟାନେଜମେଣ୍ଟ' ପକ୍ଷରୁ ଦାଏର ହୋଇଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚି ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ କଲିକତା ହାଇକୋର୍ଟଙ୍କ ରାୟରେ ହସ୍ତକ୍ଷେପ କରିବାକୁ ମନା କରିବା ସହ ଗାଙ୍ଗୁଲିଙ୍କ ଆଶ୍ୱସ୍ତିକୁ କାଏମ ରଖିଛନ୍ତି ।

ଏହି ବିବାଦ ବର୍ଷ ୨୦୦୩ରେ ହୋଇଥିବା ଏକ 'ପ୍ଲେୟାର ରିପ୍ରେଜେଣ୍ଟେସନ ଏଗ୍ରିମେଣ୍ଟ' ସହ ଜଡ଼ିତ ଥିଲା । ଏହି ଚୁକ୍ତିନାମା ଅନୁଯାୟୀ, ଗାଙ୍ଗୁଲିଙ୍କ ବ୍ୟବସାୟିକ ତଥା ବିଜ୍ଞାପନ ସମ୍ବନ୍ଧୀୟ ପ୍ରଚାର ଅଧିକାରର ପରିଚାଳନା ଦାୟିତ୍ୱ ପରସେପ୍ଟ କମ୍ପାନୀକୁ ହସ୍ତାନ୍ତର କରାଯାଇଥିଲା। ତେବେ ଆଇପିଏଲ୍ ଫ୍ରାଞ୍ଚାଇଜି କୋଲକାତା ନାଇଟ୍ ରାଇଡର୍ସରୁ ଗାଙ୍ଗୁଲିଙ୍କୁ ମିଳିଥିବା ପାରିଶ୍ରମିକକୁ ମଧ୍ୟ ଉଭୟ ପକ୍ଷଙ୍କ ରାଜସ୍ୱ ବଣ୍ଟନ ଚୁକ୍ତି ପରିସରଭୁକ୍ତ କରାଯିବା ଉଚିତ ବୋଲି କମ୍ପାନୀ ଦାବି କରିଥିଲା।

ପରସେପ୍ଟ ପକ୍ଷରୁ ବରିଷ୍ଠ ଆଇନଜୀବୀ ନକୁଲ ଦିୱାନ କୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ ଚୁକ୍ତିର ସର୍ତ୍ତାବଳୀ ବେଶ୍ ବ୍ୟାପକ ଥିଲା ଏବଂ ଆର୍ବିଟ୍ରାଲ ଟ୍ରିବ୍ୟୁନାଲ ଏହି ଚୁକ୍ତିନାମାର ସଠିକ୍ ବ୍ୟାଖ୍ୟା କରିନାହାନ୍ତି। ତେବେ ଶୁଣାଣି ବେଳେ ଏହି ଯୁକ୍ତି ଉପରେ ପ୍ରଶ୍ନ ଉଠାଇ ଜଷ୍ଟିସ ଜୟମାଲ୍ୟ ବାଗଚି କହିଥିଲେ ଯେ, ଜଣେ ଖେଳାଳି କୌଣସି ଫ୍ରାଞ୍ଚାଇଜି ଦଳ ସହିତ ପେଶାଦାର ଭାବେ ଖେଳିବା ପାଇଁ ଯୋଡ଼ି ହେବା ଏବଂ ବିଜ୍ଞାପନ ବା ପ୍ରଚାର କାର୍ଯ୍ୟକଳାପରେ ଭାଗ ନେବା ସମ୍ପୂର୍ଣ୍ଣ ଭିନ୍ନ ବିଷୟ ଅଟେ।

ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ ଆର୍ବିଟ୍ରାଲ ଟ୍ରିବ୍ୟୁନାଲ ଏବଂ କଲିକତା ହାଇକୋର୍ଟ ଉଭୟଙ୍କ ନିଷ୍କର୍ଷ ସମାନ ରହିଛି, ତେଣୁ ଏଥିରେ ହସ୍ତକ୍ଷେପ କରିବାର କୌଣସି ଆଧାର ନାହିଁ । ସୂଚନାଯୋଗ୍ୟ ଯେ, ପୂର୍ବରୁ ଆର୍ବିଟ୍ରାଲ ଟ୍ରିବ୍ୟୁନାଲ ସୌରଭ ଗାଙ୍ଗୁଲିଙ୍କ ସପକ୍ଷରେ ୧୪.୪୯ କୋଟି ଟଙ୍କା, ତାହା ଉପରେ ବାର୍ଷିକ ୧୨ ପ୍ରତିଶତ ହାରରେ ସୁଧ ଏବଂ ମକଦ୍ଦମା ଖର୍ଚ୍ଚ ବାବଦକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ, ଯାହାକୁ ଏବେ ସୁପ୍ରିମକୋର୍ଟ ବଳବତ୍ତର ରଖିଛନ୍ତି।

# ଏସିଆନ୍ ଗେମ୍ସ: ଆର୍ଚ୍ଚେରୀରେ ଭାରତକୁ ଜବରଦସ୍ତ ଗୋଲ୍ଡ !



**ନୂଆଦିଲ୍ଲୀ :** ଏସିଆନ୍ ଗେମ୍ସରେ ଭାରତର ଗୋଲଡେନ୍ ଆରମ୍ଭ । ଆର୍ଚ୍ଚେରୀରେ ଦମଦାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ଜିତିଛି ଭାରତୀୟ ମହିଳା କମ୍ପାଉଣ୍ଡ ଟିମ୍ । ଜ୍ୟୋତି ସୁରେଖା ଭେନ୍ନମ୍, ଚିକ୍ଷିତା ତନିପାର୍ଥୀ ଏବଂ ପୃଥିକା ପ୍ରଦୀପଙ୍କ ତ୍ରିମୂର୍ତ୍ତି ଚୀନ୍‌କୁ ହରାଇ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଆଣିଛନ୍ତି । ଆଉ ଏହି ବିଜୟରେ ରହିଛି ଅଭିଜ୍ଞତା, ଯୁବ ଉତ୍ସାହ ଓ ଜବରଦସ୍ତ ଟିମ୍‌ୱର୍କର ଚମତ୍କାର ମିଶ୍ରଣ । ଜ୍ୟୋତି ସୁରେଖା ଭେନ୍ନମ୍‌ଙ୍କ ପାଇଁ ଏହି ସ୍ୱର୍ଣ୍ଣ ବେଶ୍ ଖାସ୍ । ୨୦୨୩ ଏସିଆନ୍ ଗେମ୍ସରେ ଜ୍ୟୋତି ମହିଳା ବ୍ୟକ୍ତିଗତ, ମହିଳା ଟିମ୍ ଓ ମିକ୍ସଡ୍ ଟିମ୍—ତିନୋଟି ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ । କିନ୍ତୁ ଚଳିତ ଏସିଆନ୍ ଗେମ୍ସରେ ମହିଳା ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟରେ ୧୪ ବର୍ଷୀୟ କୋରିଆନ୍ ଆର୍ଚ୍ଚର୍ କାଙ୍ଗ୍ ୟୋନ୍-ସିଓଙ୍କଠାରୁ ପରାସ୍ତ ହୋଇଥିଲେ । ତେଣୁ ଟିମ୍ ଇଭେଣ୍ଟର ସ୍ୱର୍ଣ୍ଣ ତାଙ୍କ ପାଇଁ ଏକ ଦମଦାର ପ୍ରତ୍ୟାବର୍ତ୍ତନ ଭାବେ ଆସିଛି ।

ଅନ୍ୟପଟେ ଚିକ୍ଷିତା ତନିପାର୍ଥୀଙ୍କ କାହାଣୀ ମଧ୍ୟ ପ୍ରେରଣାଦାୟକ । କୃଷକ ପରିବାରରୁ ଆସିଥିବା ଚିକ୍ଷିତାଙ୍କୁ ତାଙ୍କ ବାପା ଛୋଟବେଳେ ଆର୍ଚ୍ଚେରୀ ପାଇଁ ପ୍ରେରଣା ଦେଇଥିଲେ । ୨୦୨୫ରେ ୱାର୍ଲ୍ଡ ଆର୍ଚ୍ଚେରୀ ଯୁଥ୍ ଚାମ୍ପିଅନସିପ୍‌ରେ ଅଣ୍ଡର-୨୧ ମହିଳା ବ୍ୟକ୍ତିଗତ ସ୍ୱର୍ଣ୍ଣ ଜିତି ସେ ଇତିହାସ ରଚିଥିଲେ । ପୃଥିକା ପ୍ରଦୀପ ମଧ୍ୟ ସ୍କୁଲ୍‌ରେ ପଢୁଥିବା ସମୟରେ ଶୌକ ଭାବେ ଆର୍ଚ୍ଚେରୀ ଆରମ୍ଭ କରିଥିଲେ । ପରେ ପରିବାରର ସମର୍ଥନ ଓ ନିୟମିତ ପ୍ରଶିକ୍ଷଣ ତାଙ୍କୁ ଅନ୍ତର୍ଜାତୀୟ ସ୍ତରର ଖେଳାଳି କରିଛି ।

ଫାଇନାଲରେ ଚୀନ୍ ବିରୋଧରେ ଭାରତର ପ୍ରଦର୍ଶନ ଥିଲା ଏକତରଫା । ପ୍ରଥମ ଏଣ୍ଡ୍‌ରେ ଭାରତ ୬୦-୫୮ରେ ଆଗୁଆ ହୋଇଥିଲା । ଦ୍ୱିତୀୟ ଏଣ୍ଡ୍‌ରେ ମଧ୍ୟ ୬୦-୫୮ରେ ଜିତି ଭାରତ ନିଜର ଲିଡ୍ ବଜାୟ ରଖିଥିଲା । ଶେଷ ଏଣ୍ଡ୍‌ରେ ଚୀନ୍ ଚାପରେ ଦୁଇଟି ୯ ସ୍କୋର କରିଥିବାବେଳେ ଭାରତୀୟ ଖେଳାଳିମାନେ ଦେଖାଇଥିଲେ ଅସାଧାରଣ ନିଶାନା । ଶେଷ ଏଣ୍ଡ୍‌ରେ ଭାରତ ମାରିଥିଲା ଛଅଟି ପର୍ଫେକ୍ଟ ୧୦। ଏହା ସହ ଚୀନ୍‌କୁ ପଛରେ ପକାଇ ଭାରତ ହାତେଇଛି ସ୍ୱର୍ଣ୍ଣ । ଏହି ବିଜୟ ସହ ଭାରତ ଟାଇଟଲ୍ ବଜାୟ ରଖିବା ସହ ବିଶ୍ୱ ରେକର୍ଡ ସହ ସମକକ୍ଷ ହୋଇଛି । ଜ୍ୟୋତିଙ୍କ ଅଭିଜ୍ଞତା, ଚିକ୍ଷିତା ଓ ପୃଥିକାଙ୍କ ଯୁବ ଉତ୍ସାହ ଏବଂ ତିନି ଖେଳାଳିଙ୍କ ନିଖୁଣ ନିଶାନା ଭାରତକୁ ଦେଇଛି ଏହି ଗୋଲଡେନ୍ ଆରମ୍ଭ ।

Executive Editor : M.M. RAM
Editor : MUKESH RAM
Published & Owned by MUKESH RAM, Bolck B-6, Hi-Tech Plaza, Apartment, Sundarpada, Po.: Kuha, Khordha, Odisha-751002
Printed at : CHANDAN PRINTERS, Plot No. -3, Gopabandhu Chhaka, Unit-8, Bhubaneswar, Khordha, Odisha-541003
କାର୍ଯ୍ୟନିର୍ବାହୀ ସମ୍ପାଦକ: ଏମ୍.ଏମ୍. ରାମ
ସମ୍ପାଦକ : ମୁକେଶ ରାମ